ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୬୬
୨୩ ନଭେମ୍ବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 166
23rd November, 2025 Sunday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


**ନୀତି ବାଣୀ**

ଜାନୀୟାତ୍ ପ୍ରେଷଣେ ଭୃତ୍ୟାନ୍ ବାନ୍ଧବାନ୍ ବ୍ୟସନାଗମେ
ମିତ୍ରଂ ଚାପଦି କାଳେ ଚ ଭାର୍ଯ୍ୟାଂ ଚ ବିଭବକ୍ଷୟେ ।

କାର୍ଯ୍ୟ ସାଧନରେ ଭୃତ୍ୟର ବ୍ୟବହାର, ବିପଦ ସମୟରେ ବନ୍ଧୁର ବନ୍ଧୁତା, ଆପଦ କାଳରେ ମିତ୍ରର ମିତ୍ରତା ଓ ଧନହାନି ପରେ ସ୍ତ୍ରୀର ଆତ୍ମୀୟତା ଜଣା ପଡ଼ିଥାଏ ।

### ସୃଷ୍ଟି ହେଲା ନୂତନ ଲଘୁଚାପ କ୍ଷେତ୍ର

# ୨୮ରେ ଭୀଷଣ ବାତ୍ୟା !

**ଭୁବନେଶ୍ୱର,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନଭେମ୍ବର ୨୨ ତାରିଖରେ ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପକ୍ଷେତ୍ର ସୃଷ୍ଟି ହୋଇଛି। ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୪ ତାରିଖରେ ଆହୁରି ଘନୀଭୂତ ହୋଇ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟାରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ ବୋଲି



ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୪୮ ଘଣ୍ଟାରେ ଏହା ଅବପାତର ରୂପ ନେବ। ଏହା ବାତ୍ୟାରେ ପରିଣତ ହେବ ଏବଂ ତାହା ଓଡିଶାରେ ମାଡ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମାଲାକ୍କାରେ ଆଜି ଏକ ଦୁର୍ବଳ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ୨୪ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଅବପାତ ରୂପ ନେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ସେହି ୨୪ ତାରିଖରେ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଏବଂ ୨୬ରେ ବାତ୍ୟାରେ ପରିଣତ ହେବ। ଶୀଘ୍ର ଘନୀଭୂତ ହୋଇ ଉତ୍ତର କିମ୍ବା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖରେ ଭୀଷଣ ବାତ୍ୟାର ରୂପ ନେଇପାରେ। ବିଭିନ୍ନ ମଡେଲ୍ କହୁଛନ୍ତି ଯେ ୨୯ ଓ ୩୦ ତାରିଖରେ ଅତି ଭୀଷଣ ବାତ୍ୟା ହୋଇ ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ମୁହାଁଇବ। ଏହା ଆନ୍ଧ୍ର ଓ ଓଡିଶା ଉପକୂଳ ମୁହାଁଇବାର ଅଧିକ ସମ୍ଭାବନା ରହିଛି। ତେବେ ନିର୍ଦ୍ଦିଷ୍ଟ ଭାବେ ଏହା କେଉଁଠି ଲ୍ୟାଣ୍ଡଫଲ୍ କରିବ ତାହାର ସମୟ କିମ୍ବା ସ୍ଥାନ ଆକଳନ କରିବା ଏବେ ସମ୍ଭବପର ନୁହେଁ। କାରଣ ଏହି ପ୍ରଣାଳୀ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜନସଂଖ୍ୟାକୁ ବଳିଗଲା ଭୋଟର ସଂଖ୍ୟା

**ନାଗପୁର,୨୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଟିଏ ପଟେ, ଏସ୍ଆଇଆର୍‌କୁ ନେଇ ସାରା ଦେଶରେ ହଙ୍ଗାମା ଚାଲିଛି। ବିରୋଧୀ ଦଳଗୁଡ଼ିକ ଏସ୍ଆଇଆର୍ ଯୋଗୁ ଅନେକ ଭୋଟରଙ୍କ ନାମ ବାଦ ଦିଆଯିବା ପ୍ରସଙ୍ଗ ଉଠାଇଛନ୍ତି। ଏହି ସମୟରେ, ମହାରାଷ୍ଟ୍ରରେ ଆଗାମୀ ପୌର ସଂସ୍ଥା ନିର୍ବାଚନ, ବିଶେଷକରି ନଗର ନିଗମ ନିର୍ବାଚନ ପାଇଁ ପ୍ରକାଶିତ ଭୋଟର ଗଣନାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଡିଭିଜନଗୁଡ଼ିକର ଜନସଂଖ୍ୟା ଆଧାରରେ ସଂରକ୍ଷଣ ଲଟେରୀ ପରେ, ପୌର ନିଗମ ଡିଭିଜନ ସ୍ତରରେ ଏକ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଥିଲା। ଏହା ଅନୁଯାୟୀ, କିଛି ଅଞ୍ଚଳରେ ଭୋଟରଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖାଯାଉଛି, ଯେତେବେଳେ ଅନ୍ୟ କିଛି ଅଞ୍ଚଳରେ ଜନସଂଖ୍ୟା ଅପେକ୍ଷା ଅଧିକ ଭୋଟର ଥିବାର ନଜିର ରହିଛି। ପ୍ରଶାସନ ଦାବି କରୁଛି ଯେ, ଏ ସମ୍ପର୍କରେ କୌଣସି ଦ୍ୱନ୍ଦ୍ୱ ନାହିଁ।

ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତ ଭୋଟର ତାଲିକାର ଉପଲବ୍ଧତାକୁ ଆଧାର କରି ଡିଭିଜନ ସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା। ପ୍ରଶାସନର ଏହି ବିବୃତ୍ତି ସମ୍ପର୍କରେ, କିଛି ରାଜନୈତିକ କର୍ମୀ ଅନୁମାନ କରୁଛନ୍ତି ଯେ, ଯଦିଓ ଏହା ନିଶ୍ଚିତ ଭାବରେ ସମ୍ଭବ ଯେ, ଜନସଂଖ୍ୟା ତୁଳନାରେ କିଛି ଅଞ୍ଚଳରେ ସମୟ ସହିତ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି, କିନ୍ତୁ ଡିଭିଜନରେ ଭୋଟରଙ୍କ ସଂଖ୍ୟା ହ୍ରାସ ସନ୍ଦେହ ସୃଷ୍ଟି କରିଛି।

ପୌର ନିଗମ ଦ୍ୱାରା ପ୍ରକାଶିତ ଜନସଂଖ୍ୟା ତଥ୍ୟ ଏବଂ ଡ୍ରାଫ୍ଟ ଭୋଟର ତାଲିକା ଯଦି *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାଂଲାଦେଶୀଙ୍କୁ ଆଶ୍ରୟ ଦେଇଥିବା ସିକନ୍ଦର ଗିରଫ

**ଜଗତସିଂହପୁର,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ଓ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ କରି ଫେରାର ହୋଇ ଯାଇଥିବା



କୁଖ୍ୟାତ ସିକନ୍ଦର ଆଲାମ୍ ଓରଫ୍ ସିକୋକୁ ଗିରଫ କରିଛି ଜଗତସିଂହପୁର ପୁଲିସର ସ୍ୱତନ୍ତ୍ର ଟିମ୍। ଦୀର୍ଘ ୬ ଦିନର ଲୁଚକାଳି ଖେଳ ପରେ ସିକନ୍ଦରକୁ ସ୍ୱତନ୍ତ୍ର ପୁଲିସ ଟିମ୍ ଗତକାଲି ବିଳମ୍ବିତ ରାତିରେ ଯାଜପୁର ଅଳକୁଣ୍ଡ ଅଞ୍ଚଳରୁ ଉଠାଇ ଆଣିଛି। ସିକନ୍ଦରକୁ ଏକ ଅଜଣା ସ୍ଥାନରେ ରଖି ପୁଲିସ ଜେରା ଚଳାଇଛି। ତା'ଠାରୁ ମୋବାଇଲ ଫୋନକୁ ଜବତ କରିଛି ପୁଲିସ। ସିକନ୍ଦର ଭାଇ ମୋତାଲିଫକୁ ପୁଲିସ ଖୋର୍ଦ୍ଧାରୁ ଗିରଫ କରିଛି।

ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଗତ ୧୬ ତାରିଖ ସନ୍ଧ୍ୟାରେ ପୁଲିସ ତାର ଧନୀପୁର ବେହେରାମପୁର ଘରେ ଚଢ଼ଉ କରିଥିଲା। ସରକାରୀ ଜମିରେ ଭଡ଼ା ଘର ତିଆରି କରି ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ନେଇ ପୁଲିସ ଚଢ଼ଉ କରିଥିଲା। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଗୁହାରି ଶୁଣିଲେ ଜଗନ୍ନାଥ: କୋମାରୁ ଫେରିଲା ପୁଅ

**ପୁରୀ,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଡାକ ଶୁଣିଲା ଜଗା। ସବୁ ଆଶା ହରାଇ ବସିଥିବା ବାପାକୁ ଆଶାର ଆଲୋକ ଦେଲେ ପ୍ରଭୁ ଶ୍ରୀ ଜଗନ୍ନାଥ। ପୁଅ ଆଉ ବଞ୍ଚିବନି...ତା'ର ବଞ୍ଚିବା ଅସମ୍ଭବ... ଆମେ ଆଉ କିଛି କରିପାରିବୁ ନାହିଁ। ଏବେ କେବଳ ଭଗବାନ ସାହା ଭରସା। ଡାକ୍ତରଙ୍କଠାରୁ ଏହା ଶୁଣି ହତାଶ ହୋଇପଡିଥିଲେ ମାତାପିତା। ଦୁନିଆ ଦେଖିବା ଆଗରୁ ପୁଅ ଛାଡି ଚାଲିଯିବାର ଡର ସେମାନଙ୍କ ହୃଦୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଇଥିଲେ। ଭଗବାନ ସାହା ଭରସା ବୋଲି ଶୁଣିବା ପରେ ରାଜସ୍ଥାନର ପ୍ରକାଶ ଭୋଇଙ୍କ ଆଖି ଆଗରେ ନାଚି ଉଠିଥିଲା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୁଇ ଆଖି। ଡାକ୍ତର ହାତ ଟେକି ଦେବା ପରେ ବିଳମ୍ବ ନକରି ପୁଅକୁ ଧରି ପୁରୀ ଚାଲି ଆସିଥିଲେ ପ୍ରକାଶ। ଆଜି ତାଙ୍କ



ବିଶ୍ୱାସର ବିଜୟ ହୋଇଛି। ଅଚେତ ହୋଇ ପଡିଥିବା ପୁଅର ଚେତା ଫେରିଛି। କୋମାରେ ଥିବା ପୁଅ ଏବେ ହାତ-ଗୋଡ ହଲାଉଛି ଏବଂ ଖାଦ୍ୟ ଖାଉଛି।

ସୂଚନା ମୁତାବକ, ନଭେମ୍ବର ୮ତାରିଖରେ ପୁଅ ନିତିନ ଭୋଇକୁ ଧରି ପୁରୀ ଚାଲି ଆସିଥିଲେ ପ୍ରକାଶ। ସାଙ୍ଗରେ ଥିଲେ ପତ୍ନୀ ପାୟଲ। ରାଜସ୍ଥାନର ପ୍ରାୟ ସବୁ ଡାକ୍ତରଖାନାକୁ ଯିବା ପରେ ପୁଅ ଆଉ କୋମାରୁ ଫେରିବନି ବୋଲି କହିଥିଲେ ଡାକ୍ତର। ହେଲେ ମାନିନଥିଲା ପ୍ରକାଶଙ୍କ ମନ। ଜଗତର ନାଥ ଯେଉଁଠି ଅଛି, ସେଠାରେ ଏ ଅସମ୍ଭବ ବି ସମ୍ଭବ ହେବ ବୋଲି ବିଶ୍ୱାସ କରି ସେ ଚାଲି ଆସିଥିଲେ ପୁରୀ। ଆଜି ତାଙ୍କର ସେହି ବିଶ୍ୱାସର ଜୟ ହୋଇଛି। ନଭେମ୍ବର ୮ତାରିଖରେ ପୁଅ ନିତିନକୁ ଧରି ଶ୍ରୀମନ୍ଦିର ଦୁଆର ମୁହଁରେ ଗୁହାରି କରିଥିଲେ ପ୍ରକାଶ। ପୁଅକୁ ବଞ୍ଚାଇ ଦେ ବୋଲି ଆକୁଳ ନିବେଦନ କରି ସେ ନିଜକୁ ପ୍ରଭୁଙ୍କ ଆଗରେ ସମ୍ପୂର୍ଣ୍ଣ ସମର୍ପଣ କରି ଦେଇଥିଲେ। ଆଜି ୧୯ଦିନ ପରେ ନିତିନର ଚେତା ଫେରିବା ସହ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ଜଣାଯାଇଛି।

ସୂଚନା ମୁତାବକ, ନିତିନ ଏବେ ନାକ ବାଟେ(ନାଜାଲ ଫିଡିଂ)ଖାଦ୍ୟ ଖାଉଛନ୍ତି। ଏବେ ତାଙ୍କୁ କେବଳ କ୍ଷୀର ଦିଆଯାଉଛି। ପୁଅ ସୁସ୍ଥ ହେଉଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ବଢ଼ିବ ଧାନ ସଂଗ୍ରହ: ଘାରିଲାଣି ଚାଉଳ ଚିନ୍ତା

**ଭୁବନେଶ୍ୱର,୨୨।୧୧: ତଥ୍ୟ**

ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପରିମାଣ ଗତବର୍ଷ ତୁଳନାରେ ବଢିବାର ଥିବାରୁ ଉଷୁନା ଚାଉଳକୁ ନେଇ ଚିନ୍ତା ବଢିବାରେ ଲାଗିଛି। ରାଜ୍ୟରୁ ସଂଗୃହୀତ ଧାନରୁ ପ୍ରାୟତଃ ଉଷୁନାଚାଉଳ ବାହାରୁଥିବାରୁ ଏହାକୁ ଏଫ୍‌ସିଆଇ ନେବାକୁ ରାଜି ହେଉନାହିଁ।

୨୦୨୪-୨୫ ଖରିଫ ଋତୁରେ ରାଜ୍ୟ ସରକାର ୩୮୮୫ ପାକସ୍ ଜରିଆରେ ରାଜ୍ୟରୁ ୯୨.୬୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲେ। ଏଥିରୁ ୬୨.୬୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗୃହୀତ ହୋଇଥିଲା। ଏହି ଚାଉଳ ମୁଖ୍ୟତଃ ଉଷୁନା ଚାଉଳ।



ରାଜ୍ୟରୁ ଉତ୍ପାଦିତ ଚାଉଳକୁ ମାଗଣା ଚାଉଳ ବଣ୍ଟନ ଜରିଆରେ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯିବା ପରେ ଆହୁରି ପ୍ରାୟ ୧୩ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳି ପଡିଥିଲା। ଏହାକୁ ତୁରନ୍ତ ନେବାପାଇଁ ରାଜ୍ୟ ସରକାର ବାରମ୍ବାର ଭାରତୀୟ ଖାଦ୍ୟ ନିଗମକୁ ଅନୁରୋଧ କରିଥିଲେ ମଧ୍ୟ ସେଥିରେ ସଫଳ ହୋଇନଥିଲେ। ନୂତନ ଚାଉଳ ଗୋଦାମକୁ ଆସିବା ପୂର୍ବରୁ ଏହି ଚାଉଳକୁ ହଟାଇବାପାଇଁ ଏବେ ୧୯ଟି ଜିଲ୍ଲାର ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋକରି ଚାଉଳ ପ୍ରଦାନ କରାଯାଉଛି। ଏହାପରେ ବି ଗୋଦାମରେ ଚାଉଳ ବଳି ପଡୁଥିବାରୁ ତାହାକୁ ନିଲାମ ପାଇଁ ଯୋଜନା ହେଉଛି। ହେଲେ କେତେ ଦରରେ ଏହାକୁ ନିଲାମ କରାଯିବା ତାହା ସ୍ଥିର ହୋଇପାରୁନଥିବାରୁ ଏଥିରେ ବିଳମ୍ବ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ଓଡିଶାରୁ ଅରୁଆ ଚାଉଳ ଉତ୍ପାଦନ ହେଲେ ତାହାକୁ ଭାରତୀୟ ଖାଦ୍ୟ ନିଗମ ସହଜରେ ନେଇଯିବ ବୋଲି ସୂଚନା ମିଳିଛି। କାରଣ ଅନ୍ୟ ରାଜ୍ୟର ଲୋକମାନେ ଅରୁଆ ଚାଉଳକୁ ଅଧିକ ପରିମାଣରେ *(ଶେଷ ପୃଷ୍ଠା ଦେଖନ୍ତୁ)*




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୩ ନଭେମ୍ବର ୨୦୨୫ । ରବିବାର



## ଏଟିଏମ ବନ୍ଦ ଯୋଗୁଁ ଉପଭୋକ୍ତା ହଇରାଣ

**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ଦଶପଲ୍ଲା ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତାର ଗ୍ରାହକ ସଂଖ୍ୟାକୁ ଆଖି ଆଗରେ ରଖି ଦଶପଲ୍ଲାର ବ୍ୟବସାୟିକ ପେଣ୍ଠସ୍ଥଳୀ କୁହାଯାଉଥିବା ଦୁର୍ଗା ବଜାର ବସ ଷ୍ଟାଣ୍ଡ ପାଖରେ ଗୋଟିଏ ଏଟିଏମ କାଉଣ୍ଟର ଖୋଲିଥିଲା । ବ୍ୟାଙ୍କରେ ଜମା ଖାତା ଖୋଲିଥିବା ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକଙ୍କ ଭିଡରୁ ରକ୍ଷା ପାଇବା ସହ ଗ୍ରାହକମାନେ ମଧ୍ୟ ଧାଡିରେ ଠିଆ ନହୋଇ ସହଜରେ ପଇସା ନେଇ ଆଣି ପାରୁଥିଲେ । ୨୦୦୫ ମସିହାରୁ ଏହି କାଉଣ୍ଟରଟି ଠିକ ଠାକ ଚାଲିଥିଲେବି ବ୍ୟାଙ୍କ ଗତ ୪ ମାସ ହେଲାଣି କାଉଣ୍ଟରରେ ଟଙ୍କା ଭର୍ତ୍ତି କରୁନି କି କାଉଣ୍ଟର ଖୋଲୁନି । ଫଳରେ ବହୁ ଗ୍ରାହକ କଷ୍ଟ ଭୋଗ କରୁଛନ୍ତି । ବେଳେ ବେଳେ ବସ ଭିତରୁ ଓହ୍ଲାଇ ଆସି ଏଟିଏମରୁ ଟଙ୍କା ଉଠାଇ ଲୋକେ ନେଇ ପାରୁଥିଲେ । ଏବେ ସେ ସୁବିଧା ବନ୍ଦ ହୋଇଯାଇଛି । ପରିଚାଳକଙ୍କ ସହ ଯୋଗାଯୋଗ କରା ଯାଇପାରି ନାହିଁ । ତେବେ ଏଟିଏମଟି ପୂର୍ବ ପରି ଚାଲୁ କରିବାକୁ ଗ୍ରାହକଙ୍କ ପକ୍ଷରୁ ଦାବି ହେଉଛି । କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ।




## ବିଦେଶୀ ମଦ ଜବତ; ଜଣେ ଗିରଫ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ନିରାକାରପୁର ପୋଲିସ୍ ପକ୍ଷରୁ ଚାଲିଥିବା ବିଶେଷ ଅଭିଯାନରେ ଅବୈଧ ଭାବରେ ବିଦେଶୀ ମଦ ବିକ୍ରୟ ହେଉଥିବା ଘଟଣାକୁ ଖବର ପାଇ ସଫଳତାର ସହ ଜବତ କରିବା ସହ ପୋଲିସ୍ ଦଳ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି । ଅଭିଯାନ ସମୟରେ ନିମ୍ନଲିଖିତ ଜିନିଷ ଜବତ କରାଯାଇଛି । ଜବତ ହୋଇଥିବା ୪୪ ଲିଟର ୯୭୫ ମିଲି ବିଦେଶୀ ମଦ ସହ ଏକ ସ୍କୁଟି ଯାହା ଅବୈଧ ମଦ ପରିବହନ ପାଇଁ ବ୍ୟବହୃତ ହେଉଥିଲା । ଅଭିଯୁକ୍ତଙ୍କ ବିରୋଧରେ ସମ୍ପର୍କିତ ଆଇନ ଅନୁଯାୟୀ କେସ୍ ରୁଜୁ କରାଯାଇଛି । ଏହି ପଦକ୍ଷେପ ଖୋର୍ଦ୍ଧା ପୋଲିସ୍‌ଙ୍କ ପକ୍ଷରୁ ଅବୈଧ ମଦ ବ୍ୟାପାର ନିମନ୍ତେ ଚାଲୁଥିବା କଡା ଅଭିଯାନର ଖୋର୍ଦ୍ଧା ପୋଲିସ୍ ଆଇନର ପାଳନ, ସାର୍ବଜନୀନ ସୁରକ୍ଷା ଏବଂ ଅବୈଧ କାରବାର ବିରୋଧରେ ଦୃଢ଼ ପଦକ୍ଷେପ ଜାରି ରଖିଛନ୍ତି ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି



**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ଖରିଫ ୨୦୨୫ -୨୬ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟମନ୍ତ୍ରୀ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସୂତ୍ରଧର, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ଉପସ୍ଥିତ ଥିଲେ । ଡିସେମ୍ବର ୨୬ ତାରିଖରୁ ପର୍ଯ୍ୟାୟକ୍ରମେ ୭୯୧୦୮ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ୯୫ ମଣ୍ଡି ଓ ୮୨ ପ୍ୟାକ୍ସ ତଥା ଲ୍ୟାମ୍ପସ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୩,୧୩,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାଂସଦ ଶ୍ରୀ ନାୟକ ଅଧିକ ଆଦର୍ଶ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ବିଧାୟକ ବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତ୍ତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପୂର୍ବବର୍ଷ ଭଳି ଚଳିତବର୍ଷ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କୁଇଣ୍ଟାଲ ପିଛା ୨୩୬୯/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କୁଇଣ୍ଟାଲ ପିଛା ୨୩୮୯/- ଟଙ୍କା ରଖାଯାଇଛି ।

## ଚାରି ବର୍ଷରେ ମଲେଣି ଗୋଟିଏ ଗାଁ ୧୫ରୁ ଅଧିକ କିଡନୀ ରୋଗୀ

**ଓଡ଼ାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବିଷମୟ ପରିବେଶ ସୃଷ୍ଟି କରୁଛି ଖଣି ଓ କ୍ରସରରୁ ନିର୍ଗତ ଧୂଳି ଧୂଆଁ । ବଢୁଛି କିଡନୀ ରୋଗୀଙ୍କ ସଂଖ୍ୟା । ଚାରି ବର୍ଷରେ ମଲେଣି ପନ୍ଦରରୁ ଅଧିକ କିଡନୀ ରୋଗୀ । ଏବେବି ଗ୍ରାମରେ କୋଡିଏରୁ ଅଧିକ କିଡନୀ ରୋଗୀ ମରଣ ସହିତ କରୁଛନ୍ତି ଲଢେଇ । ନିଃଶ୍ୱାସ ଟିକେ ନେବା ପାଇଁ କଲବଲ ସ୍ଥାନୀୟ ଲୋକେ । ରୋଷେଇ ଘରେ ପଶୁଛି ପଥର ଗୁଣ୍ଡ । ବ୍ଲାଷ୍ଟିଂ ଯୋଗୁଁ ନୀତିଦିନ ଘର ଉପରେ ପଡୁଛି ବଡ଼ ବଡ଼ ମୁଗୁନି ପଥର । ନୀରବ ଜିଲ୍ଲା ପ୍ରଶାସନ । କିଛି ନ ଜାଣିଲା ଭଳି ଅଭିନୟ କରୁଛି ସ୍ୱାସ୍ଥ୍ୟ ବିଭାଗ । ମୋଟା ଅଙ୍କର ଅର୍ଥ ନେଇ ଚୁପ ବସିଛି ଖଣିଜ ବିଭାଗ । ତହସିଲଦାରଙ୍କ ମିଲଭଗତରେ ଚାଲିଛି ଗ୍ରାମ ଚାରିପାଖରେ ମାଳ ମାଳ ବେଆଇନ କ୍ରସର । ଏସି ରୁମ୍‌ରେ ଜିଲ୍ଲାପାଳ ଧୂଳି ଧୂଆଁରେ ଗ୍ରାମବାସୀ । ଖବର ଅନୁସାରେ ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଆର୍ତ୍ତସାନ୍ତରା କାଟେଣୀ ଗ୍ରାମରେ ଅଭିଶାପ ପାଲଟିଛି କୀଡିନି ରୋଗାଗ୍ରାମର ପାଖା ପାଖି ଅଞ୍ଚଳମାନଙ୍କରେ ଆର୍ଥିକ ଉନ୍ନତି ନାମରେ ଗଢି ଉଠିଥିବା କ୍ରସର ଧୂଳି ଧୂଆଁ, ଗ୍ରାମର ଧନ ଜୀବନ ଓ ପ୍ରାକୃତିକକୁ ନଷ୍ଟ କରିବାସହ ଲୋକମାନଙ୍କୁ କିଡ଼ିନି ଓ ଶ୍ୱାସ ଜନିତ ରୋଗରେ ଆକ୍ରାନ୍ତ କଲାଣି । ଏପରିକି ଗ୍ରାମରେ ପ୍ରାୟ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ମୃତ୍ୟୁ ବରଣ କରିଥିବା ବେଳେ, ଗୋଟିଏ ପରିବାର ଚାରି ଜଣ ମୃତ୍ୟୁ ବରଣ କରିଥିବାର ସୂଚନା ମଧ୍ୟ ସାମ୍ନାକୁ ଆସିଛି । ଦିନକୁ ଦିନ ଏହି କିଡ଼ିନୀ ରୋଗ ମହାମାରୀର ରୂପ ନେଉ ଥିବାରୁ ଆର୍ତ୍ତସାନ୍ତରା କାଟେଣି ଗାଁ ଏବେ ପୁରୁଷ ଶୂନ୍ୟ ହେବାକୁ ବସିଲାଣି । ଆଜି ସୁଧା ୧୫ରୁ ଅଧିକ ଲୋକ ମୃତ୍ୟୁକୁ ଆପଣାଇ ନେଇଥିବା ବେଳେ ଏବେବି ୨୦ରୁ ଅଧିକ ଲୋକ ଗୁରୁତର ଆକ୍ରାନ୍ତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଗ୍ରାମ ଚତୁରପାର୍ଶ୍ୱରେ ଗଢି ଉଠିଥିବା କ୍ରସରର ବିଷାକ୍ତ ଧୂଳି ଧୂଆଁ ଓ ବର୍ଜ୍ୟ ବସ୍ତୁ ପାଇଁ ଛୋଟ ଛୋଟ ଛୁଆଙ୍କ ଠାରୁ ଆରମ୍ଭକରି ବୟସ୍କ ବୃଦ୍ଧ ବୃଦ୍ଧା, ଏମିତି କି ଯୁବକ ସମାଜ ପ୍ରତି ଏହି କୀଡୀନି ଓ ଶ୍ୱାସ ରୋଗ ଏବେ ଘାତକ ସାଜିଛି । ଓଡ଼ାପଡ଼ା ବ୍ଲକର କିଛି କିଲୋମିଟର ଦୂରରେ ଚାଳିଶିରୁ ପଚାଶ ଅନୁସୂଚୀତ ଜାତି ପରିବାର ରହୁଥିବା ଆର୍ତ୍ତସାନ୍ତରା କାଟେଣୀ ଗ୍ରାମ । ଦୁଃଖର ବିଷୟ ବ୍ଲକ ଓ ଓଡ଼ାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ କିଛି କିଲୋମିଟର ଦୂରରେ ଅବସ୍ଥିତ ଥାଇ ବି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଛି ଏହି ଗାଁ । ସତେ ଯେମିତି ବାହ୍ୟ ଦୁନିଆରୁ ବିଚ୍ଛିନ୍ନ ହୋଇଯାଇଥିବା ଅଭିଶପ୍ତ ଅଞ୍ଚଳ । ସ୍ୱାସ୍ଥ୍ୟ ବିଭାଗ କଥା ନ କହିବା ଭଲ । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ବୁଝିବାକୁ ଏଠି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ପାଖରେ ସମୟ ନାହିଁ । ବୋଝ ଉପରେ ଲଳିତା ବିଡା ସଦୃଶ୍ୟ ସବୁ ଥାଇବି ନିଜ ଲୋକଙ୍କର ସ୍ୱାସ୍ଥ୍ୟ ଅବସ୍ଥାର ସ୍ଥାୟୀ ସମାଧାନ ପାଇଁ ତଥା ଗ୍ରାମ ପାଖରେ ଗଢି ଉଠିଥିବା ବେଆଇନ ଖଣି ଓ ଦିନ ରାତି ଅହରହ ଚାଲୁଥିବା କ୍ରସର ଗୁଣ୍ଡରୁ ମୁକ୍ତି ପାଇବା ପାଇଁ ଗ୍ରାମବାସୀମାନେ ବାରମ୍ବାର ଲିଖିତ ଅଭିଯୋଗ ପରେ ବି ଜିଲ୍ଲା ପ୍ରଶାସନ ଓ ତହସିଲ ପ୍ରଶାସନ ନୀରବଦ୍ରଷ୍ଟା । ପ୍ରଶାସନର ଏଭଳି କ୍ରସର ପ୍ରୀତି ପାଇଁ ଗ୍ରାମର ଅନେକ ଲୋକଙ୍କ କିଡିନି ଓ ଶ୍ୱାସ ଜନିତ ରୋଗରେ ଜୀବନ ଗଲାଣି । ଆଗାମୀ ଦିନରେ ଗଢ଼ି ଉଠିଥିବା ବେଆଇଅନ ଖଣିଓ କ୍ରସର ଉପରେ ଅଙ୍କୁଶ ନ ଲାଗିଲେ ଶ୍ୱାସ ଓ କିଡ଼ିନି ଜନିତ ରୋଗ ଆହୁରି ବ୍ୟାପିବା ସହିତ ପୁରା ଆର୍ତ୍ତସାନ୍ତରା କାଟେଣି ଏହି ରୋଗ ଯୋଗୁ ଜନଶୂନ୍ୟ ହେଇଯିବ ବୋଲି ବୁଦ୍ଧିଜୀବିମାନେ ଚିନ୍ତା ପ୍ରକଟ କରିଛନ୍ତି । ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ କେବେ ସ୍ୱାସ୍ଥ୍ୟ ବିଭାଗ ସହିତ ଜିଲ୍ଲା ପ୍ରଶାସନ, ଏହିପରି ଜୀବନ ଓ ମରଣ ସହିତ ଲଢେଇ କରୁଥିବା ଆର୍ତ୍ତସାନ୍ତରା ଗ୍ରାମବାସୀଙ୍କ ଉପରେ ନଜର ପକାଇଛନ୍ତି ନା ଖାତା ପେନ୍ ଧରି କେତେ ଲୋକ ମଲେ ତାର ହିସାବ ରଖୁଛନ୍ତି ।



## ଖବର ପ୍ରସାରଣ ପରେ ମଦ ସହ ଜଣେ ଗିରଫ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଓଲଟପୁର ଥାନା ଅଞ୍ଚଳରେ ବ୍ୟାପକ ଚୋରାରେ ମଦ ଗଂଜେଇ ବିକ୍ରି ହେଉଥିବା ନେଇ ଖବର ପ୍ରସାରଣ ପରେ ଓଲଟପୁର ପୋଲିସର ନିଦ ଭାଙ୍ଗିଛି । ଶୁକ୍ରବାର ଉକ୍ତ ଥାନା ଅଧିନସ୍ତ ବାଗଲ ପୁର ପଂଚାୟତ ଚିତ୍ତଲପୁର ଗରଗରା ଗ୍ରାମରେ ଚଢ଼ାଉ କରି ଆନନ୍ଦ ଭୋଇଙ୍କ ପୁଅ ଅଭିରାମ ଭୋଇ (୩୩) କୁ ଚୋରା ମଦ ବିକ୍ରି କରିବା ଅଭିଯୋଗରେ ଗିରଫ କରିବା ସହ ତା'ନିକଟରୁ ୯ ଲିଟର ୬ ଶହ ମଦ ଜବତ ହୋଇଛି । ଓଲଟପୁର ଥାନାରେ ୧୬୧/୨୫ ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିରାମଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଲଟପୁର ଥାନା ଏସଆଇ ବିପିନ ଦେହୁରୀ ସୂଚନା ଦେଇଛନ୍ତି । ସୂଚନା ଥାଉ କି କଣ୍ଟାପଡା ବ୍ଲକ ଓଲଟପୁର ଥାନା ଅଧୀନରେ ଚିତ୍ତଳପୁର୍, ସୁନ୍ଦର ଗାଁ, ବାଗଲପୁର, କଣ୍ଟାପଡା, ବାଘୁଆ, ଅଡସପୁର, ସଳେଇ, ବାଇରୋଇ, ଅଲାପୁର୍ ଅଞ୍ଚଳରେ ବ୍ୟାପକ ଚୋରା ମଦ ଗଂଜେଇ ବିକ୍ରି ହେଉଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ୨୪ ଘଣ୍ଟା ମଧ୍ୟରେ ଓଲଟପୁର ପୋଲିସ ତତ୍ପର ଦେଖାଇଥିବା ବେଳେ ଅବକାରୀ ବିଭାଗ ଚୁପ ରହିଛି । ଯାହା ଫଳରେ ଉକ୍ତ ବିଭାଗ ପ୍ରତି ସ୍ଥାନୀୟ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଛି ।

## କିମ୍ସ ଜାତୀୟ ସମ୍ମିଳନୀ: ପ୍ରଥମ 'ହିରୋ' ପୁରସ୍କାର




**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କିମ୍ସ ଜାତୀୟ କନକ୍ଲେଭର ଦ୍ୱିତୀୟ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ବିଶେଷଜ୍ଞ ଯୋଗ ହୋଇଥିଲେ । ଚଳିତବର୍ଷ ସମ୍ମଳନୀର ବିଷୟବସ୍ତୁ ଥିଲା- 'ନିଉଅର ହରିଜନ୍‌ସ, ନିଉଅର କନ୍‌ସେପ୍ଟସ, ନିଉଅର୍ ଇନୋଭେସନ୍‌ସ' । ଏହି କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ଅନ୍ୟାନ୍ୟ କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ । ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣା ଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ସେମାନଙ୍କ ମତ ପ୍ରଦାନ କରିଥିଲେ । ଏହା ବ୍ୟତୀତ ଚିକିତ୍ସା କ୍ଷେତ୍ରରେ ନବସର୍ଜନା, କୋଷୀୟ ବିଜ୍ଞାନ ଏବଂ କ୍ଲିନିକାଲ୍ ବିଜ୍ଞାନକୁ ଗବେଷଣା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ଦିଗରେ ଏକତ୍ରିତ ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍‌ପାୱାରମେଣ୍ଟ ଇନ୍ ରୁରାଲ୍ ଓଡ଼ିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା । ଡା ମହାନ୍ତିଙ୍କ ନିରନ୍ତର କ୍ଷେତ୍ର ସମ୍ପର୍କ, ଜନକେନ୍ଦ୍ରିତ ହସ୍ତକ୍ଷେପ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି ।

ଏହି କାର୍ଯ୍ୟକ୍ରମରେ ଆଇସିଏମ୍ଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ମତ ରଖିଥିଲେ । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, କିମ୍ସ ମୁଖ୍ୟତଃ ଗରିବ ଲୋକଙ୍କ ସେବା ପାଇଁ କାମ କରୁଛି । ଓଡ଼ିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତାର ପ୍ରୟାସ ଜାରି ରଖିଛି ବୋଲି ଶ୍ରୀ ସାମନ୍ତ କହିଥିଲେ ।

ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଚିକିତ୍ସା ଗବେଷଣା କିମ୍ସ ମିଶନର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ । ଗବେଷଣା ଲବ୍ଧ ଜ୍ଞାନ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ତାହା ଆମର ଦାୟିତ୍ୱ । କେବଳ ଚିକିତ୍ସା କରିବା ନୁହେଁ ବରଂ ଏହି ଜ୍ଞାନକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କୋଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା କେ. ଆର. ବାଲକୃଷ୍ଣନ୍, ମୋହନ ଫାଉଣ୍ଡେସନର ପ୍ରତିଷ୍ଠାତା ଡା ସୁନୀଲ ଶ୍ରଫ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ଡାଇଜେଷ୍ଟିଭ୍ ସାଇନ୍ସେସ୍‌ର ପ୍ରଫେସର ଅଭିଜିତ ଚୌଧୁରୀ, ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ସଭାପତି ଡା କେ. ଶ୍ରୀନାଥ ରେଡ୍ଡୀ, ସେଣ୍ଟର ଫର ବାୟୋମେଡିକାଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଆଲୋକ ଧାୱନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମହାନିର୍ଦ୍ଦେଶକ ଡା ଅଜିତ ମହାନ୍ତି, କିମ୍ସ ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

## ବାଣିଜ୍ୟ

## କମିଲା ସୁନା ଓ ରୂପା ଦର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଏହି ସପ୍ତାହରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇଛି: ସୁନା ୧୬୪୮ଟଙ୍କା ହ୍ରାସ ପାଇ ୧.୨୩ ଲକ୍ଷ ଟଙ୍କାକୁ ପହଞ୍ଚିଛି, ଯେତେବେଳେ ରୂପା ୮,୩୨୩ ଟଙ୍କା ହ୍ରାସ ପାଇ ୧.୫୧ ଟଙ୍କା ଲକ୍ଷକୁ ପହଞ୍ଚିଛି । ଇଣ୍ଡିଆ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଗତ ଶନିବାର, ନଭେମ୍ବର ୧୫ତାରିଖରେ ପ୍ରତି ୧୦ଗ୍ରାମ ସୁନା ମୂଲ୍ୟ ୧,୨୪,୭୯୪ଟଙ୍କା ଥିଲା ଏବଂ ବର୍ତ୍ତମାନ ନଭେମ୍ବର ୨୨ ତାରିଖରେ ପ୍ରତି ୧୦ ଗ୍ରାମ ସୁନା ମୂଲ୍ୟ ୧,୨୩,୧୪୬ଟଙ୍କା ରହିଛି ।

ଏହାର ଅର୍ଥ ହେଉଛି ଏହି ସପ୍ତାହରେ ଏହାର ମୂଲ୍ୟ ୧,୬୪୮ଟଙ୍କା ହ୍ରାସ ପାଇଛି । ଏହି ସମୟରେ, ରୂପା ଗତ ଶନିବାର ୧,୫୯,୩୬୭ଟଙ୍କା ଥିଲା ଏବଂ ବର୍ତ୍ତମାନ ଏହା କିଲୋଗ୍ରାମ ପିଛା ୧,୫୧,୧୨୯ଟଙ୍କା ରହିଛି । ଫଳସ୍ୱରୂପ ଏହି ସପ୍ତାହରେ ଏହାର ମୂଲ୍ୟ ୮.୩୨୮ଟଙ୍କା ହ୍ରାସ ପାଇଛି । ଅକ୍ଟୋବର ୧୭ ତାରିଖରେ ସୁନା ୧,୩୦,୮୭୪ ଟଙ୍କା ସର୍ବକାଳୀନ ସର୍ବାଧିକ ମୂଲ୍ୟ ହାସଲ କରିଥିଲା ଏବଂ ଅକ୍ଟୋବର ୧୪ ତାରିଖରେ ରୂପା ୧,୭୮,୧୦୦ ଟଙ୍କା ସର୍ବକାଳୀନ ସର୍ବାଧିକ ମୂଲ୍ୟ ହାସଲ କରିଥିଲା ।

ଆଇବିଜେଏ ସୁନା ମୂଲ୍ୟରେ ୩% ଜିଏସଟି, ମେକିଙ୍ଗ ଚାର୍ଜ ଏବଂ ଅଳଙ୍କାର ମାର୍ଜିନ୍ ଅନ୍ତର୍ଭୁକ୍ତ ନୁହେଁ, ତେଣୁ ବିଭିନ୍ନ ସହରର ଦର ଭିନ୍ନଭିନ୍ନ ହୋଇଥାଏ । ଏହି ହାରଗୁଡ଼ିକୁ ଆଇବିଆଇ ଦ୍ୱାରା ସୋଭରେନ୍ ଗୋଲ୍ଡ ବ୍ୟାଣ୍ଡ ଦର ନିର୍ଣ୍ଣୟ କରିବା ପାଇଁ ବ୍ୟବହାର କରାଯାଏ । ଅନେକ ବ୍ୟାଙ୍କ ସୁନା ଋଣ ହାର ନିର୍ଣ୍ଣୟ କରିବା ପାଇଁ ସେଗୁଡ଼ିକୁ ବ୍ୟବହାର କରନ୍ତି । ଏହି ବର୍ଷ ଏପର୍ଯ୍ୟନ୍ତ, ସୁନାର ମୂଲ୍ୟ ୪୬,୯୮୪ ଟଙ୍କା ବୃଦ୍ଧି ପାଇଛି । ୨୦୨୪ ଡିସେମ୍ବର ୩୧ରେ ୧୦ଗ୍ରାମ ୨୪କ୍ୟାରେଟ୍ ସୁନାର ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ବର୍ତ୍ତମାନ ୧,୨୩,୧୪୬ ଟଙ୍କା ହୋଇଛି । ଏହି ସମୟ ମଧ୍ୟରେ ରୂପାର ମୂଲ୍ୟ ମଧ୍ୟ ୬୫,୧୧୨ ଟଙ୍କା ବୃଦ୍ଧି ପାଇଛି । ୨୦୨୪ ଡିସେମ୍ବର ୩୧ରେ ଏକ କିଲୋଗ୍ରାମ ରୂପାର ମୂଲ୍ୟ ୮୬,୦୧୭ ଟଙ୍କା ଥିଲା ଏବଂ ବର୍ତ୍ତମାନ ପ୍ରତି କିଲୋଗ୍ରାମ ୧,୫୧,୧୨୯ ଟଙ୍କା କୁ ବୃଦ୍ଧି ପାଇଛି । ବିଶେଷଜ୍ଞମାନେ ଆଶା କରୁଛନ୍ତି ଯେ ଆଗାମୀ ଦିନରେ ସୁନା ମୂଲ୍ୟରେ ପରିବର୍ତ୍ତନ ଆସିବ । ଏବେ ବିବାହ ଋତୁ ଆରମ୍ଭ ହୋଇଛି, ସୁନାର ଚାହିଦା ମଧ୍ୟ ବଢିବ । ଅର୍ଥାତ ଆଗାମୀ ଦିନରେ ଏହାର ମୂଲ୍ୟ ପୁଣି ଥରେ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇପାରେ । ସର୍ବଦା ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ହଲମାର୍କ ସହିତ ପ୍ରମାଣିତ ସୁନା କିଣନ୍ତୁ । ଏହି ସଂଖ୍ୟା ଅକ୍ଷରସଂଖ୍ୟା ହୋଇପାରେ, କିମ୍ବା ଏହିପରି କିଛି ହୋଇପାରେ: ଏଜେଡ଼୪୫୨୪ । ହଲମାର୍କିଂ ସୁନାର କ୍ୟାରେଟକୁ ସୂଚିତ କରେ ।



## ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା




**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସ୍ଥିତ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାକୁ ମହନ୍ତ ବ୍ରଜବନ୍ଧୁ ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବି ନାରାୟଣ ବେହେରା, ମାଧବ ଚନ୍ଦ୍ର ମାଝୀ, ସଂଗଠନ ସମ୍ପାଦକ ମିହିର କୁମାର ଶତପଥୀ, ପ୍ରଧାନ ଶିକ୍ଷକ ସିମାଞ୍ଚଳ ପାଣି, ମଧୁସୂଦନ ମହାପାତ୍ର, ଦିବାକର ଶତପଥୀ, ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ ସଚେତନ କରିବା ସହ ପ୍ରଦର୍ଶିତ ପ୍ରକଳ୍ପ ପରିଦର୍ଶନ କରିଥିଲେ । ବିଚାରକ ଭାବେ ପ୍ରାଣୀ ବିଜ୍ଞାନ ପ୍ରାଧାପିକ ଶିଶିର କୁମାର ନାୟକ, ପ୍ରାଣୀ ବିଜ୍ଞାନ ପ୍ରାଧାପକ ମନୋଜ କୁମାର ସାହୁ, ରଶ୍ମିତା କୁମାରୀ ପାଣିଗ୍ରାହୀ, ଯୋଗଦେଇ କୁନି ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପକୁ ଅନୁଧ୍ୟାନ କରି ପୁରସ୍କୃତ ପାଇଁ ଚୟନ କରିଥିଲେ । ଅନୁଷ୍ଠିତ ମେଳାରେ କବିସୂର୍ଯ୍ୟନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୬୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ମେଳା ପ୍ରଦର୍ଶନ ପାଇଁ ବହୁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ, ଯୋଗଦେଇଥିବା ଜଣାଯାଇଛି । ସେହିପରି କୃତି ପ୍ରତିଯୋଗୀଙ୍କୁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ।

## ବିଧବା ମହିଳାଙ୍କୁ ମିଳିଲା ଅନ୍ତ୍ୟୋଦୟ କାର୍ଡ

**ସିନାପାଲି: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡା ଜିଲ୍ଲା ସିନାପାଲି ସଦର ରାବଣ ଛକର ଗରିବ ଅସହାୟ ବିଧବା ମହିଳାଙ୍କୁ ନୂତନ ଭାବେ ଅନ୍ତ୍ୟୋଦୟ କାର୍ଡ ଦିଆଯାଇଛି । ଆଜିକୁ ୧୦ବର୍ଷ ତଳେ କ୍ଷିତିମଣି ମେହେରଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିଲେ । ସେହି ଦିନ ଠାରୁ ଶ୍ରୀମତୀ ମେହେର ବିଧବା ଭତ୍ତା ପାଉଛନ୍ତି । ସେ ଜଣେ ଗରିବ ଅସହାୟ ଜମିହୀନ ପରିବାରର ଅଟନ୍ତି । ମାତ୍ର ଏକ ଡିସିମିଲ ଘର ଡିହ ରହି ଥିବା ସେ ପ୍ରକାଶ କରିଛନ୍ତି । ପରିବାର କହିଲେ ଜଣେ ଝିଅକୁ ନେଇ ତାଙ୍କ ପରିବାର । ସରକାରଙ୍କ ତରଫରୁ ସହାୟତା କହିଲେ ମାତ୍ର ୧୦କିଗ୍ରା ଚାଉଳ ଓ ମାସିକ ଭତ୍ତା ଟଙ୍କା । ପରିବାରରେ କୌଣସି ରୋଜଗାର କ୍ଷମ ବ୍ୟକ୍ତି ନାହାନ୍ତି । ସେ ଜଣେ ଅସହାୟ ନିଃସହାୟ ଓ ଗରିବ ଶ୍ରେଣୀର ହେତୁ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ମି ଓରାମ୍‌ଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ ତଦନ୍ତ କରି ଅନ୍ତ୍ୟୋଦୟ କାର୍ଡ ପ୍ରଦାନ କରିଛନ୍ତି । ଅନ୍ତ୍ୟୋଦୟ କାର୍ଡ ପାଇ ଖୁସି ହୋଇ ସିନାପାଲି ବ୍ଲକ ପ୍ରଶାସନଙ୍କୁ ଧନ୍ୟବାଦ୍ ଜଣେଇଛନ୍ତି । ସରକାରଙ୍କ ଅନେକ ଗୁଡ଼ାଏ ଯୋଜନା ରହିଛି ହେଲେ ଏହି ପରିବାର ବର୍ତ୍ତମାନ ଶୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବସୁନ୍ଧରା ଘରଡିହ ଯୋଜନା ପାଇ ପାରି ନାହାନ୍ତି । ଏଣୁ ପ୍ରଶାସନ ତରଫରୁ ଏହି ପରିବାରକୁ ନୀୟମା ଅନୁଯାୟୀ ସମସ୍ତ ପ୍ରକାର ଯୋଜନାରେ ସାମିଲ କରିବାକୁ ଦାବି ହେଉଛି ।



## ସିନେମାଫିନେମା ଟିଭିଫିବି

## ରିଲିଜ୍ ହେଲା ୱେବ୍ ସିରିଜ୍ 'ଦ ଫ୍ୟାମିଲି ମ୍ୟାନ୍ ୩'

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡ ଅଭିନେତା ମନୋଜ ବାଜପେୟୀଙ୍କ ସବୁଠାରୁ ପ୍ରତୀକ୍ଷିତ ୱେବ୍ ସିରିଜ୍ 'ଦ ଫ୍ୟାମିଲି ମ୍ୟାନ୍ ୩' । ଏହି ସିରିଜ୍ ନଭେମ୍ବର ୨୧ ତାରିଖରେ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମିଂ ହୋଇଛି । ମନୋଜ ବାଜପେୟୀ ପୁଣି ଥରେ ଗୁପ୍ତଚର ଶ୍ରୀକାନ୍ତ ତିୱାରୀ ଭୂମିକାରେ ଅଭିନୟ କରିଛନ୍ତି । ମନୋଜଙ୍କ ପ୍ରଶଂସକମାନେ ପାର୍ଟ -୩କୁ ଉତ୍ସାହର ସହ ଅପେକ୍ଷା କରିଥିଲେ । ଯାହା ଶେଷରେ ରିଲିଜ ହୋଇଛି । ଦ ଫ୍ୟାମିଲି ମ୍ୟାନ୍ ସିଜିନ୍-୩ ଦର୍ଶକଙ୍କ ମଧ୍ୟରେ ହିଟ୍ କି ନାହିଁ ? ତେବେ ଏହି ଥର, ମନୋଜଙ୍କ ସହିତ ଜୟଦୀପ ଅହଲାୱତ ଯୋଗ ଦେଇଛନ୍ତି । ଯାହା ସିରିଜକୁ ଆହୁରି ସ୍ୱତନ୍ତ୍ର କରିଛି । ନୂତନ ସିଜିନରେ ୭ଟି ଏପିସୋଡ୍ ରହିଛି, ଏବଂ ସେଗୁଡ଼ିକୁ ଦେଖିବା ପରେ, ଦର୍ଶକମାନେ ଏକ୍ସ ହ୍ୟାଣ୍ଡେଲରେ ସେମାନଙ୍କର ପ୍ରତିକ୍ରିୟା ସେୟାର କରିଛନ୍ତି । ସିଜିନ୍ ୩ ମିଶ୍ରିତ ପ୍ରତିକ୍ରିୟା ପାଇଛି । କେତେକ କହିଥିଲେ ତୃତୀୟ ସିଜିନ୍ ପ୍ରଥମ ଦୁଇଟି ଅପେକ୍ଷା ଅଧିକ ମନୋରଞ୍ଜନକାରୀ, ଅନ୍ୟ କେତେଜଣ ଏହାକୁ ବିରକ୍ତିକର କହିଥିଲେ । ଜଣେ ଦର୍ଶକ ଦ ଫ୍ୟାମିଲି ମ୍ୟାନ୍ ସିଜିନ୍ ୩ ବିଷୟରେ ଲେଖିଛନ୍ତି, 'ଏହି ସିରିଜ ଆହୁରି ମନୋରଞ୍ଜନକାରୀ ହୋଇପାରିଥାନ୍ତା । ଏଥର, ଶ୍ରୀକାନ୍ତ ତିୱାରୀ ଜଣେ ୱାଣ୍ଟେଡ୍ ପୁରୁଷ ଭୂମିକାରେ ଅଭିନୟ କରିଛନ୍ତି ।

'ଦ ଫ୍ୟାମିଲି ମ୍ୟାନ୍ ୩' ବିଷୟରେ କହିବାକୁ ଗଲେ, ସିଜନ୍ ୩ର କାହାଣୀ ସିଜନ୍ ୨ର ଶେଷରୁ ଜାରି ରହିଛି । ଉତ୍ତର-ପୂର୍ବରେ, ଯେଉଁଠାରେ ବୋମା ବିସ୍ଫୋରଣ ବାରମ୍ବାର ଘଟୁଛି ଏବଂ ପରିସ୍ଥିତି ଭୟଙ୍କର ଏବଂ ଚୀନ୍ ବାରମ୍ବାର ଭାରତ ବିରୁଦ୍ଧରେ ପଦକ୍ଷେପ ନେଉଛି, ସେଠାରେ ପ୍ରଧାନମନ୍ତ୍ରୀ (ସୀମା ବିଶ୍ୱାସ) ଶାନ୍ତି ପ୍ରତିଷ୍ଠା ପାଇଁ କାମ କରୁଛନ୍ତି । ଟାସ୍କ ଫୋର୍ସ ମୁଖ୍ୟ କୁଲକର୍ଣ୍ଣି (ଡାଲିପ୍ ତାହିଲ୍)ଙ୍କୁ ଏହି କାର୍ଯ୍ୟ ନ୍ୟସ୍ତ କରାଯାଇଛି,ଏବଂ ସେ ତାଙ୍କ ଏଜେଣ୍ଟ ଶ୍ରୀକାନ୍ତ ତିୱାରୀ (ମନୋଜ ବାଜପେୟୀ)ଙ୍କୁ ନାଗାଲାଣ୍ଡରେ ପହଞ୍ଚିବା ପାଇଁ ଭରସା କରନ୍ତି । ସେମାନେ କଣ୍ଟ୍ରାକ୍ଟ କିଲର ଏବଂ ଡ୍ରଗ୍ସ ଲର୍ଡ ରୁକ୍ମା (ଜୟଦୀପ ଆହଲାୱତ)ଙ୍କୁ ଭେଟିଥାନ୍ତି । ମିଶନକୁ ସମାପ୍ତ କରିବା ପାଇଁ ସେମାନଙ୍କ ଚେଷ୍ଟାରେ, ସବୁକିଛି ବିପର୍ଯ୍ୟସ୍ତ ହୋଇଯାଏ ।

# ମଣ୍ଡି ଖୋଲିବା ଆଗରୁ ଅବ୍ୟବସ୍ଥା



**୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଚଳିତ ମାସ ପହିଲାରୁ ଜୋର୍ ଧରିଛି । ଅଥଚ ଏପର୍ଯ୍ୟନ୍ତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ହୋଇନାହିଁ । ପୂର୍ବରୁ ନଭେମ୍ବର ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲାରେ ଧାନ କିଣାବିକା ଆରମ୍ଭ ହେଉଥିଲା । ମାତ୍ର ଏଥର ପ୍ରଥମଥର ପାଇଁ ଚଳିତମାସ ଶେଷ ସପ୍ତାହ ଅର୍ଥାତ୍ ଆସନ୍ତା ୨୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି ବିଭିନ୍ନ ରାଇସ୍ ମିଲ୍‌ର ଗୋଦାମଗୁଡ଼ିକ ବିଗତ ଖରିଫ ଏବଂ ରବି ଧାନ ସଂଗ୍ରହ ପ୍ରକ୍ରିୟାର ଧାନ, ଚାଉଳରେ ପୂରି ରହିଛି । ଏଭଳି ସ୍ଥଳେ ରାଇସ୍ ମିଲ୍‌ରେ ଗଚ୍ଛିତ ଚାଉଳ ଉଠା ନ ଗଲେ ଏବଂ ଅନ୍ୟ ଦାବି ସମୂହ ପୂରଣ ନ ହେଲେ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ଅସହଯୋଗ କରିବେ ବୋଲି ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ ମଧ୍ୟ ପୂର୍ବରୁ ଚେତାବନୀ ଦେଇସାରିଛି । ଗୋଟିଏ ପଟେ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଏବଂ ଅନ୍ୟପଟେ ମିଲର୍ସଙ୍କ ଅସହଯୋଗ ଯୋଗୁ ଏଥର ଆରମ୍ଭରୁ ଧାନବିକ୍ରିରେ ଅଚଳାବସ୍ଥା ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଯାଇଛି । କେବଳ ସେତିକି ନୁହେଁ, ପାଣିପାଗ ବିଭାଗ ମଧ୍ୟ ଲଘୁଚାପଜନିତ ବର୍ଷା ତଥା ବାତ୍ୟା ସୂଚନା ଦେଉଛି । ଏହାହେଲେ ଏଥର ଜିଲାର ଅନ୍ୟବର୍ଷ ତୁଳନାରେ ଅଧିକ କ୍ଷତି ସହିବାକୁ ପଡ଼ିବ ବୋଲି ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।

ସୂଚନା ଅନୁଯାୟୀ, ସାଧାରଣତଃ ଅକ୍ଟୋବର ମାସ ଶେଷ ସପ୍ତାହ ସୁଦ୍ଧା ଜିଲାରେ ଖରିଫ୍ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ସରିଯାଇଥାଏ । ଉକ୍ତ ବୈଠକରେ ଜିଲାରେ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରାଯାଏ । ବୈଠକ ପୂର୍ବରୁ ଧାନ ବିକ୍ରି ପାଇଁ ଯୋଗ୍ୟ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହେଉଥିଲା । ମାତ୍ର ଏଥର ତାହା ହୋଇ ନ ଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଗତ ୧୦ ତାରିଖରେ ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଡାକିଥିଲା । ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ଆଳ ଦେଖାଇ ଏହି ବୈଠକକୁ ବାତିଲ୍ କରି ଦିଆଗଲା । ଅନ୍ୟପଟେ ସେହିଦିନଠାରୁ ଧାନବିକ୍ରି ପଞ୍ଜୀକରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୧ଦିନ ଧରି ଅହୋରାତ୍ର ଚାଷୀଙ୍କ ଧାରଣା ଚାଲିଥଲା । ତେବେ ଇତିମଧ୍ୟରେ ଗତ ୧୫ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିବାବେଳେ ୨୦ତାରିଖରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ପ୍ରତିଶ୍ରୁତି ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଚାଷୀଙ୍କ ଧାରଣା ଉଠିଛି । ଏହାସତ୍ତ୍ୱେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ନେଇ ଦ୍ୱନ୍ଦ୍ୱ ଦୂର ହୋଇନାହିଁ । ୨୮ତାରିଖ ସୁଦ୍ଧା ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କୁ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରା ନ ଗଲେ ଚାଷୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ।

ସେହିପରି ଜିଲାର ରାଇସ୍ ମିଲ୍ ଗୋଦାମଗୁଡ଼ିକ ଗତବର୍ଷ ଖରିଫ ଏବଂ ରବି ଋତୁର ଚାଉଳ ଓ ଧାନରେ ପୂରି ରହିଛି । ଏଭଳି ସ୍ଥିତିରେ ଜିଲାରେ ଆସନ୍ତା ୨୮ତାରିଖରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଲେ ମଣ୍ଡିକୁ ବିକ୍ରି ପାଇଁ ଧାନ ଆସିବ କିନ୍ତୁ ମିଲର୍ସମାନେ ଧାନ ଉଠାଣରେ ତତ୍ପରତା ଦେଖାଇବା ଭଳି ମନେ ହେଉନାହିଁ । ଜିଲାର ଜଣେ ମିଲର୍ସ କହିଛନ୍ତି, ଗତବର୍ଷ ଖରିଫ୍‌ରେ ମିଲର୍ସଙ୍କୁ କଷ୍ଟମ ମିଲିଂ ପାଇଁ ଯୋଗାଣ ବିଭାଗ ଦେଇଥିବା ଧାନ ଅନୁପାତରେ ଚାଉଳ ଉଠାଯାଇନାହିଁ । ସେହିପରି ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ମିଳିଥିବା ଧାନ ଶତ ପ୍ରତିଶତ ରାଇସ୍ ମିଲ ଗୋଦାମଗୁଡ଼ିକରେ ପୂରି ରହିଛି । ଏଭଳି ସ୍ଥଳେ ରାଇସ୍ ମିଲ୍ ଗୋଦାମରେ ପୁଣି ଧାନ ଗଚ୍ଛିତ ରଖିବା ପାଇଁ ଜାଗା ନାହିଁ । ସରକାର ଧାନ କିଣନ୍ତୁ ଏବଂ ନିଜ ଗୋଦାମରେ ଗଚ୍ଛିତ ରଖନ୍ତୁ । ମିଲର୍ସମାନଙ୍କ ଆବଶ୍ୟକତା ଅନୁସାରେ କଷ୍ଟମ ମିଲିଂରେ ମିଲର୍ସଙ୍କୁ ଧାନ ଦିଆଯାଉ । ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଏଭଳି ସ୍ଥିତିରୁ ଆଗାମୀ ଦିନରେ ଏଠାରେ ଧାନ ସଂଗ୍ରହ ପ୍ରକ୍ରିୟା କେତେ ଜଟିଳ ହୋଇପଡ଼ିବ ତାହା ବାରି ହୋଇପଡୁଛି ।

## ଆଜିର ରାଶିଫଳ

| ତାରିଖ | ରବିବାର– ତୃତୀୟା |
|---|---|
| ୨୩.୧୧.୨୦୨୫ | ନକ୍ଷତ୍ର– ମୂଳା, ଧନୁଚନ୍ଦ୍ର |



| | |
|---|---|
| ମେଷ | : ଅଶାନ୍ତି ଲାଗି ରହିବ । |
| ବୃଷ | : ସାଙ୍ଗସାଥୀରେ ଅପ୍ରିୟତା ବୃଦ୍ଧି ପାଇବ । |
| ମିଥୁନ | : ଯେକୌଣସି କାର୍ଯ୍ୟ କରିବେ ସ୍ତ୍ରୀଙ୍କ ସହଯୋଗ ପାଇବେ । |
| କର୍କଟ | : ଦ୍ରବ୍ୟଲାଭ ଯୋଗ ରହିଛି । |
| ସିଂହ | : କିଛି ବି ଅଘଟଣ ଘଟିପାରେ । |
| କନ୍ୟା | : ସାଙ୍ଗସାଥୀରେ ମନାନ୍ତର ହେବ । |
| ତୁଳା | : ବ୍ୟବସାୟରେ ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| ବିଛା | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ଧନୁ | : ଅର୍ଥଲାଭ ଯୋଗ ରହିଛି । |
| ମକର | : ବ୍ୟବସାୟରେ କ୍ଷତିଗ୍ରସ୍ତ ହେବେ । |
| କୁମ୍ଭ | : ଉଚ୍ଚ ଅଧିକାରୀ ପ୍ରଶଂସିତ ହେବେ । |
| ମୀନ | : ଭଲ କାମ କରି ଖୁସି ପାଇବେ । |

## ନାବାଳିକା ବଳାତ୍କାରୀକୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର, ୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜନୈକା ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଓ ପରେ ବଳାତ୍କାର କରିବା ଘଟଣାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ଆଡହକ ଅତିରିକ୍ତ ସ୍ପେଶାଲ ଜଜ। ସୂଚନା ଅନୁଯାୟୀ ଗତ ୨୦୨୨ମସିହା ଜୁନ ମାସ ୨୦ତାରିଖ ଦିନ ରାତିରେ ଜନୈକା ୧୪ବର୍ଷୀୟା ନବମ ଶ୍ରେଣୀ ଛାତ୍ରୀ ଘରେ ଶୋଇଥିଲେ। ମାତ୍ର ରାତି ପ୍ରାୟ ୨ଘଟିକା୩୦ ମି. ରେ ନାବାଳିକାର ବାପା, ମା' ଦେଖିବାକୁ ପାଇଲେ ଝିଅଟି ଘରେ ନାହିଁ। ସାରା ରାତି ଖୋଜାଖୋଜି କରିବା ପରେ ସକାଳୁ ମଧ୍ୟ ଖୋଜାଖୋଜି କରି ଝିଅଟିର ଖୋଜ୍ ଖବର ନ ପାଇବାରୁ ନାବାଳିକାର ବାପା ଜାଣିବାକୁ ପାଇଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ସୁଶାନ୍ତ ପ୍ରଧାନ(୨୫) ଝିଅଟିକୁ ଅପହରଣ କରି ପ୍ରଥମେ ତାର ମୋଟର ସାଇକେଲ ଯୋଗେ ଭଦ୍ରକ ନେଇ ଯାଇଥିଲା। ସେଠାରୁ ସେ ନାବାଳିକାକୁ ଟ୍ରେନ ଯୋଗେ ତେଲେଙ୍ଗାନା ନେଇ ଯାଇଛି ବୋଲି ନାବାଳିକାର ବାପା ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନା କେସ୍ ନଂ୨୩୧/୨୦୨୨ ରୁଜୁ କରି ତଦନ୍ତ ଜାରି ରଖିଥିଲେ। ପରେ ତେଲେଙ୍ଗାନା ଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସୁଶାନ୍ତ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ ଥିଲେ। ନାବାଳିକାର ଡାକ୍ତରୀ ମାଇନା କରିବା ପରେ ତାର ବୟାନ ରେକର୍ଡ଼ କରିଥିଲେ। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଶୁକ୍ରବାର ଦିନ ଯାଜପୁର ଆଡହକ ଅତିରିକ୍ତ ସ୍ପେଶାଲ ଜଜ୍ ଶରତ କୁମାର ଦେହୁରୀ ୧୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତ ସୁଶାନ୍ତ ପ୍ରଧାନଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ହଜାର ଟଙ୍କା ଜରିମାନା ଅନାଦେୟରେ ଅଧିକ ୨ବର୍ଷ ଜେଲ୍ ଦଣ୍ଡାଦେଶ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ।

## ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ନିଆଳି, ୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ନିଆଳି ପଞ୍ଚାୟତ ଆଲୋକନଗରର ଭଡାରେ ରହୁଥିବା ଶୁଭସ୍ମିତା ଭଟଙ୍କ ଚୋଟ ଝିଅ ବାରଣ୍ଡାରେ ବସି ମୋବାଇଲ ଦେଖୁଥିବା ବେଳେ ଜଣେ ଯୁବକ ହଠାତ ମୋବାଇଲ ଛଡାଇ ନେଇଥିଲାଛ ନିଆଳି ଥାନାରେ ଶୁଭସ୍ମିତା ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ୫୬୦/୨୫ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏହି ଘଟଣା ରେ ଉକ୍ତ ଥାନା ଅଧିନସ୍ତ ତୋଟା ସାହି ଗ୍ରାମର ବାବୁରାମ ଭୋଇଙ୍କ ପୁଅ ସୁବ୍ରଜିତ ଭୋଇ ଓରଫ ପିଣ୍ଟୁ (୨୩)କୁ ଗିରଫ କରିଛି । ତା' ନିକଟରୁ ମୋବାଇଲ ଜବତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ଦିଲ୍ଲୀପ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

## ଦୁର୍ଘଟଣାରେ ଆହତ ଛାତ୍ରୀଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରାଢୋ ଗ୍ରାମର ବିଜୟ ନାରାୟଣ ସେନାପତିଙ୍କ ଝିଅ ଶିବାନୀ(୧୨) ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତ୍ର ୮.୩୦ମି. ସମୟରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଶିବାନୀ ଗତ ୭ ତାରିଖ ଶୁକ୍ରବାର ଅପରାହ୍ନ ୧.୪୦ମି. ସମୟରେ ରାଢୋ ନୋଡାଲ ସ୍କୁଲରୁ ଶୁଭରଞ୍ଜନ(୯) ସହ ସାଥିହୋଇ ଭଣ୍ଡାରିପୋଖରୀ–ମଣିନାଥପୁର ପୂର୍ତ୍ତ ରାସ୍ତାରେ ଘରକୁ ଫେରୁଥିବା ବେଳେ ରାଢୋଛକ ନିକଟ ଶିଶିର ନାୟକଙ୍କ ଘର ସମ୍ମୁଖରେ ମାଳଦା ଆଡୁ ଦ୍ରୁତବେଗରେ ଆସୁଥିବା ଓଡି–୦୨–ଏ ଡବ୍ଲୁ ୫୪୨୪ନଂ କାର ପଛରୁ ଧକ୍କା ଦେଇଥିଲା । ଫଳରେ ଉଭୟ ଛାତ୍ରଛାତ୍ରୀ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଶିବାନୀଙ୍କୁ କଟକର ଏକ ଘରୋଇ ହସପିଟାଲକୁ ଚିକିତ୍ସା ପାଇଁ ନଆଯାଇଥିଲା । ଦୀର୍ଘ ୧୫ ଦିନ କୋମାରେ ରହିବା ପରେ ଶିବାନୀ ଗତ ଗୁରୁବାର ମୃତ୍ୟୁବରଣ କରିଥିଲେ। ଶୁକ୍ରବାର ଶୋକାକୁଳ ପରିବେଶରେ ଶିବାନୀର ମୃତଦେହ ରାଢୋ ବାସଭବନ ପରିସରରେ ସଂସ୍କାର କରାଯାଇଛି। ସରପଞ୍ଚ ରଞ୍ଜନ କୁମାର ପରିଡା, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ନାୟକ, ସମିତି ସଭ୍ୟ ପ୍ରତିନିଧି ଅମୂଲ୍ୟ କୁମାର ସେଠୀ, ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାୟକ ସଂସ୍କାର ସମୟରେ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଦେଇଥିଲେ । ବିଭୁରଞ୍ଜନ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ୫୦୬/୨୫ନଂ ମାମଲା ରୁଜୁ ହୋଇଥିଲା ।

## ସୋଲାର ସଂସ୍ପର୍ଶରେ ଆସି ମହିଳା ମୃତ

**ଢେଙ୍କାନାଳ, ୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସୋଲାର ସଂସ୍ପର୍ଶରେ ଆସି ଜଣେ ମହିଳା ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ସୂଚନା ମୁତାବକ ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ସମୟରେ ହିନ୍ଦୋଳ ଥାନା ଅନ୍ତର୍ଗତ ହିନ୍ଦୋଳ ଏନ୍‌ଏସି ୧୫ ନଂ ୱାର୍ଡ଼ ଆଳୁସିଂହ ଗ୍ରାମର ଦିବାକର ସାହୁଙ୍କ ସ୍ତ୍ରୀ ପୁନି ସାହୁ (୩୫) ଗ୍ରାମ ନିକଟସ୍ଥ ପିଢ଼ଠାକୁରାଣୀ ନିକଟସ୍ଥ ଧାନବିଲକୁ ମାଙ୍କଡ଼ ଘଉଡ଼ାଇବାକୁ ଯାଇଥିବାବେଳେ ସେହି ଅଂଚଳରେ ପୂର୍ବରୁ ଥିବା ହାତୀପଲ ମଧ୍ୟରୁ ଗୋଟିଏ ହାତୀ ତାଙ୍କୁ ତଡିବାରୁ ପୁନି ପ୍ରାଣ ବିକଳରେ ଦୌଡ଼ି ଯାଉଥିବାବେଳେ ବିଲରେ ଲାଗିଥିବା ସୋଲାର ତାରବାଡରେ ଛନ୍ଦିହୋଇ ଅଚେତ୍ ହେବା ସହ ତଳେପଡି ଛଟପଟ ହେଉଥିଲେ। ତେବେ ପାଟିଶୁଣି ପରିବାର ସଦସ୍ୟ ଓ ଗ୍ରାମବାସୀ ତୁରନ୍ତ ଆସି ପୁନିଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁନିଙ୍କ ମୃତ୍ୟୁ ଖବରପାଇ ବିଜେଡ଼ି ନେତା ତଥା ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ରମେଶ ସାହୁ ଓ କାଉନସିଲର ଅନୁପମା ସାହୁ ପ୍ରମୁଖ ଯାଇ ହିନ୍ଦୋଳ ଡାକ୍ତରଖାନରେ ଶେଷଦର୍ଶନ କରି ଶ୍ରଦ୍ଧାଳି ଜଣାଇବା ସହ ଶୋକପ୍ରକାଶ କରିଛନ୍ତି । ପୁନିଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଗରିବ ମୃତକ ପୁନିଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସରକାରଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଯୌତୁକ ନିର୍ଯାତନାରେ ମହିଳା ମୃତ, ସ୍ୱାମୀ ସହ ୪ଙ୍କ ନାଁରେ ଏତଲା

**କଳିଙ୍ଗନଗର, ୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଥାନା ଅଧୀନ ବାରଗଡ଼ିଆ ନୂଆଗାଁରେ ଜଣେ ଯୁବତୀଙ୍କ ଅସ୍ୱଷ୍ଟ ଓ ଅକାଳ ମୃତ୍ୟୁକୁ କେନ୍ଦ୍ର କରି ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ବିବାହ ପରବର୍ତ୍ତୀ ଯୌତୁକ ଦାବି, ନିର୍ଯାତନା ଓ ହତ୍ୟାର ଅଭିଯୋଗ ଆସିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱ ସହ ତଦନ୍ତ କରୁଛି । ଥାନା କେସ ନଂ. ୪୨୭/୨୫ ଦଫା–୧୦୩/୮୫/୮୦/୩(୫) ବିଏନଏସ ସହିତ ଧାରା ୪ ଡି.ପି. ଆକ୍ଟରେ ମାମଲା ରୁଜୁ ହୋଇଛି । ଥାନା ଠାରୁ ବାରଗଡ଼ିଆ ନୁଆଗାଁ ୩କି.ମି. ଭିତରେ ଯୌତୁକ ନିର୍ଯାତନାରେ ସନ୍ଧ୍ୟା ୫ଟା ୬ମିନିଟ ରେ ହୋଇ ଥିବାବେଳେ ମୃତ ଝିଅର ପିତା ରାତି ୧୧ଟା ୫୭ ମିନିଟରେ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ କେଉଁଝର ଜିଲ୍ଲାର ରାମଚନ୍ଦ୍ରପୁର ଥାନା ବାଟୋ ଗ୍ରାମର ବାବନ ଚରଣ ସାହୁଙ୍କ ଝିଅ ସସ୍ମିତାକୁ ଅଧିକ ଯୌତୁକ ପାଇଁ ବାରମ୍ବାର ନିର୍ଯାତନା ଦେବାପରେ ଶାଶୁଘର ଲୋକ ଜୀବନରୁ ମାରିଦେଇ ଥିବା ଥାନାରେ ଅଭିଯୋଗ ଆଣିଛନ୍ତି । ଜଣାପଡିଛି ମୃତକ ସସ୍ମିତା ସାହୁ (୨୩) ବାରଗାଡ଼ିଆ ଗ୍ରାମର ବିନୋଦ ସାହୁଙ୍କୁ ଜୁଲାଇ ୨୦୨୨, ବିବାହ କରିଥିଲେ । ୨୦୨୨ ଜୁଲାଇରେ ସମ୍ପନ୍ନ ବିବାହ ପରେ ପ୍ରଥମ ୬ ମାସ ସସ୍ମିତାଙ୍କ ଜୀବନ ଅତି ସାଧାରଣ ବହୁ ଭଲ ଭାବରେ ଚାଲିଥିଲା । ତା'ପରେ ଶ୍ୱଶୁରଘର ପକ୍ଷରୁ ଅତିରିକ୍ତ ଯୌତୁକ ଦାବି ଓ ନିୟମିତ ମାନସିକ–ଶାରୀରିକ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ରହିଛି । ଅତିରିକ୍ତ ଯୌତୁକ ଦେଇନପାରିବାରୁ ମୋ ଝିଅକୁ ସବୁବେଳେ ନିଯ୍ୟାତନା, ଯନ୍ତ୍ରଣା ଓ ଶେଷରେ ମାରିଦେଲେ ମୃତ ସସ୍ମିତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତ । ଘଟଣା ଘଟିବା ଦିନର ୨୦ ନଭେମ୍ବର ସନ୍ଧ୍ୟା ୫ଟା ୬ମିନିଟରେ ମୃତ ଝିଅ ପିତାଙ୍କୁ ସସ୍ମିତା ଅସୁସ୍ଥ, ଦାନଗଡ଼ି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାଇଥିଲେ । ଫୋନ କଲ ପରେ ସସ୍ମିତାର ପିତା ହସ୍ପିଟାଲ୍ ପହଞ୍ଚିଥିଲେ । ମେଡିକାଲରେ ସସ୍ମିତାଙ୍କୁ ମୃତ ଅବସ୍ଥାରେ ଦେଖି ପରିବାର ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା । ଝିଅର ପରିବାରଙ୍କ ଅଭିଯୋଗ ଯେ ପୂର୍ବରୁ ଶ୍ୱଶୁରଘର ପକ୍ଷ ଘଟଣା ବିଷୟରେ କିଛି କୁହିନଥିଲେ । ଏଣୁ ଝିଅ ଘର ଲୋକେ ହତ୍ୟା କରିଥିବା ସନ୍ଦେହ କରିଥିଲେ । ଏହାପରେ ମୃତ ସସ୍ମିତାଙ୍କ ପିତା ରାତି ୧୧ଟା ୫୭ ମିନିଟରେ କଳିଙ୍ଗନଗର ପୋଲିସ ଷ୍ଟେସନରେ ଝିଅକୁ ତା' ଶାଶୁଘର ଲୋକେ ମାରିଦେଇଥିବା ଲିଖିତ ଅଭିଯୋଗ ଦାଖଲ କରନ୍ତି । ଅଭିଯୁକ୍ତ ମାନେ ହେଲେ ସ୍ୱାମୀ– ବିନୋଦ ସାହୁ, ଶାଶୁ– ଗୁରେଇ ସାହୁ, ଶ୍ୱଶୁର –ବିଜୟ ସାହୁ ଏବଂ ମମଲି ବେହେରା ଅଟନ୍ତି । କେସର ଆଇଓ ଏସ ଆଇ ରାଜକିଶୋର ବେହେରାଙ୍କ ନେତୃତ୍ୱ ଏକ ଟିମ ପଞ୍ଚିଚି ଘଟଣାସ୍ଥଳରେ ପରୀକ୍ଷା ନିରୀକ୍ଷା କରିଛନ୍ତି । ବୈଜ୍ଞାନିକ ଦଳ ଦ୍ୱାରା ଘଟଣାସ୍ଥଳ ପରିଦର୍ଶନ ଓ ପ୍ରମାଣ ସଂଗ୍ରହ କରଛନ୍ତି । ମୃତ ଦେହ କୁ ଜବତ କରି ସ୍ଥାନୀୟ ଦାନଗଦି ଗୋଷ୍ଠି କେନ୍ଦ୍ରକୁ ଶବବ୍ୟଛଦ ପାଇଁପଠାଗଲା । ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି, ପଚାରାଉଚରା କରିଛି । ପୋଲିସ ପଡୋଶୀ ଓ ବାପାଙ୍କ ସାକ୍ଷ୍ୟ ହିସାବ ରେ ନେଇଛି । ପୋଲିସର ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯୌତୁକ ଦାବି, ଘରୋଇ ନିର୍ଯାତନା, ଅସ୍ୱଷ୍ଟ ମୃତ୍ୟୁ ପରିସ୍ଥିତି ଜାଣିବାକୁ ପାଇଛି । ସମଗ୍ର ଘଟଣା ସନ୍ଦେହାସ୍ପଦ ବୋଲି ପୋଲିସ ମନେ କରୁଛି । ଯୌତୁକ ଦାବି ଓ ନିର୍ଯାତନାରେ ଆଉ ଗୋଟିଏ ଯୁବତୀଙ୍କ ଜୀବନ ଅସମୟରେ ଶେଷ ହେଲା । ଦୋଷୀ ପ୍ରମାଣିତ ହେଲେ ନିଶ୍ଚୟ ଦୃଢ଼ କଡା କାର୍ଯ୍ୟନୁଷ୍ଠାନ ନିଆଯିବ । ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି ।

## ପୌରାଧକ୍ଷଙ୍କ ସମେତ ୬ ଜଣଙ୍କ ପଦ ରଦ୍ଦ କଲେ ରାଜ୍ୟ ନିର୍ବାଚନ କମିଶନ



**ସୋର, ୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପି ଟିକେଟରେ ଜିତି ଦଳୀୟ ଶୃଙ୍ଖଳା ଭଙ୍ଗକରି ବିଜେଡି ରେ ସାମିଲ ହେବା ମହଙ୍ଗ ପଡ଼ିଲା। ଏକ ନିର୍ବାଚନ ମକଦ୍ଦମାର ବିଚାର କରି ଭାରପ୍ରାପ୍ତ ଅଧକ୍ଷାଙ୍କ ସମେତ ୬ ଜଣ ପାରିଷଦଙ୍କ ପଦ ରଦ୍ଦ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନର । ସେମାନେ ହେଲେ ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠି, ତନ୍ମୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରିନାରାଣୀ ସେଠୀ। ଗତ ସାଧାରଣ ନିର୍ବାଚନ ସମୟରେ ଏମାନେ ବିଜେପି ଦଳରେ ଥିବା ବେଳେ ବିଶୃଙ୍ଖଳିତ ଭାବେ ବିଜେଡିରେ ମିଶିବା ସହ ବିଜେଡି ବିଧାୟକଙ୍କୁ ସମର୍ଥନ କରିଥିଲେ । ଏନେଇ ବିଜେପି ନେତା ନାଳିନିକାନ୍ତ ମହାପାତ୍ର ଜୁନ ୩ ତାରିଖରେ ନିର୍ବାଚନ କମିଶନଙ୍କ ଠାରେ ଦ୍ୱାରାସ୍ତ ହୋଇଥିଲେ। ଦିର୍ଘ ୧୭ମାସ ପରେ ଆଜି ରାଜ୍ୟ ନିର୍ବାଚନ କମିଶନ ଭାରପ୍ରାପ୍ତ ପୌରାଧକ୍ଷଙ୍କ ସମେତ ୫ଜଣ ପାରିଷଦଙ୍କ ପଦକୁ ରଦ୍ଦ କରିଥିବା ଜଣାପଡ଼ିଛି ।

## କଳମା ଗ୍ରାମରେ ରାସ୍ତା ମାପକୁ ନେଇ ଉତ୍ତେଜନା

**ବୈଶିଙ୍ଗା, ୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଗ୍ରାମରେ ଏକ ରାସ୍ତା ମାପକୁ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ଏଥିପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିବାର ଦେଖିବାକୁ ମିଳିଥିଲା । ସରକାରୀ କଳକୁ ବ୍ୟବହାର କରି ବିଧାୟକ ଏହି ମାପ ପାଇଁ ଚାପ ପକାଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ । ବିଧାୟକଙ୍କ ଘର ନିକଟରୁ ପୂର୍ବକୁ ଯାଇଥିବା ପ୍ରାୟ ଶହେ ମିଟର ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲ ହୋଇଥିବାରୁ ତାହାକୁ ମାପ କରି ସଠିକ ରାସ୍ତା ବାହାର କରିବା ପାଇଁ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ଅଛି ବୋଲି ତହସିଲଦାର ଚନ୍ଦ୍ରଜିତ ବେହେରା ପ୍ରକାଶ କରିଥିଲେ । ତାଙ୍କ ସହିତ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ଦବଙ୍ଗ ବିଡ଼ିଓ ଶୁଶାନ୍ତ କୁମାର ସୁତାର,ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ତଥା ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ମାପ ସମୟରେ ଗ୍ରାମବାସୀଙ୍କ ଅଭିଯୋଗ ଥିଲା ହାଲ ନକ୍ସା ଭୁଲ ଅଛି ସାବକ ନକ୍ସାରେ ମାପ କରାଯାଉ । ମାତ୍ର ତହସିଲଦାର ହାଲ ନକ୍ସାରେ ମାପ କରିବା ପାଇଁ ଅଡି ବସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ସେମାନେ କହିଲେ ବିଧାୟକ ଏହି ମାପ ପାଇଁ ଚାପ ପକାଇଛନ୍ତି ମାତ୍ର ସେ ନିଜେ ଖେଳପଡିଆ ସମେତ ବହୁ ଜାଗା ଦବରଦଖଲ କରିଛନ୍ତି । ତେଣୁ ମାପ କରାଗଲେ ଗ୍ରାମବାସୀଙ୍କ ନିଜସ୍ୱ ଜମି ମାପ କରାଯାଇ ଚିହ୍ନଟ କରିବାପରେ ରାସ୍ତା ଚିହ୍ନଟ କରାଯାଉ । ଏମିତି ବହୁ ସମୟ ଧରି ଉଭୟ ପକ୍ଷ କଥା କଟା କଟି ପରେ ତହସିଲଦାର ସମସ୍ତ ଜମି ମାପ କରାଯିବ ବୋଲି କହିବା ପରେ ଅମିନଙ୍କ ଦ୍ୱାରା ମାପ କାର୍ଯ୍ୟ ଆରମ୍ଭ ହୋଇ ଥିଲା । ଦିବା ୧୨ ଘଟିକାରୁ ଏହି ମାପ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା । ଏ ବିଷୟରେ ଅତିରିକ୍ତ ତହସିଲଦାରଙ୍କୁ ଫୋନ ଯୋଗେ ଯୋଗା ଯୋଗ କରିବା ପରେ ସେ କହିଲେ ମାପ ଅନୁସାରେ ଚିହ୍ନଟ କରାଯାଇଛି । ପରବର୍ତ୍ତି ସମୟରେ ଗ୍ରାମବାସୀଙ୍କୁ ନୋଟିସ କରାଯାଇ ଜବର ଦଖଲ ଉଚ୍ଛେଦ କରାଯିବ ।

## ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

**ବୁଗୁଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ–ଅନ୍ତରପଡା ରାସ୍ତାରେ ଶିଶୁ ମନ୍ଦିର ସମ୍ମୁଖରେ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜନୈକା ନାବାଳିକାଙ୍କ ସମେତ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତା ନାବାଳିକା ଜଣକ ହେଲେ ବାଲିପଦର ଗ୍ରାମର ଏ. ପ୍ରଦୋଷ ପାତ୍ରଙ୍କ ଝିଅ ତନ୍ମେଶା ପାତ୍ର ଓରଫ୍ ପିହୁ (୯) ଏବଂ ମୃତ ବାଇକ ଚାଳକ ଜଣକ ହେଲେ ସୁନାକେରା ଗ୍ରାମର ସୁଦର୍ଶନ ମଲ୍ଲିକଙ୍କ ପୁଅ ଅଜିତ ମଲ୍ଲିକ(୨୪) । ଘଟଣାରୁ ପ୍ରକାଶ ଯେ, ପିହୁ ତାଙ୍କ ପରିବାର ଲୋକଙ୍କ ସହ ଅଟୋରେ ବସି ଶାଙ୍କୁଳାଇ ପୀଠକୁ ଭୋଜି ଖାଇବାକୁ ଯାଉଥିଲା ବେଳେ ସାମନା ପଟୁ ଦ୍ରୁତଗତିରେ ଆସୁଥିବା ଅଜିତଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ପିହୁ ଏବଂ ଅଜିତଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା । ଉଭୟଙ୍କୁ ସଙ୍ଗେ ସଙ୍ଗେ ଆସିକା ମେଡିକାଲକୁ ନିଆଯାଇଥିଲା । ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡି ଆସିକା ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଛାଡି ସମ୍ମିଳିତ ଶିକ୍ଷା ସାଧନ ପ୍ରଶିକ୍ଷଣ କାହା ସ୍ୱାର୍ଥରେ?

**ବାଲିଅନ୍ତା, ୨୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ମିଳିତ ଶିକ୍ଷା ତାଲିମ ଓ ସଚେତନତା କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହେଉଛି । ତେଣୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବାଦ ଦେଇ ଉକ୍ତ କାର୍ଯ୍ୟକ୍ରମ କାହା ସ୍ୱାର୍ଥରେ ଚାଲିଛି ବୋଲି ଚର୍ଚ୍ଚା ହେଉଛି । ପ୍ରଶିକ୍ଷଣ ଦିବସ ଦର୍ଶାଇ ଯୋଜନା ଟଙ୍କା ଆତ୍ମସାତ କରାଯାଉଥିବା ଭଳି ମଧ୍ୟ ଅଭିଯୋଗ ଶୁଣିବାକୁ ମିଳୁଛି । ତାଲିମ ନାମରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରହସନ ଚାଲିଥିବା ଆଲୋଚନା ହେଉଛି । ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଉପସ୍ଥାନ ବୃଦ୍ଧି, ସେମାନଙ୍କର ଉପଯୁକ୍ତ ଯତ୍ନ, ସାମଗ୍ରିକ ଶିକ୍ଷାଦାନ, ଜୀବନଚର୍ଯ୍ୟା ଉପରେ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ, ଅନୁଷ୍ଠାନ ଓ ସେମାନଙ୍କ ଅଭିଭାବକମାନଙ୍କୁ ଏଥିରେ ସାମିଲ କରାଯାଉ ନାହିଁ । ବାଲିଅନ୍ତା ବ୍ଲକର ବିଭିନ ପଞ୍ଚାୟତରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପ୍ରଶିକ୍ଷଣରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏହି ପରିପ୍ରେକ୍ଷୀରେ ବାଲିଅନ୍ତା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦପ୍ତର ଓ ଶିକ୍ଷକ କେଉଁ ଉଦ୍ଦେଶ୍ୟ ସାକାର ନେଇ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନୂଆ ରାଇଗୋଡ଼ା ଗ୍ରାମବାସୀଙ୍କ ଚୁଆପାଣିରେ ବିତୁଛି ଜୀବନ

**ଅନୁଗୁଳ, ୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କୋର୍ ଏରିଆର ପ୍ରଥମ ଗାଁ ଭାବେ ବିସ୍ଥାପିତ ହୋଇଥିଲା ବଡ଼କନ୍ତକୁଳ ପଞ୍ଚାୟତର 'ରାଇଗୋଡ଼ା' । ସାତକୋଶିଆ ଛାଡ଼ିବାକୁ ୭୮ ପରିବାର ବିଶିଷ୍ଟ ଏହି ଗାଁର ଲୋକଙ୍କୁ ସେତେବେଳେ ଅନେକ ସ୍ୱପ୍ନ ଦେଖାଇଥିଲା ବନ ବିଭାଗ ଓ ଜିଲ୍ଲା ପ୍ରଶାସନ । ପ୍ରତି ପରିବାରକୁ ୧୦ ଲକ୍ଷ ଟଙ୍କା ସହ ୨୪ ଦଫା ସୁବିଧା ଦେବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ସେହି ବଡ଼କନ୍ତକୁଳ ପଞ୍ଚାୟତର ଯେଉଁ ନୂଆ ଜାଗାରେ ଥଇଥାନ କଲେ, ତା' ନାଁ ଦେଲେ ନୂଆ ରାଇଗୋଡ଼ା । ହେଲେ ପ୍ରଶାସନର ତଞ୍ଚକତାର ଶିକାର ହୋଇ ସୁବିଧା ସୁଯୋଗରୁ ବଞ୍ଚିତ ହେବାପରେ ଏବେ ନିଜ ପୁରୁଣା ଗାଁକୁ ଝୁରି ହେଉଛନ୍ତି ନୂଆ ରାଇଗୋଡ଼ାବାସୀ ।

ନୂଆ ରାଇଗୋଡ଼ାର ପାଣି ସମସ୍ୟା ସବୁଠୁ ଉତ୍କଟ । ଗାଁକୁ ପାଇପ୍ ଯୋଗେ ଯେଉଁ କାଦୁଅ ମିଶା ପାଣି ଆସୁଛି, ତାହା ପିଇବା ଯୋଗ୍ୟ ନୁହେଁ । ଗାଁଠୁ ଦେଢ଼ କିଲୋମିଟର ଦୂରରେ ଥିବା ଝରଣାରୁ ଚୁଆ ଖୋଳି ପାଣି ଆଣିଲେ ଘରେ ଚୁଲି ଜଳେ । ହେଲେ ହାତୀ ଭୟ ଥିବାରୁ ରାତି ପାହିଲେ ଗାଁର ସବୁ ମହିଳା ଏକଜୁଟ୍ ହୋଇ ପାହାଡ଼ ଚଢ଼ି ପାଣି ସଂଗ୍ରହ କରନ୍ତି । ନୂଆ ରାଇଗୋଡ଼ାର ପରୀ ପ୍ରଧାନ କହିଛନ୍ତି, ତାଙ୍କ ପୁରୁଣା ଗାଁରେ ଘର ପାଖରେ ପିଇବା ପାଣି ମିଳୁଥିଲା । ଭଲରେ ରହୁଥିଲୁ ।



ହେଲେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଲୋଭ ଦେଖାଇ ଭିଟାମାଟି ଛାଡ଼ିବାକୁ କହି ଭଣ୍ଡେଇ ଦେଲେ ।

ସେତିକି ନୁହେଁ, ଗାଁର ୭୦ ବର୍ଷୀୟ ଗୁରୁଦେବ ପ୍ରଧାନ କହିଛନ୍ତି, ବାପଜେଜେ ଅମଳରୁ ସେମାନେ ରହିଆସୁଥିବା ତାଙ୍କ ପୁରୁଣା ଭିଟାମାଟିରେ ସବୁ ଥିଲା । ଚାଷବାସ କରି ସଭିଏଁ ଭଲରେ ଚଳୁଥିଲେ । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ ଭିଟାମାଟି ଛାଡ଼ିଲା ବେଳେ ନୂଆ ବସତିରେ ପ୍ରତି ପରିବାରକୁ ୧୦ ଲକ୍ଷ ଟଙ୍କା ଓ ୧୦ ଡେସିମିଲ ଜାଗା ସହ ବିଜୁଳି, ପାଣି, ରାସ୍ତା, କୋଠଘର, ସ୍କୁଲ, ଅଙ୍ଗନବାଡ଼ି ଭଳି ୨୪ଟି ପ୍ରତିଶ୍ରୁତି ଦେଇଥିଲା ପ୍ରଶାସନ । ରାସ୍ତା, ବିଜୁଳିକୁ ଛାଡ଼ିଦେଲେ, ଆଉ କେଣସି ପ୍ରତିଶ୍ରୁତି ରଖିନି ପ୍ରଶାସନ । ପୁରୁଣା ରାଇଗୋଡ଼ାରେ ପୂର୍ବରୁ ପଞ୍ଚମ ଶ୍ରେଣୀ ଯାଏଁ ସ୍କୁଲ ଥିଲାଛ ଅଙ୍ଗନବାଡ଼ି ଥିଲା । ଏଠି ଆସିବା ପରେ ସବୁ ବନ୍ଦ କରିଦେଲେ । ଏବେ ପାଠ ପିବାକୁ ଛୋଟ ଛୋଟ ପିଲାଙ୍କୁ ୨ କିଲୋମିଟର ଦୂରରେ ଥିବା ସାରୁଆଳି ପ୍ରାଥମିକ ସ୍କୁଲକୁ ଯିବାକୁ ପଡୁଛି । ହାତୀ ଭୟରେ ଅନେକ ସମୟରେ ପିଲାମାନେ ପାଠ ପିବାକୁ ବି ଯାଇପାରୁ ନାହାନ୍ତି । ଆଉ ଏପଟେ ଚାଷ ପାଇଁ ନିଜର ଜମି ନ ଥିବାରୁ ଗାଁର ଅଧିକାଂଶ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି । ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ରାଇଗୋଡ଼ାବାସୀଙ୍କ ସମସ୍ୟା ନେଇ ମୋ ପାଖକୁ କେଣସି ଅଭିଯୋଗ ଆସିନି । ଯେତେବେଳେ ସେମାନଙ୍କୁ ବିସ୍ଥାପିତ କରାଯାଇଥିଲା, କ'ଣ ପ୍ରତିଶ୍ରୁତି ଦିଆଯାଇଥିଲା, କେତେ ପୂରଣ ହୋଇଛି ଆଉ କ'ଣ ସମସ୍ୟା ରହିଛି ତାହାର ଅନୁଧ୍ୟାନ କରାଯିବ । ଜିଲ୍ଲା ପ୍ରଶାସନ ସହଯୋଗରେ ସେସବୁ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି ।

ଧାନ ପାଚିଆସିଲାଣି, କେଉଁଠି ପୁଣି ଆଉ କିଛିଦିନ ଲାଗିବ ପୂରା ପାଚିବାକୁ । ବାତ୍ୟା ଭୟରେ ଅନେକ ଚାଷୀ ଦରପାଚିଲା ଧାନକୁ ମଧ୍ୟ ତରତରରେ କାଟି ପକାଉଛନ୍ତି । ଅନେକ ଚାଷୀ ସେମାନଙ୍କ ଧାନ କ୍ଷେତକୁ ଦେଖି ହତାଶ ହେଉଛନ୍ତି । ଟିଭିରେ ତୁହାକୁ ତୁହା ବାତ୍ୟା ଆସିବାର ଖବରରେ ଚାଷୀ ଚିନ୍ତାରେ ପଡ଼ିଯାଇଛି । ଦରପାଚିଲା ଧାନ କାଟି ଆଣିଲେ ବିକ୍ରି ପାଇଁ ସମସ୍ୟା ହୋଇପାରେ, ଆଉ ଯଦି ପୂରା ପାକଳ ହେବାକୁ ଅପେକ୍ଷା କରାଯିବ ତା'ହେଲେ ମୂଳରୁ ସବୁ ଯାଇପାରେ– ଏଭଳି ଏକ ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି ଚାଷୀ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୩ ନଭେମ୍ବର ୨୦୨୫ | ରବିବାର

ଓଡ଼ିଶା ଏକ୍ସପ୍ରେସ୍


## ଆସୁଛି ବାତ୍ୟା ଚାଷୀଙ୍କ ଛାତିରେ ଛନକା

ପାଣିପାଗ ପୂର୍ବାନୁମାନ କରିଛି– ବାତ୍ୟା ଆସୁଛି, କେଉଁଠି ସ୍ଥଳଭାଗ ଛୁଇଁବ ସେକଥା ସ୍ପଷ୍ଟ ହୋଇନି । ତଥାପି ବର୍ଷା ପବନର ସମ୍ଭାବନାକୁ ଏଡ଼େଇ ଦେଇ ହେଉନି । ବିଭିନ୍ନ ପାଣିପାଗ ସଂସ୍ଥାର ମଡେଲ କହୁଛନ୍ତି– ୨୯ ଓ ୩୦ ତାରିଖରେ ଭୀଷଣ ବାତ୍ୟା ଦକ୍ଷିଣ–ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ମୁହାଁଇବ । ଏହା ଆନ୍ଧ୍ର ଓ ଓଡ଼ିଶା ଉପକୂଳ ଛୁଇଁବାର ଅଧିକ ସମ୍ଭାବନା ରହିଛି ବୋଲି ପାଣିପାଗ ସଂସ୍ଥାମାନେ କହୁଛନ୍ତି । ତେବେ ନିର୍ଦ୍ଦିଷ୍ଟ ଭାବେ ଏହା କେଉଁଠି ଲ୍ୟାଣ୍ଡଫଲ କରିବ ତାହାର ସମୟ କିମ୍ବା ସ୍ଥାନ ଏତେ ପୂର୍ବରୁ ଆକଳନ କରିବା ସମ୍ଭବ ନୁହେଁ ବୋଲି ପାଣିପାଗ ସଂସ୍ଥାମାନେ କହିଛନ୍ତି । ତଥାପି ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି ।

ଧାନ ପାଚିଆସିଲାଣି, କେଉଁଠି ପୁଣି ଆଉ କିଛିଦିନ ଲାଗିବ ପୂରା ପାଚିବାକୁ । ବାତ୍ୟା ଭୟରେ ଅନେକ ଚାଷୀ ଦରପାଚିଲା ଧାନକୁ ମଧ୍ୟ ତରତରରେ କାଟି ପକାଉଛନ୍ତି । ଅନେକ ଚାଷୀ ସେମାନଙ୍କ ଧାନ କ୍ଷେତକୁ ଦେଖି ହତାଶ ହେଉଛନ୍ତି । ଟିଭିରେ ତୁହାକୁ ତୁହା ବାତ୍ୟା ଆସିବାର ଖବରରେ ଚାଷୀ ଚିନ୍ତାରେ ପଡ଼ିଯାଇଛି । ଦରପାଚିଲା ଧାନ କାଟି ଆଣିଲେ ବିକ୍ରି ପାଇଁ ସମସ୍ୟା ହୋଇପାରେ, ଆଉ ଯଦି ପୂରା ପାକଳ ହେବାକୁ ଅପେକ୍ଷା କରାଯିବ ତା'ହେଲେ ମୂଳରୁ ସବୁ ଯାଇପାରେ– ଏଭଳି ଏକ ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି ଚାଷୀ ।

ଗତବର୍ଷ ମଧ୍ୟ ଠିକ୍ ଏଇ ସମୟରେ ଲଘୁଚାପ ବର୍ଷା ପାଚିଲା କ୍ଷେତକୁ କ୍ଷତିଗ୍ରସ୍ତ କରିଥିଲା । ଚାଷୀ ବର୍ଷା ଛାଡ଼ିବା ପରେ ଯେତିକି ପାଇଥିଲେ ତାକୁ ମଣ୍ଡିରେ ବିକ୍ରି କରିବା ପାଇଁ ସହଗଞ୍ଜ ହୋଇଥିଲେ । ସବୁଠି କଟ୍‌ନି ଛଟ୍‌ନିର ଶିକାର ହୋଇଥିଲା ଚାଷୀ । ଏବର୍ଷ ମଧ୍ୟ ଠିକ୍ ସେମିତି ସ୍ଥିତି ଉପୁଜିଛି ।

ଏବେ କୋବି ଅମଳର ସମୟ । ଏ ସମୟରେ ଯଦି ବର୍ଷା ପବନ ଲାଗି ରହେ ଏହା କୋବି ଚାଷକୁ କ୍ଷତିଗ୍ରସ୍ତ କରିବ । ଏ ବର୍ଷ ମାର୍ଗଶୀର ମାସରେ ମଧ୍ୟ ପନିପରିବା ଦର ଚଢ଼ା ରହିଛି । ଫସଲ ଅମଳ ହେଲେ ଦର କମିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଯଦି ବାତ୍ୟା ଆସେ ତା'ହେଲେ ଅମଳ ହେବାକୁ ଥିବା ଫସଲ ମଧ୍ୟ ଉଜୁଡ଼ିଯିବ । ଏବର୍ଷ ଶୀତରେ ଆଉ ପରିବା ଦର ଖସିବ ବୋଲି ଆଶା କରିହେଉନି ।

ବାତ୍ୟାର ପୂର୍ବାନୁମାନ ବଜାର ଦରକୁ ଉପରମୁହାଁ କରିଛି । ଲୋକଙ୍କ ଭିତରେ ବାତ୍ୟାର ଭୟ ଦେଖାଦେଇଛି । ଏହାର ସୁଯୋଗ ବେପାରୀମାନେ ନେଇପାରନ୍ତି । ଆଉ ଏକ ବଡ଼ ସମସ୍ୟା ଦେଖାଦେଇଛି ଧାନ କାଟିବାକୁ ନେଇ । ବାତ୍ୟା ଭୟରେ ତର ତରରେ ଧାନ କାଟି ଆଣିବାକୁ ଅନେକ ଚାହୁଁଥିଲେ ମଧ୍ୟ ଧାନକଟାଳି ମୂଲିଆ ମିଳୁନାହାନ୍ତି । ସମସ୍ତେ ଏକାସାଙ୍ଗରେ ଧାନ କାଟିବାକୁ ଚାହୁଁଥିବାରୁ ଧାନକଟାଳିଙ୍କ ଅଭାବ ଦେଖାଦେଇଛି । ଆଜିକାଲି ଅନେକେ ସେଇ କ୍ଷେତରେ ହିଁ ମେସିନ ସାହାଯ୍ୟରେ ବେଙ୍ଗେଳା ମଧ୍ୟ ପକାଇ ଦେଉଛନ୍ତି । ସେଇଠୁ ବସ୍ତାରେ ଭର୍ତ୍ତି କରି ମଧ୍ୟ ମଣ୍ଡିକୁ ନେଇଯାଉଛନ୍ତି ଅନେକେ । ଠିକ୍ ସମୟରେ ମଣ୍ଡି ନ ଖୋଲିଲେ ବାଧ ହୋଇ ଘରକୁ ଆଣିବାକୁ ପଡୁଛି । ଏଇ କାରଣରୁ ଚାଷୀଙ୍କ ଖର୍ଚ୍ଚ ମଧ୍ୟ ବଢୁଛି ।

ସବୁ ଜାଗାରେ ଏଯାଏ ମଣ୍ଡି ଖୋଲିନି । ତେଣୁ ଚାଷୀ ବାଧ ହୋଇ ଦଲାଲକୁ ବିକିବା ପାଇଁ ବାଧ ହେଉଛନ୍ତି । ଯଦି ବର୍ଷା, ବାତ୍ୟା ହୁଏ ମୂଳରୁ ସବୁଯିବ– ଏଇ ଆଶଙ୍କାରେ ଦଲାଲଙ୍କ ହାତକୁ ମଧ୍ୟ ଟେକିଦେଉଛନ୍ତି ଅନେକେ । ଅନ୍ୟପଟେ ପଡ଼ୋଶୀ ରାଜ୍ୟର ବେପାରୀଙ୍କ ଟ୍ରକ୍‌କୁ ବିଭିନ୍ନ ସ୍ଥାନରେ ଅଟକାଇବା ଫଳରେ ସେମାନେ ମଧ୍ୟ ଭୟ କରୁଛନ୍ତି ଆମ ରାଜ୍ୟକୁ ଆସିବାକୁ । ଚାଷୀ ମଝିରେ ଦହଗଞ୍ଜ ହେଉଛି । ବାହାର ରାଜ୍ୟର ଦଲାଲମାନେ କ୍ଷେତ ପାଖକରୁ କିମ୍ବା ଚାଷୀଙ୍କ ଘରୁ ଟ୍ରକ୍‌ରେ ଧାନ ନେଇଯାଇଥାନ୍ତି। ଯେଉଁମାନେ ମଣ୍ଡିରେ ଦହଗଞ୍ଜ ହେବାକୁ ଚାହାଁନାହାନ୍ତି ସେମାନେ ଦଲାଲଙ୍କୁ ଅଭାବୀ ଦରରେ ମଧ୍ୟ ବିକ୍ରି କରିଦିଅନ୍ତି । ଏବେ ବାହାରର ରାଜ୍ୟ ଦଲାଲମାନଙ୍କୁ ରୋକାଯିବା କାରଣରୁ ଆମ ରାଜ୍ୟର ଚାଷୀ ସଂକଟରେ ପଡ଼ିଯାଇଛନ୍ତି । ଯେଉଁମାନଙ୍କର ତତ୍କାଳ ଟଙ୍କା ଦରକାର ସେମାନେ ସେମାନଙ୍କ ଧାନକୁ ବିକ୍ରି କରିପାରୁନାହାନ୍ତି । ଠିକ୍ ସମୟରେ ମଣ୍ଡି ଖୋଲାଗଲେ ଏ ସମସ୍ୟା ଦୂର ହୋଇପାରନ୍ତା ।

# ସ୍ଥାନ ପରିବର୍ତ୍ତନରେ ଜନତାଙ୍କ ହିତ



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ସମଗ୍ର ବିଶ୍ୱରେ ଭାରତର ଅର୍ଥନୈତିକ ଶକ୍ତିର ବିକାଶ ପ୍ରକ୍ରିୟା ସ୍ପଷ୍ଟ ବାରି ହୋଇପଡୁଛି । ଯେଉଁ ଦେଶର ସାମଗ୍ରୀକ ଜାତୀୟ ଉତ୍ପାଦନ ବା ଜିଡିପି ବିଗତ ଦଶନ୍ଧି ପୂର୍ବରୁ ମାତ୍ର ଦୁଇ ଟ୍ରିଲିଅନ ଡଲାରରେ ସୀମିତ ଥିଲା, ଏବେ ତାହା ଦୁଇଗୁଣିତ ହୋଇଛି । ସେହି ପ୍ରଗତି ଯେ ବିଶ୍ୱ ଶକ୍ତିଶାଳୀ ରାଷ୍ଟ୍ର ତାଲିକାରେ କେବଳ ଭାରତକୁ ସଫଳତା ଦେଇଛି ତାହା ନୁହେଁ, ଦେଶର ସ୍ଥିତିକୁ ପଞ୍ଚମ ଓ ଏବେ ଚତୁର୍ଥରେ ପହଞ୍ଚାଇବାରେ ସମର୍ଥ ହୋଇଛି । ଆଗାମୀ କେଇଟା ବର୍ଷରେ ତୃତୀୟ ସ୍ଥାନରେ ପହଞ୍ଚାଇବାର ପରିକଳ୍ପନା ମଧ୍ୟ ସହଜ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଅବଧିରେ ଦେଶର ଆର୍ଥିକ ଅଭିବୃଦ୍ଧି ସହ ଋଣଭାର ମଧ୍ୟ ତାଳ ମିଳାଇ ଚାଲିଛି । ସାମଗ୍ରୀକ ଜାତୀୟ ଉତ୍ପାଦନର ୮୨ ଶତାଂଶ ଋଣ ବୋଝ ଦେଶବାସୀଙ୍କୁ ବହନ କରିବାକୁ ପଡିଛି । ସାଂପ୍ରତିକ ଆର୍ଥିକ ପରିବେଶ ଜାରି ରହିଲେ ଆଗକୁ ମୁଣ୍ଡପିଛା ଋଣଭାର ଯେ ନବଢିବ ତାହା କିଏ କହିବ? ଦେଶର ଋଣଭାର ବୃଦ୍ଧି ଯୋଗୁ ବିଶ୍ୱବ୍ୟାଙ୍କ ସାନି ଋଣ ମଂଜୁର କରିବାକୁ ଅରାଜି ହୋଇଛି । ଏହା ସତ୍ୟ ଯେ ଭାରତୀୟ ଅର୍ଥନୈତିକ ପ୍ରଗତିଧାରା ବିକଶିତ ରାଷ୍ଟ୍ର ଜାପାନକୁ ପଛରେ ପକାଇବାରେ ସମର୍ଥ ହୋଇଛି । ଆଗକୁ ଆଉ ଏକ ବିକଶିତ ରାଷ୍ଟ୍ର ଜର୍ମାନୀକୁ ମଧ୍ୟ ପଛରେ ପକାଇବାର ସୁଯୋଗ ସାକାର ହେବାର ସମ୍ଭାବନା ରହିଛି । ଦେଶର ବହୁଳ ଜନସଂଖ୍ୟା ମୁଣ୍ଡପିଛା ଜିଡିପି କମାଇବାରେ ଏକପ୍ରକାର କାରଣ ହେଉଛି । ମାତ୍ର ପଡ଼ୋଶୀ ରାଷ୍ଟ୍ର ଚୀନ ସହ ଆମେ ତୁଳନା କରିବା ବେଳେ ଭାରତ ଯେ କେତେ ପଛରେ ତାହା ସ୍ପଷ୍ଟ ହୋଇଯିବ । ଜନସଂଖ୍ୟା ଦୃଷ୍ଟିରୁ ଭାରତ ପାଖାପାଖି ରହି ସୁଦ୍ଧା ଦେଶର ଆର୍ଥିକ ଆକାରକୁ ପାଞ୍ଚଗୁଣ ବଢାଇବାରେ ସମର୍ଥ ଚୀନର ମୁଣ୍ଡପିଛା ଜିଡିପି ଭାରତ ଠାରୁ ବହୁ ଉର୍ଦ୍ଧ୍ୱରେ । ଦେଶର ଅର୍ଥନୈତିକ ପ୍ରଗତି ଓ ସମଗ୍ର ବିଶ୍ୱରେ ଏହାର ପ୍ରଭାବ ଦେଶ ଓ ଦଶର ମର୍ଯ୍ୟାଦା ବୃଦ୍ଧି କ୍ଷେତ୍ରରେ ସଫଳତା ଆଣିବାରେ ଏଥିରେ ଦ୍ୱିମତ ନାହିଁ । ଆଉ ଦୁଇ ଦଶନ୍ଧି ପରେ ବିକଶିତ ରାଷ୍ଟ୍ର ମର୍ଯ୍ୟାଦା ହାସଲ ଲକ୍ଷ୍ୟ ରଖିଥିବା ରାଷ୍ଟ୍ର ଭାରତ ପାଇଁ ଏହା ଅପରିହାର୍ଯ୍ୟ । ହେଲେ ସେହି ସଫଳତା ବା ରାଷ୍ଟ୍ରହିତ ଯଦି ରାଷ୍ଟ୍ରବାସୀଙ୍କୁ ବାସ୍ତବ ଭାବେ ଛୁଇଁ ନପାରିଲା, ତେବେ ସଫଳତା ସଂପୂର୍ଣ୍ଣ ଅର୍ଥହୀନ ହୋଇଯିବ ।

ମାତ୍ର ଗୋଟିଏ ବିଲିଅନ ଡଲାର ଅଧିକ ଜାତୀୟ ଉତ୍ପାଦନ ମାପକାଠିରେ ଭାରତ ବିଶ୍ୱ ବୃହତ ଆର୍ଥିକ ରାଷ୍ଟ୍ର ତାଲିକାରେ ପଞ୍ଚମରୁ ଚତୁର୍ଥକୁ ଯାଇଛି । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏହି ସଫଳତାକୁ ଯେତେ ଅସ୍ୱୀକାର କଲେ ସୁଦ୍ଧା ସତ୍ୟର ବିକଳ୍ପ ନାହିଁ । ଜାପାନର ସାଂପ୍ରତିକ ଅର୍ଥନୈତିକ ଅଭିବୃଦ୍ଧି ହାରରେ ମନ୍ଥରତା ଭାରତ ପାଇଁ ଫାଇଦା ହୋଇଛି । ହେଲେ ମୁଣ୍ଡପିଛା ଜିଡିପି କ୍ଷେତ୍ରରେ ଯେ ଜାପାନ ଭାରତଠାରୁ ପନ୍ଦର ଗୁଣରୁ ଉର୍ଦ୍ଧ୍ୱରେ ତାହା ବୁଝିବାର ସମୟ ଆସିଛି । ହଁ ଏଠାରେ ଜନସଂଖ୍ୟା ବୃଦ୍ଧି ଭାରତ ପାଇଁ ଏ କ୍ଷେତ୍ରରେ ପ୍ରତିକୂଳ ହୋଇପାରେ । ମାତ୍ର ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ଯୁକ୍ତି କେତେ ଗ୍ରହଣୀୟ ତାହା ଦେଶର ନୀତି ନିର୍ଦ୍ଧାରକଙ୍କୁ ବେଶ୍ ଜଣା । ମନକୁ ଓ ସାମଗ୍ରୀକ ଭାବେ ଦେଶବାସୀଙ୍କୁ ବୁଝାଇବାକୁ ଯାଇ ଯେକୌଣସି ସଂଗତ ଓ ଅସଂଗତ ଯୁକ୍ତି ବଢାଯାଇପାରେ, ମାତ୍ର ବାସ୍ତବ ସ୍ଥିତି ଦେଶବାସୀଙ୍କୁ ଅଳ୍ପ ବହୁତେ ଜଣା । ଅନ୍ୟପକ୍ଷରେ ମାତ୍ର ତେର କୋଟି ଜନତାଙ୍କୁ ନେଇ ସମୃଦ୍ଧ ବିକଶିତ ରାଷ୍ଟ୍ର ଜାପାନର କାରିଗରୀ କୌଶଳ, ବୁଦ୍ଧିମତା ଓ ସେବା କ୍ଷେତ୍ରର ନିପୁଣତା ସମଗ୍ର ବିଶ୍ୱରେ ପରିଚିତ । ନହେଲେ ଭାରତର ବାର ଭାଗରୁ ଭାଗେ ଲୋକସଂଖ୍ୟାରେ ଦେଶର ମୋଟ ଜାତୀୟ ଉତ୍ପାଦନକୁ କେବଳ ସେବା କ୍ଷେତ୍ର, ସତୁରୀ ପ୍ରତିଶତ ସଫଳତା ଦିଅନ୍ତା ନାହିଁ ।

ଦୀର୍ଘବର୍ଷ ଏକପ୍ରକାର ସୁପ୍ତାବସ୍ଥାରେ ଥିବା ଭାରତୀୟ ଅର୍ଥନୀତି ଏବେ ଜାଗ୍ରତ ଓ ପ୍ରଗତିଶୀଳ ଅବସ୍ଥା ଧାରଣ କରିଛି । ନଜର ଏବେ ତୃତୀୟ ସ୍ଥାନ ଉପରେ । ୟୁରୋପର ବୃହତ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଜର୍ମାନୀ ଜିଡିପି ଭିରେ ତୃତୀୟରେ ରହିଛି । ୪୭୪୦ ବିଲିଅନ ଡଲାରର ଜିଡିପି ଜର୍ମାନୀକୁ ଏହି ବିଶ୍ୱସ୍ତରୀୟ ସଫଳତା ଦେଇଛି । ଭାରତ ଓ ଜର୍ମାନୀ ଅନ୍ୟ ଅର୍ଥରେ ତୃତୀୟ ଓ ଚତୁର୍ଥ ସ୍ଥାନ ମଧ୍ୟରେ ଜିଡିପିର ପାର୍ଥକ୍ୟ ମାତ୍ର ୫୫୦ ବିଲିଅନ ଡଲାର । ପ୍ରଚଳିତ ଅର୍ଥନୈତିକ ଅଭିବୃଦ୍ଧି ହାର ଓ ଜିଡିପି ଅଭିବୃଦ୍ଧିରେ ଭାରତ ତୃତୀୟ ସ୍ଥାନକୁ ଯିବା ପାଇଁ ଅଧିକରୁ ଅଧିକ ଚବିଶ ମାସ ନେଇପାରେ । କାରଣ ହେଲା ଜର୍ମାନୀର ଅର୍ଥନୈତିକ ମନ୍ଥରତା ଭାରତକୁ ଏହି ସଫଳତା ଦେବାରେ ବିଶେଷ ସହାୟକ ହେବାର ସମ୍ଭାବନା ରହିଛି । ଏହାଛଡ଼ା ସମଗ୍ର ବିଶ୍ୱରେ ସୃଷ୍ଟ ଅର୍ଥନୈତିକ ମାନ୍ଦାବସ୍ଥାର ପ୍ରଭାବ ଏବେ ଜର୍ମାନୀ ଉପରେ ପଡିଛି । ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ମାତ୍ର ଦୁଇ ଶତାଂଶ ବା ତା'ଠାରୁ ସାମାନ୍ୟ ଅଧିକ ସ୍ତରରେ ରହିଛି । ଏହି ମାନ୍ଦାବସ୍ଥା ଯେତେ ଅଧିକ ରହିବ ଭାରତ ସେଥିରୁ ଫାଇଦା ଉଠାଇବାରେ ବିଫଳ ହେବ ନାହିଁ । କାରଣ ଦେଶର ଜିଡିପି ଅଭିବୃଦ୍ଧି ହାର ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ କମ୍ ହେଲେ ମଧ୍ୟ ସାଢେ ଛଅ ପ୍ରତିଶତ ପାଖାପାଖି ରହିଛି । ୨୦୨୬ ବେଳକୁ ଜର୍ମାନୀର ଅର୍ଥନୈତିକ ଅଭିବୃଦ୍ଧି ଅଢେଇ ପ୍ରତିଶତରେ ପହଞ୍ଚିବାର ସମ୍ଭାବନା ଥିବା ବେଳେ ଭାରତୀୟ ଅର୍ଥନୀତି ବହୁ ଆଗରେ ବା ୯ ଦଶମିକ ୮ ଶତାଂଶରେ ରହିବାର ଏକପ୍ରକାର ନିଶ୍ଚିତ ହୋଇଛି । ସେହିପରି ମୁଦ୍ରାସ୍ଫୀତି ହାରକୁ ସେହି ସମୟ ମଧ୍ୟରେ ତିନି ପ୍ରତିଶତକୁ ଖସାଇ ଆଣିବାର ଯୋଜନା ରହିଛି । ନିର୍ଦ୍ଧାରିତ ଅର୍ଥନୈତିକ ପ୍ରଗତି ଅନୁପାତରେ ୨୦୨୬ ଶେଷ ସୁଦ୍ଧା ଭାରତର ଜିଡିପି ୪ ହଜାର ୬ ଶହ ରୁ ୪ ହଜାର ୭ ଶହ ବିଲିଅନ ଡଲାରରେ ପହଞ୍ଚାଇବାର ସୂଚନା ମିଳୁଛି । ଅନ୍ୟପକ୍ଷରେ ଜର୍ମାନୀ ସେହି ସମୟ ମଧ୍ୟରେ ୪ ହଜାର ୮୬୦ ବିଲିଅନ ଡଲାର ଜିଡିପିର ଅଧିକାରୀ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ କଳନା କରୁଛନ୍ତି । ମାତ୍ର ଏ କ୍ଷେତ୍ରରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହି ସମୟରେ ମୁଦ୍ରାର ବିନିମୟ ମୂଲ୍ୟରେ ହ୍ରାସ ଘଟିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଅବଧି ଅଧିକ ହେବା ସୁନିଶ୍ଚିତ । ତେବେ ଡଲାର ତୁଳନାରେ ମୁଦ୍ରାର ବିନିମୟ ହାର ଅପରିବର୍ତ୍ତନୀୟ ଅର୍ଥାତ୍ ୮୫ ଟଙ୍କା ଆଖପାଖରେ ରହିବା ଅତ୍ୟନ୍ତ ଜରୁରୀ ହୋଇପଡିଛି, ଏ କ୍ଷେତ୍ରରେ ଲକ୍ଷ୍ୟ ହାସଲ ପାଇଁ । ତେବେ ଅନୁକୂଳ ପରିବେଶରେ ୨୦୨୭ ବେଳକୁ ଭାରତୀୟ ଜିଡିପି ଆକାର ଆଉ ୨୫୦ ବିଲିଅନ ଡଲାର ବଢିଗଲେ ନିର୍ଦ୍ଧାରିତ ସମୟରେ ଭାରତ ଜର୍ମାନୀର ତୃତୀୟ ସ୍ଥାନକୁ ଯିବାରେ ବାଧାବନ୍ଧନ ରହିବ ନାହିଁ । ଚୀନ ତା'ର ରପ୍ତାନି ବାଣିଜ୍ୟ ଅଭିବୃଦ୍ଧି ମାଧ୍ୟମରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଥିବା ବେଳେ ଭାରତକୁ ପଣ୍ୟ ଓ ସେବାର ବ୍ୟାବହାରିକ ଅଭିବୃଦ୍ଧି, ଡିଜିଟାଇଜେସନ ପ୍ରକ୍ରିୟାର ଗ୍ରହଣୀୟତା ଓ ସର୍ବୋପରି ସେବା କ୍ଷେତ୍ରର ସଫଳତା ହିଁ ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହୋଇଛି । ଏହା ବ୍ୟତୀତ ରେଳ ପ୍ରକଳ୍ପ ଓ ବିମାନ ବନ୍ଦର ପ୍ରତିଷ୍ଠା ଭଳି ଭିତ୍ତିଭୂମିର ବିକାଶ ସହିତ ପ୍ରତିମାସରେ ପରୋକ୍ଷ କର ଜିଏସଟି ମାଧ୍ୟମରେ ଦେଢ ଲକ୍ଷ କୋଟିରୁ ଅଧିକ ଟିକସ ରାଜସ୍ୱ ଆୟ ଓ ଟିକସ–ଜିଡିପି ଅନୁପାତରେ ପରିବର୍ତ୍ତନ ଭାରତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଗତବର୍ଷ ଭାରତ ପ୍ରଯୁକ୍ତି ବିଦ୍ୟା ସମେତ କେବଳ ସେବା କ୍ଷେତ୍ରର ରପ୍ତାନି ବାଣିଜ୍ୟକୁ ୩୨୫ ବିଲିଅନ ଡଲାରରେ ପହଞ୍ଚାଇବାରେ ସଫଳ ହୋଇଥିଲା ।

ତେବେ ଏସବୁ ଅର୍ଥନୈତିକ ସଫଳତା ସମଗ୍ର ବିଶ୍ୱରେ ଦେଶର ସ୍ଥାନ ପରିବର୍ତ୍ତନରେ ମଙ୍ଗଳ ହେବ ସିନା, ମାତ୍ର ଏଥିରୁ ଉପଲବ୍ଧ ସାମଗ୍ରୀକ ସଫଳତା ଦେଶବାସୀଙ୍କ ନିକଟରେ ପହଞ୍ଚିବା ନେଇ ଏକପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏହାର ପ୍ରମୁଖ କାରଣ ହେଲା ଭାରତୀୟ ଅର୍ଥନୀତିର ଦୁର୍ବଳ ପ୍ରତିଯୋଗୀଶୀଳ ପରିବେଶ । ଯେତେବେଳେ ଦେଶର ନିର୍ମାଣ କ୍ଷେତ୍ର ରପ୍ତାନି ବାଣିଜ୍ୟ ବଢାଇବାରେ ଅସଫଳ ଓ ଆମଦାନୀ ବାଣିଜ୍ୟ ଅଧିକରୁ ଅଧିକ ବାଣିଜ୍ୟିକ ନିଅ ସୃଷ୍ଟି କରିଚାଲିଛି, ସେଠି ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା କ୍ଷୀଣ । ବେକାରୀ ସମସ୍ୟା ବୃଦ୍ଧି ସହିତ ନୂତନ ନିଯୁକ୍ତ କ୍ଷେତ୍ରର କ୍ରମାଗତ ସଂକୋଚନ ଲୋକଙ୍କ ହାତକୁ ଟିକସ ପରବର୍ତ୍ତୀ କ୍ରୟଶକ୍ତି ଦେବାରେ ବିଫଳ ହେଉଛି । ଏଣେ ରପ୍ତାନି ବାଣିଜ୍ୟର ମନ୍ଥରତା ଓ ନିମ୍ନମୁଖୀ ଅଭିଯାନ ଡଲାର ତୁଳନାରେ ଭାରତୀୟ ମୁଦ୍ରାକୁ ଅଧିକ ଦୁର୍ବଳ କରିବାରେ ଲାଗିଛି । ଦୀର୍ଘ ଦୁଇଦଶନ୍ଧି ଧରି ଜିଡିପିକୁ ନିର୍ମାଣ କ୍ଷେତ୍ରର ଅବଦାନ ୧୬ ରୁ ୧୭ ପ୍ରତିଶତରେ ସୀମିତ ରହିଛି । ସହରାଞ୍ଚଳରେ ବେକାରୀ ସମସ୍ୟା ଦୁଇଅଙ୍କରୁ ତଳକୁ ଖସିବାକୁ ନାମ ଧରୁନାହିଁ ।

ଏଣେ କେନ୍ଦ୍ର–ରାଜ୍ୟ ବିୟ ନିଅ ପ୍ରାୟ ନଅ ଶତାଂଶରୁ ତଳକୁ ଖସୁ ନାହିଁ । ଦେଶର ଋଣଭାର ଜିଡିପିର ୮୨ ପ୍ରତିଶତରେ ପହଞ୍ଚିଲାଣି । ୨୦୨୪ରେ ଦେଶର ବାଣିଜ୍ୟିକ ନିଅ ପ୍ରାୟ ୨୫୦ ବିଲିଅନ ଡଲାରରେ ପହଞ୍ଚିଥିଲା । ବିଗତ ଏଗାର ବର୍ଷତଳେ ଗୋଟିଏ ଡଲାର ୬୨ ଟଙ୍କାରେ ମିଳୁଥିବା ବେଳେ ଏବେ ୮୫ରୁ ୮୭ ଟଙ୍କାରେ ମିଳୁଛି । ଆମଦାନୀ ବାଣିଜ୍ୟ ବାବଦ ଦେୟ ପୈଠ ଓ ରପ୍ତାନି ବାଣିଜ୍ୟ ବୃଦ୍ଧି କ୍ଷେତ୍ରରେ ଏହା ମୁଖ୍ୟ ବାଧକ ସାଜିଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦେଶର ଅର୍ଦ୍ଧାଧିକ ଜନସଂଖ୍ୟାକୁ ଦୁଇଓଳି ଦୁଇ ମୁଠା ଭଲ ଖାଇବା ଦେବାରେ ଭାରତୀୟ ଅର୍ଥନୀତି ଏଯାବତ ସମର୍ଥ ହେଉନାହିଁ । ଏସବୁ ବାସ୍ତବ ନକରାତ୍ମକ ଅର୍ଥନୈତିକ ପରିବେଶରେ ଦେଶର ସ୍ଥାନ ପରିବର୍ତ୍ତନ କେବଳ ଗାଣିତିକ ଆବଶ୍ୟକତା ପୂରଣ ଦିଗରେ ସଫଳ ହେବ ସିନା ଅର୍ଥନୈତିକ ଦୃଷ୍ଟିରୁ ନିରର୍ଥକ । ଏହି ପରିବର୍ତ୍ତନ ପ୍ରକ୍ରିୟା ଯେତେବେଳେ ସମଗ୍ର ଦେଶବାସୀଙ୍କ ଆର୍ଥିକ ଅବସ୍ଥାରେ ବାସ୍ତବ ପରିବର୍ତ୍ତନ ଦିଗରେ ସଫଳ ହେବ, ତେବେ ଯାଇ ପ୍ରଗତିର ସା ଅନୁଭୂତ ହୋଇପାରିବ । ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୮୦ କୋଟିର ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ଅର୍ଦ୍ଧେକ ସୀମାରେଖା ଟପି ଯାଇଛନ୍ତି ବୋଲି କହିଦେଲେ ସମସ୍ୟାର ଚିର ସମାଧାନ ମିଳିବ ନାହିଁ । ବାସ୍ତବ ଅର୍ଥନୈତିକ ପ୍ରଗତି ଯେ ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ଶତପ୍ରତିଶତ ନ ପହଞ୍ଚିଛି, ସେ ପର୍ଯ୍ୟନ୍ତ ସ୍ଥାନ ପରିବର୍ତ୍ତନ ଲକ୍ଷ୍ୟହୀନ ମାତ୍ର ।


*ସିଡିଏ, ସେକ୍ଟର–୬, କଟକ,*
*ମୋ– ୯୪୩୭୧୩୪୪୦୦*


# ଗାନ୍ଧୀ ମଣିଷ : ନବକୃଷ୍ଣ ଚୌଧୁରୀ

**■ ଡ଼ଃ.ଅରୁନ୍ଧତୀ ଦେବୀ ■**

ଓଡ଼ିଶାରେ ଗାନ୍ଧିବାଦୀ ଅନୁଚିନ୍ତନର ଚିନ୍ତା ଓ ଚେତନାକୁ ଜାଗରଣ କରିଥିବା ବିଶିଷ୍ଟ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଆଜି ହେଉଛି ପବିତ୍ର ଜନ୍ମତିଥି । ତମାମ୍ ଜୀବନ ସାଧାରଣ ମେହନତି ଲୋକଙ୍କ ପାଇଁ ଉତ୍ସର୍ଗ କରିଥିବା ସେହି ସଂଗ୍ରାମୀ ବୀରକର୍ଣ୍ଣଧାର ଏକଦା କହିଥିଲେ 'ତୁମେ ଯେତେବେଳେ କୌଣସି କାମ କରିବାକୁ ଗଲାବେଳେ ସଂଶୟରେ ପଡ଼ିଥିବ ଯେତେବେଳେ ଲକ୍ଷ୍ୟ କରିବ ତୁମ କାମଟି ଯଦି ସମାଜର ସବୁଠାରୁ ତଳିଆ ଶ୍ରେଣୀର ଲୋକଙ୍କ ମଙ୍ଗଳ କରୁଛି ତ ତୁମେ ନିର୍ଭୟରେ ଆଗେଇ ଚାଲ' । ନବକୃଷ୍ଣ ଚୌଧୁରୀଙ୍କ କେବଳ ବେଶଭୂଷା ନୁହେଁ ବରଂ ତାଙ୍କ ଜୀବନାଦର୍ଶ ଥିଲା ସମ୍ପୂର୍ଣ୍ଣ ରୂପେ ଅତ୍ୟନ୍ତ ସାଧାସିଧା ଓ ନିରାଡ଼ମ୍ବର । ସମାଜର ତଳସ୍ତରରେ ଜୀବନ ଜୀବିକାକୁ ନେଇ ଅହର୍ନିଷ ସଂଗ୍ରାମ କରୁଥିବା ଲୋକଙ୍କ ପାଇଁ ସେ ସର୍ବଦା କାମ କରୁଥିଲେ । ତାଙ୍କରି ନେତୃତ୍ୱରେ ଚାଷୀ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନ ଦ୍ୱାରା ବର୍ଷ ବର୍ଷ ଧରି ଜମିଦାରୀ ଓ ରାଜାମହାରାଜଙ୍କ ରାଜକୀୟ ଶାସନକୁ ଲୋପ କରି ସାଧାରଣ ଲୋକଙ୍କ ଏକ ଯୁଗ ସୃଷ୍ଟି କରିଥିଲା । ସେ ହେଉଛନ୍ତି ଭାରତର ପ୍ରଥମ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟର ଭାଷାକୁ ସରକାରୀ ଭାଷା ଭାବରେ ନିଷ୍ଠାପର ଭାବରେ ପ୍ରଚଳନ କରାଇ ବେଶ୍ ପ୍ରଶଂସା ଭାଜନ ହୋଇଥିଲେ କେବଳ ସେତିକି ନୁହେଁ ଛୋଟମୋଟର ମାମଲାକୁ କୋର୍ଟ କଚେରୀକୁ ନନେଇ ଗ୍ରାମ୍ୟସ୍ତରରେ ଅଦାଲତ ଗଠନ କରି ନିରପେକ୍ଷ ବ୍ୟକ୍ତିତ୍ୱମାନଙ୍କ ଦ୍ୱାରା ନ୍ୟାୟ ପ୍ରଦାନର ସେ ବ୍ୟବସ୍ଥା କରାଇଥିଲେ । ଏହାସହ ମହାଜନୀ ଋଣ ନେଇ କ୍ଷତିଗ୍ରସ୍ତ ଲୋକଙ୍କ ସୁରକ୍ଷା ପାଇଁ ସେ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରିଥିଲେ । ଶାସନ ଓ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କେବଳ କେନ୍ଦ୍ର ସରକାର ନୁହେଁ ଭାରତର ବିଭିନ୍ନ ରାଜ୍ୟ ସରକାରମାନେ ଆଦର୍ଶଣୀୟ ଭାବରେ ଏହାକୁ ଅନୁକରଣ କରିଥିଲେ । ତାଙ୍କ ସମୟରେ ରାଜ୍ୟରୁ ସମସ୍ତ ପ୍ରକାର ନିଶାର ମୂଳୋତ୍ପାଟନ କରିବା ପାଇଁ ବିଧିବଧ ଭାବେ ନିଶାନିବାରଣ ଆଇନ ପ୍ରଣୟନ କରିଥିଲେ ।

ବର୍ତ୍ତମାନ ସରକାର ସାଧାରଣ ଶ୍ରେଣୀର ଲୋକମାନଙ୍କ ପାଇଁ ଟଙ୍କିକିଆ ଚାଉଳ ଠାରୁ ଚଷାପୁଅ ପାଇଁ ମୋବାଇଲ ଠାରୁ ସାଇକେଲ ଯୋଗାଇ ଦେଉଥିଲେ ବି ନିଶା ନିବାରଣ ଉପରେ ସେପରି କିଛି ସରକାରୀ ଅଙ୍କୁଶ ରହୁନଥିବାରୁ ସାଧାରଣ ଲୋକଟି ନିଜର ପରିଶ୍ରମର ମୂଲ୍ୟକୁ ନିଶାପାଣିରେ ଉଡାଇ ଦେଇ ନିଜ ଜୀବନକୁ ବରବାଦ୍ କରିବା ସହ ନିଜ ପରିବାରକୁ କ୍ଷତବିକ୍ଷତ କରୁଛି । ଆଜିର ରାଜନୀତିରେ ଅର୍ଥ ସବୁକିଛି । କ୍ଷମତାକୁ ନିଜ ପାଖରେ ବର୍ଷ ବର୍ଷ ଧରି ବଂଶ ବୁନିଆଦିର ଜାଗିର ପରି ରଖିବା ପାଇଁ ନେତାମାନେ ନିଜର ସମସ୍ତ ବ୍ୟକ୍ତିତ୍ୱକୁ ସମର୍ପି ଦେଉଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ଥିଲା ସଂପୂର୍ଣ୍ଣ ରୂପେ ଭିନ୍ନ । ତାଙ୍କ ଶାସନ ସମୟରେ ସେ ଏହି ରାଜ୍ୟର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମର ଦାୟିତ୍ୱକୁ ବେଶ୍ ନିଷ୍ଠାପର ଭାବରେ ତୁଲାଉଥିଲେ । ସବୁକିଛି କାମ ଶାସନ ଓ ପ୍ରଶାସନ ଉପରେ ଲଦି ନଦେଇ ବ୍ୟକ୍ତିଗତ ଭାବରେ ସେ ସରକାରୀ ଆଇନ ଓ ବିଧି ବ୍ୟବସ୍ଥାକୁ ନଜରରେ ରଖି ସୁପରିଚାଳନା କରୁଥିଲେ । ସେ ଅନୁଭବ କରିଥିଲେ ଯେ ସେ ସମୟର ସାମାଜିକ ବିଧି ବ୍ୟବସ୍ଥା ଓ ସରକାରୀ କଳର ଢ଼ାଞ୍ଚା ଜନାଭିମୁଖୀ ନହେଲେ ଏହା ଲୋକମାନଙ୍କ ପାଇଁ ଫଳପ୍ରଶୁ ହୋଇପାରିବ ନାହିଁ । ନିଜ ସାଧୁତା ଓ ବ୍ୟକ୍ତିଗତ ଜୀବନର ଆଦର୍ଶ ପାଇଁ ସେ ସମଗ୍ର ଭାରତବର୍ଷରେ ନିଜର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଭିନ୍ନ ଗଣଆନ୍ଦୋଳନରେ ନିଜକୁ ସାମିଲ କରି ଅନେକ ଯୋଜନାର ଖସଡ଼ାକୁ ବେଶ୍ ପ୍ରଶଂସନୀୟ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟଙ୍କ ସମୟରେ ନକ୍ସଲ ଦମନ ନାମରେ ଯେଉଁପରି ଭାବରେ ଦମନଲୀଳା ଚାଲିଥିଲା ତାହାକୁ ପଶ୍ଚିମବଙ୍ଗର ନେତାମାନେ ଏହା ବିରୁଦ୍ଧରେ ପଦୁଟିଏ କହିବାକୁ ସକ୍ଷମ ହୋଇନଥିଲା ବେଳେ ସେ ସମୟରେ କୋଲକତା ବିଶ୍ୱବିଦ୍ୟାଳୟର ଏକ ବୁଦ୍ଧିଜୀବିଙ୍କ ସମାବେଶରେ ଏହାକୁ ବିରୋଧ କରି ଯେଉଁ ଜ୍ଞାନ ଗର୍ଭକ ଭାଷଣ ଦେଇଥିଲେ ତାହାକୁ କୋଲକତାର ବଡ଼ ବଡ଼ ଆଗଧାଡ଼ିର ସମ୍ବାଦପତ୍ରମାନେ ଉଚ୍ଚପ୍ରଶଂସା କରି ଏହା ଉପରେ ଲେଖନୀ ଚାଳନା କରିଥିଲେ । ସାରା ଭାରତର ଜରୁରୀ କାଳୀନ ପରିସ୍ଥିତିରେ ତତ୍କାଳୀନ ଓଡ଼ିଶାର ଜନଆନ୍ଦୋଳନର ନେତୃତ୍ୱର କର୍ଣ୍ଣଧାର ସେ ସାଜିଥିଲେ । ନିଜ ଜୀବନର ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ବିଭିନ୍ନ ଜନଆନ୍ଦୋଳନର ନେତୃତ୍ୱ ନେଇଥିଲେ ବି ସେ କେବେ ବି କ୍ଷମତାକୁ ଫେରିବାକୁ ଲାଳାୟିତ ହୋଇନଥିଲେ । ସେ ଭଲଭାବେ ଜାଣିଥିଲେ ଯେ ସମାଜର ମୌଳିକ ପରିବର୍ତନ କେବଳ ସମ୍ଭବପର ଲୋକେ ଦୁର୍ଦ୍ଦଶାର କାରଣ ଜାଣିଲେ ଓ ତାକୁ ବଦଳାଇବା ଲାଗି ସଂକଳ୍ପ କଲେ । ଆଜିର ରାଜନୈତିକ, ନୈତିକ ଓ ସାମାଜିକ ଅବକ୍ଷୟ ବଢ଼ି ବଢ଼ି ଚାଲିଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ପରି ନିରାଡ଼ମ୍ବର ଓ ଆଦର୍ଶଣୀୟ ନେତୃତ୍ୱକୁ ପ୍ରତିଟି ଓଡ଼ିଆ ଖୋଜୁଛନ୍ତି । ନବକୃଷ୍ଣ ଚୌଧୁରୀଙ୍କ ଦୃଷ୍ଟିଭଙ୍ଗୀ ଥିଲା ବେଶ୍ ସାଧାରଣ । ସମାଜର ତଳସ୍ତରର ଲୋକଙ୍କ ବିକାଶ ହେଲେ ସାମାଜିକ ବିଧିବ୍ୟବସ୍ଥା ସୁଦୃଢ଼ ହେବାସହ ଓଡ଼ିଶା ପ୍ରଗତିରେ ଆଗେଇ ପାରିବ ବୋଲି ସେ ବିଶ୍ୱାସ ରଖିଥିଲେ ।




*ମୋ. ୯୯୩୭୧୭୨୮୧୦*


# ଜାତୀୟ କବି- ସଂଗ୍ରାମୀ ବୀର କିଶୋର

**■ ଅକ୍ଷୟ କୁମାର ରାଉତ ■**

ଦେଶ ପରାଧିନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଞ୍ଚୁଥାଏ। ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶସନର ଡୋରୀ। ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି । ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା। ଇଂରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ। ଏହି ସମୟରେ ହରିହରପୁର (ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ। ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ। ଏହି ଗାଁ ର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ କବି ବୀରବିଶୋର। ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ ।

ଗାଁର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର। ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ। ପରବର୍ତ୍ତୀ କାଳରେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟାପିଠ' ନାମରେ ନାମିତ ହେଲା। ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ। ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ । ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ। ମେସ୍‌ରେ କବି ନାରାୟଣ ମୋହନ ଦେଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ। ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି । କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ । ଜମିଦାରୀ ହରାଇଥିବା ବାପାଙ୍କର ଇଛା ପୁଅ ବଡ ଚାକିର କରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି ରେ ମାସିକ ୫୫ଟଙ୍କା ଦରମାରେ ଚାକିରି କଲେ। ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି । ସେ ସମୟ ରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି, ସେମାନଙ୍କୁ 'ବାନରସେନା' କୁହାଯାଏ । ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଓ୍ୱାନାବାଗ ହତ୍ୟାକାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା । ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ କରିଥିଲା। ତାଙ୍କର ଏହି କବିତାଗୁଡିକ କଟକର 'ମୁକୁର ପ୍ରେସ'ରେ 'ମୋହନବଂଶୀ' ନାମରେ ପ୍ରକାଶ ପାଇଲା । ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା । ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା । ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପତ୍ରରେ ଲେଖିଲେ 'ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା' ମୁଁ ଯଦି ବଞ୍ଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି ।

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଞ୍ଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ବାନରସେନାଙ୍କ ମନବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁ ଥିଲେ। ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁ ଗହଳିରେ ବୁଲିଲେ–

ସାଜିଲେ ପିଲାଏ ବାନରସେନା  
ବାହାରିଲେ ଧରି ତ୍ରିରଙ୍ଗାବାନା  
ଖାଇଲେ ଗୋଇଠା ବେତ ପାହାର  
ଦେଖିଲେ ସହିବ ଛାତି କାହାର  
ଗୋରା ସରକାର ବନ୍ଧୁକ ଗୁଳି  
କବିତା ଶକତି ତା' ଠାରୁ ବଳି।।

୧୯୩୦ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ 'ଆଇନଅମାନ୍ୟ' ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ। ସତ୍ୟାଗ୍ରହୀ ମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଈ କୂଳରୁ ଇଞ୍ଚୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସ' ଗୀତ ବୋଲି ବୋଲି ସତ୍ୟାଗ୍ରହୀମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରରୁ ଲୁଣ ମରା କାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ କଲେ। ଛଦ୍ମନାମ ରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍' ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ 'କାମଦେବ' ବହିଟିର ଦାମ୍ ଥିଲା ଏକ ଅଣା। ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ।

ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବଢିବାରେ ଲାଗିଲା। ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧିଙ୍କୁ ଆମନ୍ତ୍ରଣ କଲେ। ଏହି ସମୟରେ ବୀରକିଶୋର 'ରଣ ଭେରୀ' ନାମରେ ପାଞ୍ଚ ପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ । ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ। ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା ।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବ ନାହିଁ। ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ ।

ବୀରବାବୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ।ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି, ବିଶ୍ୱମ୍ଭର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ। ସ୍ୱାଧୀନତାର ବାର୍ତ୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକାର ପ୍ରକାଶକ ହୋଇଥିଲେ । ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ର ପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ। ସେଥି ମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ। ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା। ସେ ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ। ପାଠ୍ୟ ପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସଂପାଦକ ଥିଲେ। ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା ।

୧୯୪୬ ମସିହାରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ–ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ ।

ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ–

'ବାବୁ ନ ଚିହ୍ନିବ ଛତା ଯୋତାରୁ  
ସାଧୁ ନ ଚିହ୍ନିବ ଗୋଲି ଚିତାରୁ  
ନେତା ନ ଚିହ୍ନିବ ଖାଲି କଥାରୁ  
ଥରେ ବୁଲି ଆସ କଲିକତାରୁ'

ମହାନ୍ ଜାତିୟ କବି ବିରୋକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି। ଆର୍ଥିକ ଦୁଃସ୍ଥିତିରେ ପଡି ସେ କେବେ କାହା ପାଖରେ ହାତ ପତେଇ ନାହାଁନ୍ତି । ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟ କରି ଯାଇଛନ୍ତି । ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖ ରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ । ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।


କୁଜଙ୍ଗ, ଜଗତ୍‌ସିଂହପୁର
ମୋ–୯୯୩୭୬୯୧୪୭୫

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



ଶୀତ ଆସିଲେ କାଶ୍ମୀରରେ ବଜାରର ଚେହେରା ଏକଦମ୍ ବଦଳିଯାଏ। ନାନା ରକମର ରୁମ୍ ହିଟର ମାର୍କେଟକୁ ଚାଲିଆସେ । କାଠ ବିକ୍ରି ବଢ଼ିଯାଏ । ଲୋକେ ଉଷୁମ ରହିବା ପାଇଁ ସବୁପ୍ରକାର ଚେଷ୍ଟା କରନ୍ତି । ପ୍ରାୟ ପ୍ରତି ମସ୍‌ଜିଦରେ କ୍ୱିଣ୍ଟାଲ ଲେଖାଏଁ କାଠ ଜଳାଯାଏ ଲୋକଙ୍କୁ ଉଷ୍ମତା ଦେବା ପାଇଁ । ତେବେ ପୁରୁଖା କାଶ୍ମୀରୀ ଲୋକଙ୍କ ମତ– ଶୀତ ଆସିଲେ କାଶ୍ମୀରର ବଜାର ରାତିରେ ପ୍ରାୟ ବନ୍ଦ ହୋଇଯାଏ । ଲୋକମାନେ ଥଣ୍ଡାରୁ ବର୍ତ୍ତିବା ପାଇଁ ଘରେ ରହିବାକୁ ପସନ୍ଦ କରନ୍ତି । କାରଣ ଘର ହିଁ ବାହାରର ହାଡ଼ଭଙ୍ଗା ଶୀତରୁ ରକ୍ଷା କରେ । ମାତ୍ର ଦୁଃଖର କଥା ପୂର୍ବର ଉଷ୍ମତା ଆଉ ନାହିଁ କାଶ୍ମୀରୀ ଘରମାନଙ୍କରେ । ଦିନକୁ ଦିନ ଥଣ୍ଡା ହେଉଛି ଘର । ରୁମ୍ ହିଟର୍ ବିନା ରହିବା ମୁସ୍କିଲ୍ ହୋଇଯାଉଛି । କାରଣ ଲୋକମାନଙ୍କର ଗୃହ ନିର୍ମାଣଶୈଳୀର ପସନ୍ଦ ବଦଳିଛି । ସୁନ୍ଦର ଦେଖାଯିବା ପରି ଘର ତିଆରି କରୁଛନ୍ତି ଲୋକମାନେ କିନ୍ତୁ ପରିବେଶ ସହଯୋଗୀ ହେଉନି ଏସବୁ ଘର । ତେଣୁ ବାଧ୍ୟତାବଶତଃ କୃତ୍ରିମ ଭାବରେ ଉଷ୍ମ କରିବାକୁ ହେଉଛି ଘରକୁ । ଆଗରୁ ବି ଶୀତ ପଡୁଥିଲା । ବରଂ ଆହୁରି ଅଧିକ ଥିଲା । କିନ୍ତୁ ବିନା ହିଟର୍‌ରେ ବି ଘର ଉଷୁମ୍ ରହୁଥିଲା । ଏବେ କିନ୍ତୁ ସେମିତି ହେଉନି ।





# ଉଷ୍ମତା ଦେଉନି ଆଧୁନିକ ଘର

**କା**ଶ୍ମୀରୀ ଘରମାନଙ୍କର ପାରମ୍ପରିକ ନିର୍ମାଣଶୈଳୀ ଭିନ୍ନ ଅବଶିଷ୍ଟ ଭାରତଠାରୁ । ଧନୀ ଲୋକମାନଙ୍କର ହମାମ୍ ଥିଲା । ହମାମ୍‌ମାନେ ପଥର ଚଟାଣର ଘର, ଯାହାର ତଳ ଭାଗ ଫାଙ୍କା ଥିଲା ଓ ସେହି ଫାଙ୍କା ଭିତରେ କାଠ ଜଳାଯାଇ ଘରକୁ ଉଷୁମ ରଖାଯାଉଥିଲା ଶୀତ ଦିନରେ । ଅନ୍ୟମାନେ ଉତ୍ତାପ ନିରୋଧୀ ଆସ୍ତରଣ ଶୈଳୀକୁ ହିଁ ବ୍ୟବହାର କରୁଥିଲେ ଗୃହ ନିର୍ମାଣରେ । ପାରମ୍ପରିକ କାଶ୍ମୀରୀ ଘର ଦକ୍ଷିଣମୁହାଁ । ଯାହାଦ୍ୱାରା ଏହା ସର୍ବାଧିକ ସୂର୍ଯ୍ୟତାପ ଓ ଆଲୋକ ପାଇପାରେ । ଘରମାନଙ୍କରେ ଗୋଟିଏ ବାହାର ଦ୍ୱାର ଥାଏ ମାତ୍ର ଧାଡ଼ି ଧାଡ଼ି ଝରକା ଥାଏ । ଝରକା ବନ୍ଧ କାଠ ତିଆରି । ଝରକାରେ ପତଳା କାଚ ପ୍ୟାନେଲ୍ ଲାଗିଥାଏ ଯେମିତି ସୂର୍ଯ୍ୟାଲୋକ ଆସିବ କିନ୍ତୁ ଥଣ୍ଡା ପବନ ଆସିବନି ଘରକୁ । ଘରର କାନ୍ଥ ଇଟା ତିଆରି । ଭିତର ପାର୍ଶ୍ୱ ନଡ଼ା ଆବରଣ ଦିଆଯାଇ ମାଟି ମିଶ୍ରିତ ପ୍ଲାଷ୍ଟର କରାଯାଇଥାଏ । ଯେମିତିକି ବାହାରର ଥଣ୍ଡା ଭିତରକୁ ଆସିବ ନାହିଁ । କିନ୍ତୁ ଏବେ ଲୋକଙ୍କର ପସନ୍ଦ ଆଧୁନିକ ଘର, ତାହା ପଛେ ଥଣ୍ଡା ଲାଗୁ ।











୧୯୯୨ ମସିହାରେ ସ୍ଥାପତ୍ୟ କଳା ଐତିହାସିକ ରାଣ୍ଡୋଲପ୍ ଲାଙ୍ଗେନ୍‌ବାଚ ଏକ ଗବେଷଣାପତ୍ରରେ ଲେଖିଥିଲେ– ପୁରୁଖା ଲୋକଙ୍କ ମତ ହମାମ୍ ନଥିବା ପୁରୁଣା ମାଟି ଘର ବି ଏବର ଘରଠାରୁ ଉଷୁମ । ୧୯୭୦ ଦଶକରେ କାଶ୍ମୀର ମହାନଗରଗୁଡ଼ିକର ଆଧୁନିକ ନିର୍ମାଣଶୈଳୀକୁ ଆପଣାଇଲା । ବଡ଼ ବଡ଼ ଖୋଲା ମାର୍ବଲ ବାରଣ୍ଡା, ବଡ଼ ଝରକା ଆଦି ଫେଶନ୍ ପାଲଟିଗଲା । ଲୋକମାନେ ଘରର ପ୍ରକୃତ ଆବଶ୍ୟକତା ଭୁଲି ଫେଶନ୍ ଆଡକୁ ମୁହାଁଇଲେ । ସ୍ଥାନୀୟ ଆର୍କିଟେକ୍ଟର ତାରିକ୍ ଫାଜିଲ୍‌ଙ୍କ ଅନୁଯାୟୀ ଲୋକେ ଘର ନିର୍ମାଣରେ ଆଗ ତୁଳନାରେ ଖୁବ୍ ଅଧିକ ଖର୍ଚ୍ଚ କରୁଛନ୍ତି କିନ୍ତୁ ଶୀତଦିନେ ଘର କେମିତି ଉଷୁମ ରହିବ ସେ କଥାକୁ ଅଣଦେଖା କରୁଛନ୍ତି । ଗତ ତିନି ଦଶକରେ ପରିସ୍ଥିତି ଅନେକ ବଦଳି ଯାଇଛି । ଠିକ୍ ଏଇ ଅବସ୍ଥା ଦେଖାଦେଇଛି ଉତ୍ତରଭାରତର ଅନ୍ୟାନ୍ୟ ହିଲ୍‌ଷ୍ଟେସନ୍, ବିଶେଷ କରି ହିମାଚଳପ୍ରଦେଶରେ ।

କାଶ୍ମୀରରେ ଗ୍ରୀଷ୍ମର ଅବଧି ଖୁବ୍ ଛୋଟ, ଶୀତଦିନ ଲମ୍ବା । ଗ୍ରୀଷ୍ମ ଓ ଶୀତ ଭିତରେ ତାପମାତ୍ରାର ଫରକ ଥିଲା ୩୫ଡିଗ୍ରୀ । ତେଣୁ ନିର୍ମାଣଶୈଳୀରେ ପରିବର୍ତ୍ତନ ଖୁବ୍ ନକାରାତ୍ମକ ଅନୁଭୂତି ଦେଉଛି । ଲୋକମାନେ ଘରକୁ ଉଷୁମ ରଖିବାକୁ ନାନା କାମଚଳା ଉପାୟ ଅବଲମ୍ବନ କରୁଛନ୍ତି ଯେମିତି ଚଟାଣରେ କାର୍ପେଟ ବିଛାଇବା, ପ୍ଲାଷ୍ଟିକସିଟ୍‌ରେ ଝରକା ବନ୍ଦ କରିବା, ଉଲ୍‌ର ପର୍ଦ୍ଦା ବ୍ୟବହାର କରିବା ଇତ୍ୟାଦି । କିନ୍ତୁ ଶୀତରତୁର ମଧ୍ୟଭାଗରେ ଏସବୁ ଉପାୟ ମୂଲ୍ୟହୀନ ହୋଇଯାଏ । ଏକ ଅଧ୍ୟୟନ ଅନୁଯାୟୀ– କାଶ୍ମୀରରେ ନୂତନ ଘରଗୁଡ଼ିକ ତାପ ନିରୋଧୀ ନୁହେଁ । ଘରକୁ ଉଷୁମ ରଖିବା ପଦ୍ଧତି ଅନୁସରଣ ନକରିବା ଓ ଢିଲା ଝରକା–କବାଟ ଯୋଗୁଁ ଘର ଥଣ୍ଡା ହୋଇଯାଉଛି । ଅଧ୍ୟୟନ ଅନୁଯାୟୀ କାଶ୍ମୀରରେ ଶୀତଦିନେ ନିଜକୁ ଉଷୁମ ରଖିବାର ସବୁଠାରୁ ଭଲ ଉପାୟ କାଙ୍ଗ୍ରି । ବାଉଁଶ ବା ବେତ ବୁଣା ଛାଞ୍ଚ ଭିତରେ ମାଟି ପାତ୍ରରେ କୋଇଲା ଜାଳି ଢିଲା ପୋଷାକ ତଳେ ରଖି ନିଜକୁ ଉଷୁମ ରଖନ୍ତି ଲୋକମାନେ । ବାହାରକୁ ଗଲେ ମଧ୍ୟ କାଙ୍ଗ୍ରି ନେଇଯାଆନ୍ତି । ଗୋଟିଏ ୬ଜଣିଆ ପରିବାରରେ ଏଥିପାଇଁ ଖର୍ଚ୍ଚ ହୁଏ ବର୍ଷକୁ ପ୍ରାୟ ସାଢ଼େ ୭ହଜାର ଟଙ୍କା । ଇଲେକ୍ଟ୍ରିକ୍ ହିଟର୍‌ରେ କେବଳ ଘର ଭିତରକୁ ଉଷୁମ ରଖିବାକୁ ପ୍ରାୟ ୨୨ହଜାର ଟଙ୍କା ଖର୍ଚ୍ଚ ହୁଏ । ସ୍ଥପତି ତାରିକ୍ ଫାଜିଲ୍‌ଙ୍କ ଅନୁଯାୟୀ ଗୃହନିର୍ମାଣରେ କଂକ୍ରିଟ୍ ଓ ଷ୍ଟିଲ୍‌ର ଉପଯୋଗ କାଶ୍ମୀର ପରି ଭୂକମ୍ପ ପ୍ରବଣ ଅଞ୍ଚଳ ପାଇଁ ନିରାପଦ । କାରଣ ଏହା ଘରଗୁଡ଼ିକୁ ଦୃଢ଼ ରଖେ । ମାତ୍ର ଏହି ଆଧୁନିକ ଶୈଳୀ ସହ ପାରମ୍ପରିକ ତାପ ନିରୋଧ ବ୍ୟବସ୍ଥା ମଧ୍ୟ ଆପଣାଇ ହେବ । କେବଳ କାଠ ଝରକା ଓ ଘରର ଭିତର ପାର୍ଶ୍ୱ ନଡ଼ା ଓ ମାଟିରେ ପ୍ଲାଷ୍ଟର କରିବା ଦ୍ୱାରା ଘରକୁ ଉଷୁମ ରଖିବାର ଖର୍ଚ୍ଚ ୮୦ ପ୍ରତିଶତ କମ୍ ହୋଇଯିବ । ପ୍ରଥମତଃ ଘରର ଦିଗ ତାପ ନିୟନ୍ତ୍ରଣ କରିବାର ମୁଖ୍ୟ କାରକ । କାଶ୍ମୀରର ଅବସ୍ଥିତି ଅନୁଯାୟୀ ଉତ୍ତର ଦିଗରୁ ଥଣ୍ଡା ପବନ ବହୁଥିବାରୁ ପ୍ରଥମେ ଏହି ଦିଗକୁ ବନ୍ଦ କରିବା ଆବଶ୍ୟକ । ଘରର ମୁଖ୍ୟ ଦ୍ୱାର ଓ ଝରକା ଦକ୍ଷିଣ ପଟରେ ରହିବା ଦରକାର ଯେପରି ଅଧିକ ଆଲୋକ ଓ ଉତ୍ତାପ ମିଳିପାରିବ । ମାତ୍ର ସଚେତନତା ଅଭାବରୁ ବର୍ତ୍ତମାନ କାଶ୍ମୀରର ନୂଆ ଘରମାନଙ୍କରେ ଡ୍ରଇଂରୁମ୍ ଓ ଚଳାଚଳ ଅଞ୍ଚଳ ଉତ୍ତର ଦିଗରେ ଓ ଦକ୍ଷିଣ ଭାଗ ଗାଧୁଆଘର ଓ ଭଣ୍ଡାର ଘର ଭାବରେ ତିଆରି ହେଉଛି । ସେମିତି ଖୋଲା କାଚ ଝରକାର ପ୍ରଚଳ ମଧ୍ୟ ବଢ଼ିଲାଣି ଯାହା ଶୀତରେ ଅଧିକ ଥଣ୍ଡା କରୁଛି ଘରକୁ । କାଶ୍ମୀରରେ ପାରମ୍ପରିକ ନିର୍ମାଣଶୈଳୀର ପକ୍ଷଧର ସ୍ଥପତି ସଲିମ୍ ବେଗ୍ କୁହନ୍ତି, ପାରମ୍ପରିକ କାଶ୍ମୀରୀ ଗୃହ ନିର୍ମାଣଶୈଳୀ ବଦଳରେ ଲୋକମାନେ ଭାରତର ଉଷ୍ମ ସହରମାନଙ୍କର ନିର୍ମାଣଶୈଳୀକୁ ଅନୁକରଣ କରୁଛନ୍ତି । ଏହାବ୍ୟତୀତ ଆଧୁନିକ ନିର୍ମାଣ ସାମଗ୍ରୀ ମଧ୍ୟ କାଶ୍ମୀର ଜଳବାୟୁ ପାଇଁ ଅନୁପଯୁକ୍ତ । ଏହାର ଉଦାହରଣ ଦେଇ ବେଗ୍ କୁହନ୍ତି କେନ୍ଦ୍ର କାଶ୍ମୀରର ବୁଡଗାଁଓ ଜିଲ୍ଲାରେ ଥିବା ଚରାର୍–ଇ–ସରିଫ୍ ମସଜିଦ୍‌ର ପୁନଃ ନିର୍ମାଣ କରାଇଲେ ସରକାର । ଆଧୁନିକ ନିର୍ମାଣ ଶୈଳୀ ଓ ନିର୍ମାଣ ସାମଗ୍ରୀ ବ୍ୟବହାର କରାଗଲା ଏଥିରେ । ପୂର୍ବେ ମସଜିଦ୍ ଖରାଦିନେ ଥଣ୍ଡା ଓ ଶୀତଦିନେ ଉଷୁମ ରହୁଥିଲା, ଏବେ ଠିକ୍ ଓଲଟା ହେଉଛି । କାଠ ଝରକା ଓ ମାଟି–ନଡ଼ା ପ୍ଲାଷ୍ଟରରେ କାଢ଼ି କାଚ ଝରକା ଓ କଂକ୍ରିଟ୍ ଉପଯୋଗ କରାଯାଇଛି ଏବେ ଏଥିରେ ।

ଆଧୁନିକ ନିର୍ମାତାମାନଙ୍କ ମତ ପାରମ୍ପରିକ ଶୈଳୀରେ ବହୁତଳ ଅଟ୍ଟାଳିକା କରିବା ମୁସ୍କିଲ୍ । ମାତ୍ର ଶ୍ରୀ ବେଗ୍ ଏହାକୁ ଅସ୍ୱୀକାର କରିଛନ୍ତି । ଉଦାହରଣ ଦେଇ ସେ ଦକ୍ଷିଣ କାଶ୍ମୀରର ଅନନ୍ତନାଗରେ ପାରମ୍ପରିକ ନିର୍ମାଣ ପଦ୍ଧତିରେ ନିର୍ମିତ ଏକ ୭ମହଲା ଅଟ୍ଟାଳିକାର ଉଲ୍ଲେଖ କରିଛନ୍ତି । ୧୯୩୦ରେ ନିର୍ମିତ ହୋଇଥିଲା ଏହି ଅଟ୍ଟାଳିକା । ଏ ମଧ୍ୟରେ ୫ଟି ଭୂକମ୍ପ ଓ ଦୁଇଟି ବନ୍ୟାରେ ବି ଅବିଚଳିତ ଭାବରେ ଛିଡ଼ା ହୋଇରହିଛି ଅଟ୍ଟାଳିକାଟି । ଏବେ ବି ବେଶ୍ ଦୃଢ଼ ଅଛି ଏହା । ଏହି ଅଟ୍ଟାଳିକାର ମାଲିକ ଥିଲେ ଜଣେ ବଡ଼ ବ୍ୟବସାୟୀ । ନିଜ ଆବଶ୍ୟକତା ମୁତାବକ ଗଢ଼ାଇଥିଲେ ସେ ଏହାକୁ । ଏହି ଘର ହିଁ ତାଙ୍କ ଗୋଦାମ ଘର, କର୍ମଚାରୀ ରହିବା ଘର, ଅତିଥିଶାଳା ଓ ନିଜର ରହିବା ଘର ।

ପାରମ୍ପରିକ କାଶ୍ମୀର ଗୃହ ନିର୍ମାଣ ଶୈଳୀ ଯେ କେବଳ ଘରକୁ ଉଷ୍ମତା ଦେଉଥିଲା ତା' ନୁହେଁ ଏହା ଘରକୁ ନିରାପଦ ବି ରଖୁଥିଲା ଭୂମିକମ୍ପରୁ । ଭୂମିକମ୍ପରେ ବି ନଷ୍ଟ ନହେବା ପରି ନିର୍ମାଣଶୈଳୀ ଅବଲମ୍ବନ କରାଯାଉଥିଲା ଏଠାରେ । କିନ୍ତୁ କାଶ୍ମୀରରେ ଆତଙ୍କବାଦ ପରିପ୍ରେକ୍ଷୀରେ ସରକାର କଂକ୍ରିଟ୍ ଘର ନିର୍ମାଣକୁ ପ୍ରୋତ୍ସାହିତ କରିଥିଲେ । କାରଣ କଂକ୍ରିଟ ଘରଗୁଡ଼ିକ ଅଗ୍ନିକାଣ୍ଡ ଓ ଗୁଳିରୁ ରକ୍ଷା ପାଇପାରୁଥିଲା । ମାତ୍ର ଏହା କାଶ୍ମୀରର ଭୌଗୋଳିକ ସ୍ଥିତି ପାଇଁ ଅନୁକୂଳ ନୁହେଁ ।

ପାରମ୍ପରିକ କାଶ୍ମୀରୀ ସ୍ଥାପତ୍ୟରେ ସ୍ଥାନୀୟ ପଥର, କାଠ ଓ ଇଟା ବ୍ୟବହୃତ ହେଉଥିଲା । କାଶ୍ମୀରରେ ସବୁଠାରୁ ସୁନ୍ଦର ଜନବସତି ଭାବରେ ପରିଚିତ ଶ୍ରୀନଗରର ନଦୀ ସାମ୍ନା ଘରଗୁଡ଼ିକ । ଏ ଅଞ୍ଚଳର ପ୍ରତି ଗଳି ସମାକୋଣରେ ନଦୀ ଆଡକୁ ମୁହାଁଇଥିଲା କାରଣ ସେ ସମୟରେ ଗମନାଗମନର ମୁଖ୍ୟ ଅବଲମ୍ବନ ଥିଲା ନୌକା । ନଦୀକୂଳରେ ଏବେ ବି କାଶ୍ମୀରୀ ପଣ୍ଡିତମାନଙ୍କର ପୁରାତନ ଘର ଅଛି । ଏଗୁଡ଼ିକ ଖୁବ୍ ବଡ଼, ଚାରି–ପାଞ୍ଚ ମହଲା ବିଶିଷ୍ଟ । କେତେକ ଘରୁ ସିଧା ନଈକୁ ରାସ୍ତା ଥିଲା । ଅଞ୍ଚଳରେ ଛୋଟ ଛୋଟ ଘାଟ ସାମ୍ପ୍ରଦାୟିକ ସଂପ୍ରୀତିର ପ୍ରତୀକ ଥିଲା । କାଶ୍ମୀରରେ ନିଜ ଯୌବନ କଟାଇଥିବା କାଶ୍ମୀର କବି ଆଘା ଶାହିଦ୍ ଅଲ୍ଲୀ ଲେଖିଛନ୍ତି– ନଦୀ ଓ ହ୍ରଦରେ ମନ୍ଦିର ଓ ମସଜିଦ୍‌ର ଛାଇ ପରସ୍ପରକୁ ଜଡେଇ ଧରନ୍ତି କାଶ୍ମୀରରେ ।

ଫରାସୀ ଡାକ୍ତର ଫ୍ରାଙ୍କେଇସ୍ ବର୍ନିୟର ନିଜ କାଶ୍ମୀର ଭ୍ରମଣ କାହାଣୀରେ ଲେଖିଛନ୍ତି କାଶ୍ମୀରୀ ଘରର ଛାତ ଉପରେ ମାଟିର ଆବରଣ ଥଣ୍ଡାକୁ ଦୂରେଇ ରଖୁଥିଲା ଏଥିସହ ଟୁଲିପ୍ ଓ ଲିଲି ଫୁଲ ଛାତର ସୌନ୍ଦର୍ଯ୍ୟ ବଢ଼ାଇ ଦେଉଥିଲା । ମାତ୍ର ଇଂରେଜ ଶାସନ ଅମଳରେ ଆଜବେଷ୍ଟସ୍ ଓ ଟିଣ ଛାତ ଯୋଗୁଁ ଏହି ସୌନ୍ଦର୍ଯ୍ୟ ଲୋପ ପାଇଗଲା । ଏସବୁ ଘରର ଭିତର ଛାତ ବା ସିଲିଂ ମଧ୍ୟ ସୌନ୍ଦର୍ଯ୍ୟରେ କୌଣସି ଗୁଣରେ କମ୍ ନଥିଲା । କାଠରେ ଛନ୍ଦାଛନ୍ଦି ହୋଇ ରହିଥିବା ବିଭିନ୍ନ କଳାରେ ସଜ୍ଜିତ ହେଉଥିଲା ଘରର ସିଲିଂ । ଏ ଶୈଳୀ ପର୍ସିଆରୁ ଭାରତ ଆସିଥିଲା । ଏବେ ପୁଣି ଆଧୁନିକ ଘରେ ଏସବୁ ସିଲିଂର ଆଦର ବଢ଼ିଛି । କାଠ ଅପେକ୍ଷା ଅଧିକ ଦାମୀ କାଗଜମଣ୍ଡରେ ତିଆରି ଛାତ ସିଲିଂ । ଏଥିରେ କାଶ୍ମୀରୀ ଜାମାୱାର ଶାଲ୍ ପରି ଚିତ୍ର କରାଯାଉଥିଲା । ଏହା ଖୁବ୍ ଉଷ୍ମତା ଦେଉଥିଲା ଘରଗୁଡ଼ିକୁ । ଏହି କଳା ପଞ୍ଚଦଶ ଶତାବ୍ଦୀରେ ବାଦ୍‌ଶା' ଜଇନ୍–ଉଲ୍–ଆବେଦିନ୍‌ଙ୍କ ଦ୍ୱାରା ଇରାନ୍‌ରୁ କାଶ୍ମୀର ଆସିଥିଲା ।

ଶ୍ରୀନଗର ଅଧିକ ଭୂକମ୍ପପ୍ରବଣ ଅଞ୍ଚଳ । କିନ୍ତୁ ଏଠାର ପାରମ୍ପରିକ ଘର ସବୁ ତୀବ୍ରତର ଭୂମିକମ୍ପରେ ମଧ୍ୟ ନଷ୍ଟ ନହେବା ଶୈଳୀରେ ନିର୍ମିତ ହୋଇଥିଲା । ଏହା ମୁଖ୍ୟତଃ ଦୁଇ ପ୍ରକାରର ଯଥା ତାକ୍ ଓ ଧଜ୍ଜି ଦିୱାରୀ । ତାକ୍ ଶୈଳୀରେ ଘରର କାନ୍ଥ ମଝିରେ ଅଧିକ ଝରକା ରଖାଯାଉଥିଲା । କାନ୍ଥକୁ ଭିତରପଟୁ ନଡ଼ା ଓ ମାଟିରେ ପଲସ୍ତରା କରାଯାଉଥିଲା । ଧାଜିଦିୱାରୀ ଶୈଳୀ ମଧ୍ୟଏସୀୟ ରାଷ୍ଟ୍ରର ଶୈଳୀ । ଏହା ମୁଖ୍ୟତଃ ତୁର୍କୀରେ ବ୍ୟବହାର କରାଯାଏ । ତଳ ମହଲାରେ କାଠର ଛାଞ୍ଚ ମଧ୍ୟରେ ବଡ଼ ବଡ଼ ଗେଟି ଦେଇ ପଲସ୍ତରା କରାଯାଉଥିଲା । ଉପର ମହଲା ଇଟାରେ ତିଆରି କରାଯାଉଥିଲା । କାଶ୍ମୀର ଅଧିକାଂଶ ପୁରୁଣା ଘରର ତଳ ମହଲା ତାକ୍ ଶୈଳୀ ଏବଂ ଉପର ମହଲା ଧାଜିଦିୱାରୀ ଶୈଳୀରେ ନିର୍ମିତ ହେଉଥିଲା । ନିକଟରେ ପାକିସ୍ତାନ ଅଧିକୃତ କାଶ୍ମୀର ଏବଂ ଇରାନ୍‌ର ବାମ୍ ସହରରେ ହୋଇଥିବା ଭୂମିକମ୍ପରେ ନୂଆ ଘରଗୁଡ଼ିକ ନଷ୍ଟ ହୋଇଯାଇଥିଲା । କିନ୍ତୁ ପୁରୁଣା ଘରଗୁଡ଼ିକ ସେମିତି ଅକ୍ଷୁର୍ଣ୍ଣ ରହିଛି । ସୂଚନାଯୋଗ୍ୟ ନିଅଁ ସ୍ତରରେ କାଠର ଉପଯୋଗ ଭୂମିକମ୍ପର ପ୍ରଭାବକୁ ଖୁବ୍ କମ୍ କରିଦେଇଥାଏ ।







# ଇ–ଆବର୍ଜନାର **ସଂକଟ**







ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ୧୪ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ–ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ ।

**ଏ**ଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନାର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ–ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତିବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ–ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ–ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ–ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ–ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ–ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ–ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ–ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ–ଆବର୍ଜନା ଡମ୍ପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ–ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ ।







## ପଳସିଂହା ଗ୍ରାମ ପଞ୍ଚାୟତରେ ତହସିଲ କାର୍ଯ୍ୟ

**କେନ୍ଦ୍ରାପଡା,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକର ପଳସିଂହା ଗ୍ରାମ ପଞ୍ଚାୟତରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଭାରପ୍ରାପ୍ତ ତହସିଲଦାର ରବିନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ରହି ସାଧାରଣ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହିତ ବହୁ କାର୍ଯ୍ୟର ସମାଧାନ ମଧ୍ୟ କରିଥିଲେ । ଯଥା ନୂତନ ଓଆର ସଂଶୋଧନ ପଟ୍ଟା, ୩୨ଟି ମ୍ୟୁଟେସନ ପଟ୍ଟା ପ୍ରଦାନ, ୫ଟି ବାସସ୍ଥାନ ପ୍ରମାଣ ପତ୍ର, ୧୫ଜଣଙ୍କ ଆୟ ପ୍ରମାଣ ପତ୍ର, ୧୪ଜଣଙ୍କ ହରିଜନ ପ୍ରମାଣ ପତ୍ର, ୧୨ଜଣଙ୍କ ଓବିସି ପ୍ରମାଣ ପତ୍ର, ୧୨ଜଣଙ୍କ ଏସିବିସି ପ୍ରମାଣ ପତ୍ର, ୧୦ଜଣଙ୍କ ଲିଗାଲ ହେୟାର, ଓଆର ସଂଶୋଧନ ପାଇଁ ୪୨ଜଣ ଆବେଦନ କରିଥିଲେ। ଏହି ପଞ୍ଚାୟତରେ ସରକାର ଜମି ଜବରଦଖଲ କରିଥିବା ସ୍ଥାନ ଗୁଡିକ ଉଚ୍ଛେଦ ପାଇଁ ଗ୍ରାମବାସୀ ଜଣାଇଥିଲେ । ତହସିଲଦାର ଶ୍ରୀ ଆଚାର୍ଯ୍ୟ ଆରଆଇଙ୍କୁ ଏହାର ସବିଶେଷ ତଦନ୍ତ କରି ରିର୍ପୋଟ ଦେବାକୁ ଆଦେଶ ଦେଉଥିଲେ। ଏହାପରେ ଏକ ସରକାରୀ ଆରଡି ରାସ୍ତା କରିବା ପାଇଁ ସରପଞ୍ଚ ଦେବେନ୍ଦ୍ର ପରିଡା ଜଣାଇଥିଲେ। ତାହାକୁ ମାପ ପାଇଁ ସୁପରଭାଇଜରକୁ ଦାୟିତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପରିଡା ସରପଞ୍ଚଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଓ ତହସିଲ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିଥିଲେ।

## ବେଆଇନ ମାଙ୍କଡା ପଥର ଚାଲାଣ, ମାମଲା ରୁଜୁ

**ରାଜନଗର,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ଭାବେ ମାଙ୍କଡା ପଥର ଚୋରା ଚାଲାଣ କରୁଥିବା ୩ଟି ଟ୍ରକକୁ ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଗୁରୁବାର ଜବତ କରିଥିଲା । ତାଳଚୁଆ ଅଭିମୁଖେ ଯାଉଥିବା ମାଙ୍କଡା ବୋଝେଇ ଟ୍ରକ ନଂ- ଓଆର- ୦୯-ଇ- ୬୪୫୫, ଟ୍ରକ ନଂ- ଓଆର- ୦୯- ବି- ୫୮୧୭ ଓ ଟ୍ରକ ନଂ- ଓଆର- ୦୪- ଡି- ୯୪୧୫କୁ ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତାର ସାମୁଦ୍ରିକ ଥାନା ଗେଟ ନିକଟରେ ପୋଲିସ ଜବତ କରି ଅଟକ ରଖିଥିଲା । ମାଙ୍କଡା ପଥର ଚାଲାଣ କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ଥାନା ମକଦ୍ଦମା ନଂ- ୧୫୦/୨୫ରେ ଭାରତୀୟ ନ୍ୟାୟ ସଂହିତା ୩୦୩(୨)/ ୩(୫) ଓ ମାଇନ୍ସ ଆକ୍ଟ ୫୧(୧)ରେ ମାମଲା ରୁଜୁ କରିଛି । ପ୍ରଥମଥର ପାଇଁ ସାମୁଦ୍ରିକ ଥାନା ଅଂଚଳରେ ଖଣିଜ ସଂପଦ ଚୋରା ଚାଲାଣ ନେଇ ମକଦ୍ଦମା ହେବା ଯୋଗୁଁ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଉପଖଣ୍ଡସ୍ତରୀୟ ବ୍ୟାଞ୍ଚ ମାର୍କ ମୂଲ୍ୟାଙ୍କନ କମିଟି



**ବ୍ରହ୍ମପୁର,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ଉପଖଣ୍ଡସ୍ତରୀୟ ବ୍ୟାଞ୍ଚ ମାର୍କ ମୂଲ୍ୟାଙ୍କନ କମିଟି ୨୦୨୪-୨୬ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଖଣ୍ଡସ୍ତରରେ ଜମିଜମା କିଣାବିକା ନିମନ୍ତେ ପ୍ରତ୍ୟେକ ରୟତି ପ୍ଲଟ ଗୁଡିକର ବ୍ୟାଞ୍ଚ ମାର୍କ ମୂଲ୍ୟର ପୁନଃ ଯାଞ୍ଚ କରି ନିର୍ଦ୍ଧାରଣ ସକାଶେ ଆଲୋଚନା ହୋଇଥିଲା । ୨୦୨୨-୨୪ ମୂଲ୍ୟାଙ୍କନର ୧୦ରୁ ୨୦ ପ୍ରତିଶତ ବୃଦ୍ଧି କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା । ସୂଚନା ଯୋଗ୍ୟ ହାଇକୋର୍ଟ ଛତ୍ରପୁର ଉପଖଣ୍ଡସ୍ତରୀୟ ବ୍ୟାଞ୍ଚ ମାର୍କ ମୂଲ୍ୟାଙ୍କନ ୨୦୨୨-୨୪ କମିଟିଙ୍କୁ ଖାରଜ କରିବା ସହିତ ନୂତନ କିମିଟି ଗଠନ କରି ମୂଲ୍ୟାଙ୍କନ କରିବାକୁ ଆଦେଶ ଦେଇଥିଲେ । ଏହି ପ୍ରକାରେ ଆଜି କମିଟିର ବୈଠକ ହୋଇଥିଲା । ଏହି ବୈଠକରେ ଡେପୁଟି କଲେକ୍ଟର ତଥା ଛତ୍ରପୁର ଜିଲ୍ଲା ନିବନ୍ଧକ ଅଭିଷେକ ସାହୁ, ସମସ୍ତ ତହସିଲଦାର ଏବଂ ଉପନିବନ୍ଧକ କାର୍ଯାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଧାନଶିକ୍ଷକଙ୍କ ପରଲୋକରେ ସ୍ମୃତିଚାରଣ

**ମାର୍ଶାଘାଇ,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଶିଳିପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦିବଂଗତ ପ୍ରାକ୍ତନ ପ୍ରଧାନଶିକ୍ଷକ ନକୁଳି ଚରଣ ସ୍ୱାଇଁଙ୍କ ଅବର୍ତ୍ତମାନରେ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଛାତ୍ର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ ମୁଖ୍ୟଅତିଥି, ପ୍ରାକ୍ତନ ଶିକ୍ଷକ ଭିକାରୀ ଚରଣ ବେଉରା, ଶିକ୍ଷୟିତ୍ରୀ ଭାରତୀ କାନୁନଗୋ, ପ୍ରାକ୍ତନ ଛାତ୍ର ଯୁଗଳ କିଶୋର ଦାସ, ପ୍ରାକ୍ତନ ଛାତ୍ରୀ ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କର ଶିଳିପୁର ପ୍ରାଥମିକ ବିଦ୍ୟାଳୟରେ ୩୧ବର୍ଷର ଶିକ୍ଷକତା ଜୀବନର ସ୍ମୃତିଚାରଣ କରିବା ସହ ସେ ଜଣେ ସମର୍ପିତ, ଆଦର୍ଶବନ୍ତ, ଛାତ୍ରବତ୍ସଳ, ଅନୁଷ୍ଠାନପ୍ରେମୀ ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାକ୍ତନ ଛାତ୍ର ବିଭୂତି ଭୂଷଣ ଦାସ, ବିଜୟ କୁମାର ଦାସ, ଅଧ୍ୟାପକ ଧୀରେନ ଚୌଧୁରୀ, କୀର୍ତ୍ତନ କୁମାର ବେଉରା ପ୍ରମୁଖ ଛାତ୍ର ଜୀବନର ହଜିଲା ଦିନର ଅଭୁଲା କଥାକୁ ବଖାଣି ଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଛାତ୍ର ଗୌରାଙ୍ଗ ଚରଣ ଯେନା, ଭଞ୍ଜ କିଶୋର ଦାସ, ପ୍ରଧାନଶିକ୍ଷୟିତ୍ରୀ କବିତା ସାହୁ, ଅଜୟ ବଳଭଦ୍ର, ଇତିଶ୍ରୀ ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲାବେଳେ ପ୍ରାକ୍ତନ ଛାତ୍ର ସଚ୍ଚିଦାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିସେମ୍ବର ୧୭ରୁ ଆରମ୍ଭ ହେବ ଧାନ ମଣ୍ଡି

**ରାୟଗଡା,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଆସନ୍ତା ଡିସେମ୍ବର ମାସ ୧୭ ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ଧାନ ମଣ୍ଡି। ଏ ନେଇ ଶନିବାର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ରାୟଗଡ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡ ବିଧାୟକ, କାଡ୍ରାକା ଆପାଳସ୍ୱାମୀ, ବିଷମ କଟକ ବିଧାୟକ, ନୀଳମାଧବ ହିକକା, କୋରାପୁଟ ଲୋକସଭା ସାଂସଦ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ନିହାର ରଞ୍ଜନ କହଁର, ଗୁଣପୁର ଉପଜିଲ୍ଲାପାଳ ଶ୍ରୀ ଦୁଧକ୍ଷଳ ଅଭିଷେଖ ଦିଲ୍ଲିପ, ରାୟଗଡା ଉପଜିଲ୍ଲାପାଳ ରମେଶ କୁମାର ଜେନା, ମୁଖ୍ୟ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦଶରାଥି ସୋରେନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସକ୍ଷନ ଶେଖଙ୍କ ସମେତ ଚାଷୀପ୍ରତିନିଧି, ମିଲର୍ସ, ସମବାୟ ସମିତିସଂପାଦକ, ଏମପିସିଏସ୍ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ଖରିଫ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୭୩ ହଜାର ୨୦୦ ମେଟ୍ରିକ ଟନ ଧାନ ଚାଷୀମାନଙ୍କଠୁ କିଣାଯିବ। ଜିଲ୍ଲାରେ ୨୧ ହଜାର ୪୮୬ ଜଣ ଚାଷୀଙ୍କ ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିଛନ୍ତି। ଗତବର୍ଷ ୧ ଲକ୍ଷ ୨୨ ହଜାର ୬୯ ମେଟ୍ରିକ ଟନ ଧାନ ଆକାରରେ ୮୧ ହଜାର ୭୨୨ ମେଟ୍ରିକ୍ ଟନ ଚାଉଳ ସଂଗ୍ରହ କରାଯାଇଥିଲା । ଜିଲ୍ଲାର ୧୮ ହଜାର ୯୭୩ଜଣ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା ଏବଂ ଏଥିରେ ୧୪ ଟି ଲ୍ୟାମ୍ପସ୍ ଅଧିନରେ ୪୩ଟି ମଣ୍ଡି ଖୋଲାଯାଇଥିଲା ଏବଂ ଜିଲ୍ଲାର ୧୧୧ ଜଣ ମିଲର୍ସ ଅଂଶଗ୍ରହଣ କରିଥିଲେ ।

ଚଳିତ ବର୍ଷ ମଧ୍ୟ ୪୩ଗୋଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ। ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନୁହୁଅନ୍ତି ସେଥି ପାଇଁ ବିଭାଗୀୟ ଅଧିକାରୀଙ୍କୁ ରାୟଗଡ଼ ବିଧାୟକ ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏହା ସହିତ ପ୍ରକୃତ ଚାଷୀଙ୍କୁ ବୈଠକକୁ ଡକାଯାଉ ବୋଲି କହିଥିଲେ । ଜିଲ୍ଲାରେ ଚାଷୀମାନକ ଠରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଧାନ ଦେବାକୁ ଜନପ୍ରତିନିଧିମାନେ କହିଥିଲେ । ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ଟଙ୍କା ଓ ଏ ଗ୍ରେଡ଼ର ଧାନ ମୂଲ୍ୟ ୨୩୮୯ଟଙ୍କା ସରକକ୍ଷର ଧକ୍ଷର୍ଯ୍ୟ କରିଛନ୍ତି । ଇନ୍ପୁଟ ସହାୟତା ଟ୭୩୧/- କରାଯାଇଛି । ଅନ୍ୟରଜ୍ୟର ସୀମାନ୍ତ ଅଂଚ୍ଳ ଗୁଡିକରେ କଡା ନଜର ରଖିବା ପାଇଁ ଉଭୟ ଉପଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବୈଠକ ଛାଡି ଧାରଣାରେ ବସିଲେ ସଭ୍ୟସଭ୍ୟା

**ମାର୍ଶାଘାଇ,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ପଞ୍ଚାୟତ ସମିତି ଷଷ୍ଠ ଅଧିବେଶନ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିବା ବେଳେ ଆରମ୍ଭରୁ ସଭ୍ୟସଭ୍ୟାମାନେ ନିଜର ଅଧିକାରରୁ ବଞ୍ଚିତ ନେଇ ପ୍ରତିବାଦ କରିଥିଲେ । ଏପରିକି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ସଭାଗୃହ ବର୍ଜନକରି ବ୍ଲକ ପରିସରରେ ଥିବା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ଆଗରେ ଧାରଣା ଦେଇଥିଲେ । ଆଜିର ଏଜେଣ୍ଡାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମତ୍ସ୍ୟ ପ୍ରାଣୀ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମେତ ବିଭିନ୍ନ ଉନ୍ନୟନ ମୂଳକ ଆଲୋଚନା ହୋଇନପାରି ଠପ ହୋଇ ଯାଇଥିଲା । ଷଷ୍ଠତମ ବୈଠକ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇ ପୂର୍ବଅ ଅଧିବେଶନ ବିବରଣୀ ପାଠ କରାଯାଉଥିବା ବେଳେ ସଭ୍ୟସଭ୍ୟାମାନେ ବିକଶିତ ଗାଁ ବିକଶିତ ଓଡିଶା ପ୍ରୋଜେକ୍ଟକୁ ନେଇ ହାହୋଲ୍ଲା ହୋଇଥିଲା । ପୂର୍ବରୁ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଡିଓଙ୍କ ଠାରୁ ଆରମ୍ଭ କରି ବ୍ଲକ ସହକାରୀ ଯନ୍ତ୍ରୀ ପର୍ଯ୍ୟନ୍ତ ବହୁବାର ସମିତିସଭ୍ୟ ସରପଞ୍ଚମାନଙ୍କୁ ନେଇ ବୈଠକ କରିବା ସହିତ କିପରି ସୁରୁଖୁରୁରେ କାର୍ଯ୍ୟ ହେବ ଆଲୋଚନା କରି ପ୍ରୋଜେକ୍ଟ ନେଇଥିଲେ । ପ୍ରୋଜେକ୍ଟ ଗୁଡିକର କାର୍ଯ୍ୟର ଶତକଡା ତିଶ ଭାଗ ସରପଞ୍ଚ ଓ ତିରିଶ ଭାଗ ସମିତି ସଭ୍ୟମାନେ ସେମାନଙ୍କ ମୁତବକ ଏଜେନ୍ସି ଦେଇ କାର୍ଯ୍ୟ କରବା ପାଇଁ ବ୍ଲକରୁ ଆଶ୍ୱାସନା ପାଇଥିଲେ । ବର୍ତ୍ତମାନ ବ୍ଲକ କର୍ତ୍ତୃପକ୍ଷ ବାରଣ କରୁଥିବାରୁ ସଭ୍ୟସଭ୍ୟାମାନେ ପ୍ରତିବାଦ କରି ସଭାକୁ ଅଚଳ କରିବା ସହିତ ଧାରଣାରେ ବସିଥିଲେ । ଧାରଣା ସ୍ଥଳରେ ଅଧ୍ୟକ୍ଷାଙ୍କ ସହିତ ବିଡିଓ ପଞ୍ଚାନନ ମଲିକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଦ୍ୱୟ ଧାରଣାସ୍ଥଳକୁ ଯାଇ ବୁଝାସୁଝା କରି ସଭାଗୃହକୁ ଫେରାଇ ଆଣିଥିଲେ । ସଭାରେ ବିକଶିତ ଗାଁ ବିକଶିତ ଓଡିଶା ପ୍ରୋଜେକ୍ଟକୁ ବ୍ଲକ ପ୍ରଶାସନ ସଭ୍ୟସଭ୍ୟାଙ୍କ ଅଧିକାର ଛିନ୍ନ କରୁଥିବାରୁ ସମିତିସଭ୍ୟ ରଞ୍ଜିତ ପ୍ରଧାନ, ଅଜୟ ଜେନା, ଭାରତୀ କାନୁନଗୋ, ସରପଞ୍ଚ ସଞ୍ଜୟ ସେଠୀ, ବାବାଜୀ ସ୍ୱାଇଁ, ମନୋଜ ସ୍ୱାଇଁ, ବିକ୍ରମ କେଶରୀ ଦାଶଙ୍କ ସମେଦ ତିନିଜଣ ଜିଲ୍ଲାପରିଷଦ ସଭ୍ୟଙ୍କ ସମେତ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କୁ ନେଇ ଏକ ଗୃହ କମିଟି ଗଠନ କରାଗଲା । ଗୃହ କମିଟି ବିଧାୟକଙ୍କ ନିକଟରେ ଆଲୋଚନା କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ନେଇ ସଭାରେ ସ୍ଥିର କରାଗଲା । ଏହି ବୈଠକରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ଶୂନ୍ୟ ମୃତାହତ ପକ୍ଷ ସଚେତନତା

**ବ୍ରହ୍ମପୁର,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟରେ ସଡକ ଦୁର୍ଘଟଣାକୁ ହ୍ରାସ କରିବା କରିବା ପାଇଁ ୧୬ ନଭେମ୍ବରରୁ ୩୦ ନଭେମ୍ବର ପ୍ରର୍ଯ୍ୟନ୍ତ ଶୂନ୍ୟ ମୃତାହତ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୂନ୍ୟ ମୃତାହତ ପକ୍ଷ ପାଳନ ନିମନ୍ତେ ଏକ ସଚେତନତା ରଥର ଶୁଭଉଦଘାଟନ ହୋଇଛି । ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଏବଂ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ପତାକା ଦେଖାଇ ଏହାକୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଆରଟିଓ ଇ.ଦେବାଶିଷ ସ୍ୱାଇଁ, ଏମଭିଆଇ ରାଜ କୁମାର ବେହେରାଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ଦୈନିକ ସଡକ ଦୁର୍ଘଟଣା ଘଟୁଛି । ଏହି ବର୍ଷ ମଧ୍ୟ ମୃତ୍ୟୁ ଓ ଦୁର୍ଘଟଣା ହାର ବୃଦ୍ଧି ପାଇଛି । ଏହି ରଥ ସମସ୍ତ ଅଞ୍ଚଳ ବୁଲି ଶୂନ୍ୟ ମୃତାହତ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଇବ। ଏହି ରଥ ୩୦ ନଭେମ୍ବର ପ୍ରର୍ଯ୍ୟନ୍ତ ବୁଲିବ । ଏହି ପରିପେକ୍ଷିରେ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ଦୁର୍ଘଟଣା ହ୍ରାସ, ଟ୍ରାଫିକ ସଚେତନତା ଓ ସଡକ ସୁରକ୍ଷା ନିୟମ ପାଳନ କରିବା ସହ ଯାଞ୍ଚକୁ ମଧ୍ୟ କଡାକଡି କରାଯାଇଛି । ବିଭିନ୍ନ ଛକମାନଙ୍କରେ ଗାଡି ଯାଞ୍ଚକୁ କଡାକଡି କରାଯାଇଛି । ଚାରି ଦିନ ମଧ୍ୟରେ ଗଞ୍ଜାମ ଓ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୬୨୩ଜଣ ଅମାନିଆ ସଡକ ସୁରକ୍ଷା ନିୟମ ମାନିଥିବାରୁ ସେମାନଙ୍କ ବିରୁଦ୍ଧରେ ଚାଲାଣ କଟାଯାଇଛି । ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୪୯୦ଟି ଓ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୧୪୩ ଜଣ ନିୟମ ଉଲ୍ଲଘଂନ କରିଥିବା ଗାଡି ଚାଳକଙ୍କ ବିରୁଦ୍ଧରେ ଚାଲାଣ କଟାଯିବା ସହ ଜୋରିମନା ପକାଯାଇଛି । ଜିଲ୍ଲାରେ ଅଧିକ ସଡକ ଦୁର୍ଘଟଣା ହେଉଥିବା ବ୍ଲାକ ସ୍ପଟ ଅଞ୍ଚଳକୁ ଚିହ୍ନଟ କରାଯାଇ ଉକ୍ତ ସ୍ଥାନରେ କିପରି ଦୁର୍ଘଟଣା କମିବ ସେଠାରେ ବ୍ୟାପକ ସଚେତନତା ସହ ଏନଫୋର୍ସମେଣ୍ଟ କରାଯାଉଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

## ଲାଇଟି ଆଣ୍ଡ ସାଉଣ୍ଡ ସୋ'ର ଉନ୍ନତିକରଣ ପ୍ରକଳ୍ପ ଉଦଘାଟିତ

**କୋଣାର୍କ,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସୂର୍ଯ୍ୟ ମନ୍ଦିର ପ୍ରାଙ୍ଗଣରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା 'ଲାଇଟ୍ ଏବଂ ସାଉଣ୍ଡ୍ ଶୋ ଉନ୍ନତି କରଣ ପ୍ରକଳ୍ପ'କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପରେ ଅତ୍ୟାଧୁନିକ ଓ ଉଚ୍ଚ-ରିଜୋଲ୍ୟୁସନ୍ ଡିଜିଟାଲ୍ ୮ଟି ଲେଜର୍ ପ୍ରୋଜେକ୍ଟରକୁ ନୂତନ ଭାବେ ସ୍ଥାପନ କରାଯାଇ ଥିବାବେଳେ ଗୋଟେ ସୋରେ ୩୦୦ଜଣ ପର୍ଯ୍ୟଟକ ମୁକ୍ତାକାଶ ତଳେ ବସି ଏହାକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଏହି ସୋରେ ସୂର୍ଯ୍ୟମନ୍ଦିର ପ୍ରତ୍ୟେକ ଶିଳ୍ପକଳା, ପ୍ରତ୍ୟେକ ଢାଞ୍ଚା, ପ୍ରତ୍ୟେକ ଐତିହାସିକ ଅଭିବ୍ୟକ୍ତି ଅତ୍ୟନ୍ତ ସ୍ପଷ୍ଟ ଓ ଜୀବନ୍ତ ଭାବରେ ଆଲୋକରେ ପ୍ରକାଶିତ କରୁଥିବା ଦେଖିବାକୁ ମିଳିଛି । ପ୍ରଥମଥର ପାଇଁ ଦର୍ଶକଙ୍କ ପାଇଁ ସମ୍ପୂର୍ଣ୍ଣ ହେଡଫୋନ୍-ଆଧାରିତ ବ୍ୟବସ୍ଥାକୁ ବଦଳାଯାଇ ଏକ ଆଧୁନିକ, ଓପନ୍-ସରାଉଣ୍ଡ ସାଉଣ୍ଡ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି ଯାହା ପର୍ଯ୍ୟଟକଙ୍କୁ ସୂର୍ଯ୍ୟମନ୍ଦିରର ଐତିହାସିକ କାହାଣୀ ଶୁଣିବାକୁ ଶ୍ରୁତିମଧୁର ଅନୁଭୂତି ଦେବ । ପ୍ରତେକ ଦିନ ୬.୩୦ ମିନିଟରୁ ୭ ପର୍ଯ୍ୟନ୍ତ ଏହା ଚାଲିବ । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଦୁଇଟି ସୋ ଚାଲିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି । ଉଦଘାଟନ କରିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ସମେତ ଉଚ୍ଚ ପ୍ରଶାସନିକ ଅଧିକାରମାନେ ଏହି ସୋକୁ ବସି ଉପଭୋଗ କରିଥିଲେ । ଲାଇଟି ଆଣ୍ଡ ସୋର ଉନ୍ନତିକରଣ ପ୍ରକଳ୍ପ କେବଳ ଏକ ପ୍ରକଳ୍ପ ନୁହେଁ, ଏହା ହେଉଛି ଆମ ଐତିହ୍ୟ ପ୍ରତି ସରକାରର ସଂକଳ୍ପ, ପର୍ଯ୍ୟଟନ ପ୍ରତି ଦୃଷ୍ଟିଭଙ୍ଗୀ ଏବଂ ଭବିଷ୍ୟତ ପୀଢ଼ି ନିମନ୍ତେ ଏହାର ଗୌରବକୁ ବହନ କରୁଥିବା ଏକ ଆହ୍ୱାନ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

## ୨୪ରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ଖଣ୍ଡପଡ଼ା,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଆସନ୍ତା ୨୪ ତାରିଖ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ । ଶିବିରରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକ ଉପରେ ଶୁଣାଣି କରିବେ। ପୂର୍ବାହ୍ନ ୧୦ଟାରୁ ଶିବିର ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ବ୍ଲକ ଅଧିନ ୨୨ଟି ପଞ୍ଚାୟତରୁ ବହୁ ସଂଖ୍ୟାରେ ଜନସାଧାରଣ ଶିବିରରେ ଯୋଗଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

**AFFIDAVIT**

By virtue of an affidavit sworn before the Executive Magistrate ,Kendrapara dated 28.10.2025, I Bidyabharati Sahoo ,ageed about 25, D/o Krupasindhu Sahoo of village Chakarpur, Po-Sri Baladevjew, Ps-Marsaghai, Dist.Kendrapara, Odisha that I have change my name from Dibyabharati Sahoo to Bidyabharati Sahoo .Henceforth,I shall be Known as Bidyabharati Sahoo for all purposes .

**Bidyabharati Sahoo**

## ଡିସେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକ ସ୍ତରୀୟ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ମାସ ୧୩ ତାରିଖରେ ସମସ୍ତ ଅଦାଲତ, ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରାଧିନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ, ଯଦି କୌଣସି ବିଚାରାଧିନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଉତ୍ତର ପ୍ରଦେଶର ଦମ୍ପତି

**ପାରଳାଖେମୁଣ୍ଡି,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଶନିବାର ଗଜପତି ଜିଲ୍ଲାରୁ ୭୫ ଓ ୭୬ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀମତି ମଧୁମିତା (ଭା.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ ଉତ୍ତର ପ୍ରଦେଶ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ପିତୃମାତୃହୀନ ଏହି ଶିଶୁଦ୍ୱୟଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା । ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଦ୍ୱୟଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଦ୍ୱୟ ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ । ଉପରୋକ୍ତ ଦମ୍ପତ୍ତି ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ । ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ । ଶିଶୁଦ୍ୱୟଙ୍କର ବୟସ ୩ ଓ ୪ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଦ୍ୱୟଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା ।

ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**AFFIDAVIT**

I, Anuradha Bhoi, W/o-Sudarsan Bhoi & D/o-Netranandа Bhoi, resident of At/Po - Abhayamukhi, Ps- Balipatna, Dist-Khordha, Odisha declare by this affidavit No. 34954 dtd. 14.11.2025 that my name has been wrongly mentioned as Anuradha Dei instead of Anuradha Bhoi in some documents. Now onwards I shall be known as Anuradha Bhoi for all future purposes.

## ଫେରାର ପୂର୍ବ ଟ୍ରେଜେରି ଅଫିସର ଗିରଫ

**ଢେଙ୍କାନାଳ,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସବଟ୍ରେଜେରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ମନୋରନ ସାହୁ ଭିଜିଲାନ୍ସ ଦ୍ୱାରା ଗିରଫକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ହିନ୍ଦୋଳରୁ ନିଲମ୍ବିତ ହୋଇଥିବା ବେଳେ ବର୍ତ୍ତମାନ ଭୁବନ ସବ୍ ଟ୍ରେଜେରୀରେ କାର୍ଯ୍ୟ କରୁଥିଲେ । ୨୦୨୩ ମସିହାରେ ଶ୍ରୀସାହୁ ଜଣେ ପେନସନ ଭୋଗିଙ୍କ ଆକାଉଣ୍ଟରେ ଅର୍ଥ ଜମା ନକରି ନିଜ ଆକାଉଣ୍ଟ ଓ ସଂପର୍କୀୟଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ । ଲୋକମାନଙ୍କର ପେନ୍‌ସନ ଟଙ୍କା ୬୮ଲକ୍ଷ ୮୫ ହଜାର ୪୯୭ ଟଙ୍କା ହଡ଼ପ କରିବା ଘଟଣାରେ ତତ୍କାଳୀନ ହିନ୍ଦୋଳ ସବ ଟ୍ରେଜରୀ ଅଫିସର ୫/୮/୨୦୨୩ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ । ଏଥିନେଇ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ୩୨/୨୦୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିଲା । ସେହି ସମୟରୁ ସେ ଫେରାର ଥିଲେ ଶୁକ୍ରବାର ରାତି ୧୦ଟା ସମୟରେ ସଦର ଥାନା ସମ୍ମୁଖରୁ ଭିଜିଲାନ୍ସ ଟିମ୍ ଗିରଫ କରିଛି । ହିନ୍ଦୋଳ ରୋଡ ସ୍ଥିତ ଅଂଚଳକୁ ଭୋଜି ଖାଇ ଆସି ଥିବା ବେଳେ ଭିଜିଲାନ୍ସ ମାଡି ବସିଥିଲା । ଏବେ ତାଙ୍କୁ ମହିଷାପାଟ କାର୍ଯ୍ୟାଳୟରୁ ଢେଙ୍କାନାଳ ଭିଜିଲାନ୍ସ କୋର୍ଟକୁ ପଠାଯାଇଛି । ଏ ସଂପର୍କରେ ଢେଙ୍କାନାଳ ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ମନୋରନଙ୍କ ସ୍ଥାବର ଆସ୍ଥାବର ଅଚଳାଚଳ ସମ୍ପତିର ଖୋଳତାଡ଼ କରାଯିବାସହ ହିନ୍ଦୋଳ ଉପଖଣ୍ଡର ଆହୁରି କିଛି ଅଫିସରେ ଭିଜିଲାନ୍ସ ଚଢ଼ାଉ କରାଗଲେ ଆହୁରି କେଳେଙ୍କାରୀ ଓ ଦୁର୍ନୀତି ପଦାକୁ ଆସିପାରିବ ବୋଲି ହିନ୍ଦୋଳର ବୁଦ୍ଧିଜୀବୀମାନେ ପ୍ରକାଶ କହିଥିଲେ ।

## ମହିମାସ୍ୱାମୀଙ୍କ ୨୧ ଦିନାଙ୍କ ଯୋଗନିଦ୍ରା ଉତ୍ସବ

**ଢେଙ୍କାନାଳ,୨୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ମହିମାସ୍ୱାମୀଙ୍କ ୨୪ବର୍ଷର ଆତ୍ମଯୋଗ ସାଧନା ପୀଠ କପିଳାସ ତପୋବନ ଠାରେ ମାର୍ଗଶୀର ଶୁକ୍ଳ ଦ୍ୱିତୀୟା ଶନିବାର ୨୧ ଦିନାଙ୍କ ଯୋଗନିଦ୍ରା ଉତ୍ସବର ଶୁଭାରମ୍ଭ ହୋଇଛି । ଏହି ଉତ୍ସବ ଆସନ୍ତା ଡିସେମ୍ବର ୧୨ ତାରିଖ ପୌଷ କୃଷ୍ଣାଷ୍ଟମୀ ଦିନ ଉଦ୍‌ଯାପିତ ହେବ । ଏହିଦିନ ମହିମାସ୍ୱାମୀ ୨୪ବର୍ଷର ଆତ୍ମଯୋଗ ସାଧନା ଶେଷ କରି ଧରିତ୍ରୀ ମାତାଙ୍କ ହାତରୁ ଅନ୍ନଭିକ୍ଷା ଗ୍ରହଣ କରିବାର କାର୍ଯ୍ୟକ୍ରମ ପାଳିତ ହୋଇଆସୁଛି । ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତିକୁ ସଂରକ୍ଷଣ ଦେଉଥିବା ଏହି ଧର୍ମର ଅନୁଗାମୀ ବୃନ୍ଦ ତପୋବନ ପୀଠକୁ ସଂପୂର୍ଣ୍ଣ ଭାବେ ପ୍ଲାଷ୍ଟିକମୁକ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ପୀଠରେ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜଳନାଳି ଖନନ କରିବା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ଦିଗରେ ଜିଲ୍ଲାପାଳଙ୍କ ସହ ପରାମର୍ଶ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ଶ୍ରୀ କର କହିଥିଲେ । ମୁଖ୍ୟବକ୍ତା ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପୀଠର ଭୂ-ସଂରଚନା ସହ ଅଧିକ ଔଷଧୀୟ ବୃକ୍ଷରୋପଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପାବଚ୍ଛ ଶ୍ରେଣୀର ବିକଳ୍ପ ବୁଲାଣି ରାସ୍ତାର ଉନ୍ନତି ଏବଂ ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ଦିଗରେ ପ୍ରଶାସନ ଓ ବନବିଭାଗ ଯତ୍ନବାନ ହେବାକୁ ଶ୍ରୀ ରଥ ମତ ଦେଇଥିଲେ । ପୀଠର ମାହାତ୍ମ୍ୟ ଓ ଯୋଗନିଦ୍ରା ଦିବସର ତାତ୍ପର୍ଯ୍ୟ ଉପରେ ସଭାପତି ଶ୍ରୀମଦ୍ ରଘୁନାଥ ବାବା ଆଲୋକପାତ କରିଥିଲେ । ତପୋବନ ପତ୍ରିକାର ସଂପାଦକ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁଲାଡ ଓ ସାକସିଂହା ମହିମାଶ୍ରମର ମହିମା ଭଜନ ଗୋଷ୍ଠୀ ବେଶ୍ ଶ୍ରୁତି ମଧୁର ଭଜନ ପରିବେଷଣ କରିଥିଲେ । ବ୍ରାହ୍ମ ମୁହୂର୍ତ୍ତରୁ ସଂସ୍ଥାପିତ ବ୍ରହ୍ମଧୂନୀ ଆସନ୍ତା ଡିସେମ୍ବର ୧୨ ତାରିଖ ଉଦ୍‌ଯାପନ ଦିବସ ଯାଏଁ ଅହୋରାତ୍ର ଘୃତାହୁତି ମଧ୍ୟରେ ଉଦ୍‌ଜୀବିତ ରହିବ । ଏହି ଉତ୍ସବରେ କରୁଣାକର ବାବା, ଜ୍ଞାନି ବାବା, ରବି ବାବା, କନ୍ଦର୍ପ ବାବା, ସନକ ବାବା, ବିନୋଦ ବାବା, ଭକ୍ତ ପ୍ରେମାନନ୍ଦ ସେଠ, ଅନନ୍ତ ନାୟକ, ବିଶ୍ୱାମିତ୍ର ମେହେର, ଜଗନ୍ନାଥ ସାହୁ ଓ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/87, ତା.18.11.2025ରିଖ

(1) ଟେଣ୍ଡର ସଂ.eTender-EastKUR-292-2025,ତା.11.11.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (II) କଟକ ସେକ୍ସନ ଅନ୍ତର୍ଗତ ବିଭିନ୍ନ ୟାର୍ଡଗୁଡ଼ିକରେ 3.675 କି.ମି. ଲମ୍ବ ନିମନ୍ତେ TRR(S) ଏବଂ 1.60 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 96.27 ଲକ୍ଷ, EMD (ଟଙ୍କାରେ) : 1,92,600/- ।

(2) ଟେଣ୍ଡର ସଂ.eTender-CentKUR-288-2025,ତା.11.11.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(କେନ୍ଦ୍ରୀୟ) ଏବଂ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) ସେକ୍ସନ ଅନ୍ତର୍ଗତ 82 ଗୋଟି କର୍ଭ ସ୍ଥାନଗୁଡ଼ିକରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲ୍ୟୁବ୍ରିକେଟର (1 କି.ମି. ପର୍ଯ୍ୟନ୍ତ ତଳକୁ ନେଇଯିବାର ପ୍ରଭାବ)ର ଯୋଗାଣ ଏବଂ ସଂସ୍ଥାପନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 1277.44 ଲକ୍ଷ, EMD (ଟଙ୍କାରେ) : 7,88,700/- ।

(3) ଟେଣ୍ଡର ସଂ.eTender-NorthKUR-290-2025,ତା.11.11.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଉତ୍ତର) ଏବଂ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅନ୍ତର୍ଗତ 16 ଗୋଟି କର୍ଭ ସ୍ଥାନଗୁଡ଼ିକରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲ୍ୟୁବ୍ରିକେଟର (2 କି.ମି. ପର୍ଯ୍ୟନ୍ତ ତଳକୁ ନେଇଯିବାର ପ୍ରଭାବ)ର ଯୋଗାଣ ଏବଂ ସଂସ୍ଥାପନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 256.04 ଲକ୍ଷ, EMD (ଟଙ୍କାରେ) : 2,78,000/- ।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ.1 ପାଇଁ) ଏବଂ 60 ମାସ (କ୍ରମ ସଂ.2 ଏବଂ 3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-820/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୩ ନଭେମ୍ବର ୨୦୨୫ ● ରବିବାର


## ବ୍ଲାକ ପାଗୋଡ଼ାରେ ବ୍ରାଜିଲ ମୁଖ୍ୟ ବିଚାରପତି



**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ପୂର୍ବାହ୍ନରେ ବ୍ରାଜିଲର ମୁଖ୍ୟ ବିଚାରପତି କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଭ୍ରମଣ କରିଥିବା ଜଣାପଡିଛି। ମୁଖ୍ୟ ବିଚାରପତି ଆଣ୍ଟୋନିଅ ହରମାନ ବୋଞ୍ଜାମିନ କୋଣାର୍କରେ ପହଞ୍ଚିବାରେ ଗାଇଡ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇବା ମନ୍ଦିର ସୂକ୍ଷ୍ମ କଳାକୃତୀକୁ ଦେଖାଇଥିଲେ। କୋଣାର୍କ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ତାଙ୍କର ଏହି ଗ୍ରସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। କୋଣାର୍କ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।

## ରାଆମ ତରଫରୁ ସହିଦ୍ ଲକ୍ଷ୍ମଣ ଜୟନ୍ତୀ



**ରାୟଗଡା:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲା ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ତାଡ଼ାମା ଗ୍ରାମର ଗୌଡ଼ଖିଲମ୍ ଗ୍ରାମରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ଲକ୍ଷ୍ମଣ ନାୟକ ଜୟନ୍ତି ପାଳିତ ହୋଇଯାଇଛି। ଗୁଣୁପୁର ସ୍ଥିତ ଏବିଏସକେପୀ ମହାବିଦ୍ୟାଳୟର ଉପ-ଅଧ୍ୟକ୍ଷ ତଥା ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ)ର ଜିଲ୍ଲା ସଭାପତି ବିଜୟ କୁମାର ମେଲାକାଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଭୂମିଆ ବୀର ସଂଗ୍ରାମୀ ତଥା ମାଲକାନାଗିରି/କୋରାପୁଟ ଗାନ୍ଧୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ପବିତ୍ର ଜୟନ୍ତି ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଆମର ସାଧାରଣ ସମ୍ପାଦକ କାମେଶ୍ୱର ବିଡ଼ିକା, ସାମାଜିକ କର୍ମୀ ମହେଶ୍ୱରରାଓ ବିଡ଼ିକା, ଗୌଡ଼ଖିଲମର ଗାଁ ମୁଖିଆ ଆନନ୍ଦ ମିଣିଆକା, ଗୌଡ଼ଖିଲମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରବି ନାରାୟଣ ରଥ, ଗାଁର ଆଶା କର୍ମୀ ଆମାଜି କାଡ୍ରାକା, ଦୁନ୍ଦା ତାଡ଼ିଙ୍ଗି, ବାଲି ଖର୍ଶଲିବଂଶ, ଦମ୍ବୁରୁଧର କାଡ୍ରାକା ସମେତ ଗୁଣୁପୁରର ସାମାଜିକ କର୍ମୀ ଓ ଶିକ୍ଷାବିତ୍ ପଞ୍ଚାନନ ଚୌଧୁରୀ ସମୂହ ମଞ୍ଚାସୀନ ଥିଲେ। ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜୀବନ, ସଙ୍ଘର୍ଷ ଓ ଉପଲବ୍ଧି ଉପରେ ଶ୍ରୀ ମେଲାକା ଅଭିଭାଷଣ ଦେଇଥିବା ବେଳେ ଗ୍ରାମର ମହିଳା ମଣ୍ଡଳୀ, ଗାଁର ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ଯୋଗ ଦେଇ ସହିଦ୍ ଲକ୍ଷ୍ମଣ ନାୟକଙ୍କ ଇତିହାସ ଶୁଣିଥିଲେ। ପିଲାଙ୍କୁ ମିଷ୍ଟାନ ବଣ୍ଟନ କରିବା ସହିତ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ଆଦିବାସୀ ମହିଳା ସମ୍ମିଳନୀ ଆୟୋଜନ କରି ମହିଳା ସଶକ୍ତିକରଣ ଏବଂ ଅଧିକାର ପାଇଁ ବିପ୍ଲବ କରିବା ପାଇଁ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୧୫ ନଭେମ୍ବର ତାରିଖ ଦିନ ଆଦିବାସୀ ଭଗବାନ ବିର୍ସା ମୁଣ୍ଡା ଜୟନ୍ତି ପାଳନ ହୋଇଥିଲା ବେଳେ ଆଜି ୨୨ ନଭେମ୍ବର ୨୦୨୫ ପୂର୍ବାହ୍ନ ସମୟରେ ସହିଦ୍ ଲକ୍ଷ୍ମଣ ନାୟକ ପାଳନ ହୋଇଯାଇଛି। ସହରରେ ପାଳିବା ଦ୍ୱାରା ପଲ୍ଲୀ ଗାଁର ଲୋକମାନେ ଯୋଗ ଦେଇପାରୁ ନାହାଁନ୍ତି। ତେଣୁ ବଡ଼ବଡ଼ ଗାଁଗୁଡିକରେ ଏହି ଦିବସକୁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ବର୍ଷ ଏହି ଦୁଇଟି କାର୍ଯ୍ୟକ୍ରମକୁ ନିଆରା ଢ଼ଙ୍ଗରେ ପାଳନ କରିବା ସହିତ ସମାଜସେବା, ଗବେଷଣା ଓ ଉନ୍ନୟନ କାର୍ଯ୍ୟ ଦ୍ୱାରା ଆଦିବାସୀଙ୍କ ଉନ୍ନତି ପାଇଁ ୧୩ ଅଗଷ୍ଟ ୨୦୨୩ ମସିହାଠାରୁ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) କାର୍ଯ୍ୟ କରିଆସୁଛି।

## ଭାବ ଭକ୍ତି ସମର୍ପଣର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାବ ଭକ୍ତି ସମର୍ପଣର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ଅଟନ୍ତି ବୋଲି ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ଇଂ ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଓଡିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ମାସିକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଂ ଅମ୍ବର କୁମାର ରାଉତ ବିଭିନ୍ନ ଉଦାହରଣ ମାଧ୍ୟମରେ ଏହା ପ୍ରକାଶ କରିଥିଲେ। ବକ୍ତା ଓ ଆଲୋଚକ ଭାବେ ଇଂ ସୁବାସ ଚନ୍ଦ୍ର ସାହୁ, ପ୍ରହଲ୍ଲାଦ ସାହୁ, ପ୍ରଜା ରଞ୍ଜନ ସାମନ୍ତରାୟ, ଚୈତନ୍ୟ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଭକ୍ତ ଭଗବାନ କିପରି ପରସ୍ପର ପରିପୂରକ ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଡାକ୍ତର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ। ସମିତ କୁମାର ରାଉତ ଭଜନ ଗାନ କରିଥିଲେ। କୈଳାସ ଚନ୍ଦ୍ର ରଥ ନିଜ ବକ୍ତବ୍ୟ ସହ ଧନ୍ୟବାଦ ଅର୍ପଣ କରିବା ପରେ ଶାନ୍ତି ପାଠ ସହ ସଭା ସାଙ୍ଗ କରାଯାଇଥିଲା।

## କେରଳରେ ଶ୍ରମିକଙ୍କ ଆତ୍ମହତ୍ୟା: ଚିନ୍ତାରେ ପରିବାର

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସାତଭାୟା ପଚାଂୟତ ଥଇଥାନସ୍ଥଳୀ ବଗପାଟିଆର ଅନାଦୀ ରଣାଙ୍କ ପୁଅ ଅର୍ଜୁନ ରଣା (୨୫) ଦାଦନ ଶ୍ରମିକ ଭାବେ କାମ କରିବାକୁ କେରଳ ଯାଇଥିଲେ। କେରଳର ଏର୍ଣ୍ଣାକୁଲାମ (ଗ୍ରାମାଂଚଳ) ଜିଲ୍ଲାର ପେରୁମ୍ବାଭୁର ଥାନା ଅନ୍ତର୍ଗତ ଆକ୍ରାପାଡି ଗ୍ରାମରେ ଅର୍ଜୁନ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଦିନ ଅପରାହ୍ନ ୪ଟାରୁ ରାତି ୭ଟା ୪୫ ମଧ୍ୟରେ ସମୟରେ ସେ ଆତ୍ମହତ୍ୟା କରିଥିବା ନେଇ କିଟେକ୍ସ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଶବକୁ ଜବତ କରି ୨୨୫୨/୨୫ରେ ମାମଲା ରୁଜୁ କରିଛି। ଅର୍ଜୁନ ଅନାଦୀଙ୍କର ଏକମାତ୍ର ପୁଅ। ପୁଅର ମୃତ୍ୟୁକୁ ନେଇ ପରିବାର ଚିନ୍ତାରେ ପଡିଛନ୍ତି। ଅପରପକ୍ଷରେ ଅର୍ଜୁନଙ୍କ ନିକଟରୁ ଏକ ହାତଲେଖା ଚିଠି ମିଳିଛି। ଯେଉଁ ଚିଠି ମାଆ ପାଖକୁ ଲେଖାଯାଇଛି। ଯେଉଁଥିରେ ଉଲ୍ଲେଖ ଅଛି, ସେ ଭଦ୍ରକ ଜିଲ୍ଲାର ଏକ ଝିଅକୁ ବର୍ଷେ ହେବ ଭଲ ପାଉଥିଲା। ମାତ୍ର ସେ ଝିଅ ତାକୁ ଧୋକା ଦେବାରୁ ସେ ବାଧ୍ୟ ହୋଇ ଆତ୍ମହତ୍ୟା କରିଥିବା ଦର୍ଶାଇଛି। ଅର୍ଜୁନର ମୃତ୍ୟୁ ଖବର ପାଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କେରଳରୁ ଗାଁକୁ ଶବ ଫେରାଇ ଆଣିବାକୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ସୋଆ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ ପକ୍ଷରୁ ଜାତୀୟ ଫାର୍ମାସୀ ସପ୍ତାହ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍)-୧ ଓ ଇଣ୍ଡିଆନ୍ ଫାର୍ମାସୀ ଗ୍ରାଜୁଏଟ୍ସ୍ ଆସୋସିଏସନ୍ (ଆଇପିଜିଏ)ର ଓଡିଶା ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସୋଆ କ୍ୟାମ୍ପସ-୪ରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ‘ଫାର୍ମାସିଷ୍ଟ ଆଜ୍ ଆଡଭୋକେଟ୍ ଅଫ୍ ଭ୍ୟାକ୍ସିନେସନ’କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇପିଜିଏ ଅନୁଷ୍ଠାନର କର୍ମକର୍ତ୍ତା, ଏସ୍‌ପିଏସ୍‌ର ଫ୍ୟାକଲ୍ଟି ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଡ୍ରଗ୍ସ କଂଟ୍ରୋଲର ଶ୍ରୀମତି ମାମିନା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରି ସ୍ୱାସ୍ଥ୍ୟ ପରିଚାଳନା ଏବଂ ଜୀବନର ପ୍ରତ୍ୟେକ ସ୍ତରରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଧୈର୍ଯ୍ୟ, କଠିନ ପରିଶ୍ରମ, ଦୃଢ ମନୋବଳ ଓ ସକାରାତ୍ମକ ଚିନ୍ତାଧାରାକୁ ନେଇ କାର୍ଯ୍ୟ କଲେ ସଫଳତା ହାସଲ ହେବ ବୋଲି କହିବା ସହ ବର୍ତ୍ତମାନର ଯୁବପିଢ଼ି ନିଶା ଠାରୁ ଦୂରେଇ ରହିବା ନେଇ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀମତି ପଟ୍ଟନାୟକ ଆହ୍ୱାନ ଦେଇଥିଲେ।

ବର୍ତ୍ତମାନ ଓଡିଶାରେ ଫାର୍ମାସୀ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଉନ୍ନତିମୂଳକ ପଦକ୍ଷେପ ନିଆଯାଉଛି, ଯାହା ଆଗାମୀ ପିଢିର ଫାର୍ମାସିଷ୍ଟମାନଙ୍କ ନିମନ୍ତେ ସହାୟକ ହେବ ବୋଲି ସେ କହିଥିଲେ। କୋଭିଡ୍ ସମୟରେ ଜଣେ ଡାକ୍ତର, ନର୍ସ ଓ ପାରାମେଡିକ୍ସଙ୍କ ଦାୟିତ୍ୱ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା ଠିକ୍ ସେହି ମାତ୍ରାରେ ଫାର୍ମାସିଷ୍ଟମାନେ ମଧ୍ୟ ଗୁରୁ ଦାୟିତ୍ୱ ବହନ କରିଥିଲେ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଏସ୍‌ପିଏସ୍ – ୧ର ଡିନ୍ ପ୍ରଫେସର (ଡକ୍ଟର) ଦେବଜ୍ୟୋତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ଏବଂ ଜନସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଚଳିତ ବର୍ଷର ପ୍ରସଙ୍ଗକୁ ନେଇ ସାଧାରଣ ଲୋକମାନଙ୍କୁ କିପରି ସଚେତନ କରାଯାଇପାରିବ ଓ ଭ୍ୟାକ୍ସିନେସନ୍‌କୁ ନେଇ ସେମାନଙ୍କ ମଧ୍ୟରେ ଥିବା ଭୟ ଏବଂ ଭୁଲ ଧାରଣାକୁ କିପରି ଦୂର କରାଯିବ ସେ ବିଷୟରେ ପ୍ରଫେସର (ଡକ୍ଟର) ଦାସ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।

ଏହି ଅବସରରେ ଏସ୍‌ପିଏସ୍‌ର ଉପଦେଷ୍ଟା ପ୍ରଫେସର (ଡକ୍ଟର) ସୁଦାମ ଚରଣ ସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିବାବେଳେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ଫାର୍ମାସିଷ୍ଟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥାଏ ବୋଲି କହିଥିଲେ। ବର୍ତ୍ତମାନ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ମାଧ୍ୟମରେ ରୋବୋଟିକ୍ ଚିକିତ୍ସା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉପଲବ୍ଧ ହୋଇପାରିଛି। ଏହା ଦ୍ୱାରା ଫାର୍ମାସିଷ୍ଟମାନେ ବେଶ ଉପକୃତ ହେବା ସହିତ ବିଭିନ୍ନ ଉନ୍ନତମାନର ପଦ୍ଧତି ବିଷୟରେ ଅବଗତ ହେଲେଣି ବୋଲି ପ୍ରଫେସର (ଡକ୍ଟର) ସି କହିଥିଲେ।

ଏହି ଅବସରରେ ଓଡିଶାର ଡେପୁଟି ଡ୍ରଗସ୍ କଂଟୋଲର ତଥା ଆଇପିଜିଏ ଓଡିଶା ରାଜ୍ୟ ଶାଖାର ସଭାପତି ଡକ୍ଟର ଲଳିତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ କଥା ଚିନ୍ତା କରିବାକୁ ପଡ଼ିବ କାରଣ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଠିକ୍ ଅନୁପାତର ଔଷଧ ହିଁ ରୋଗ ଉପଶମ କରିବାରେ ସହାୟକ ହୋଇଥାଏ। ଏକ ଫାର୍ମାସିଷ୍ଟ ୨୪ ଘଂଟିଆ ଜରୁରୀକାଳୀନ ସେବା ସହିତ ଜଟିଳ ଚିକିତ୍ସା କ୍ଷେତ୍ରରେ ଭୂମିକା ଗ୍ରହଣ କରିଥାଏ।

ସେହିପରି ଓଡିଶାର ଆସିଷ୍ଟାଂଟ ଡ୍ରଗସ୍ କଂଟୋଲର ତଥା ଆଇପିଜିଏ ଇଷ୍ଟର୍ଣ୍ଣ ଜୋନ୍ ଓଡିଶା ରାଜ୍ୟ ଶାଖାର ଯୁଗ୍ମ ସଚିବ ଡକ୍ଟର ସୁଦର୍ଶନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆପିଜିଏର ମୁଖ୍ୟ ଉଦ୍ଦେଶ୍ୟ ତଥା ଏହି ଦିବସର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ରଖିବା ସହ କେବଳ ସ୍ୱାସ୍ଥ୍ୟକ୍ଷେତ୍ର ନୁହେଁ ଏଥି ସହିତ ସମାଜର ହିତସାଧନ ପାଇଁ ଫାର୍ମାସିଷ୍ଟମାନେ ସଦାସର୍ବଦା କାର୍ଯ୍ୟରତ ଥାଆନ୍ତି ବୋଲି କହିଥିଲେ। ଏକ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଫାର୍ମାସିଷ୍ଟମାନଙ୍କୁ ଏକତ୍ରିତ ହେବାକୁ ପଡିବ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଆଇପିଜିଏ (ଓଡିଶା ରାଜ୍ୟ ଶାଖା) ପକ୍ଷରୁ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନିତ ହୋଇଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏସ୍‌ପିଏସ୍‌ର ପ୍ରଫେସର ଗୌତମ ରଥ, ପ୍ରଫେସର ଅମିତ କୁମାର ନାୟକ ଓ ଡଃ ବିନୀତ କୁମାର ରାୟଙ୍କ ସମେତ ଶ୍ରେଷ୍ଠ ଯୁବ ରିସର୍ଚ୍ଚ ସ୍କଲାର ମାନଙ୍କୁ ସମ୍ମାନିତ କରାଯାଇଥିଲା। ଫାର୍ମାସିଷ୍ଟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଂଟ ପ୍ରଫେସର (ଡକ୍ଟର) ମୁନମୁନ୍ ଧର ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ କାଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆସୋସିଏଟ୍ ପ୍ରଫେସର (ଡକ୍ଟର) ଶକ୍ତିକେତନ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।



## ବ୍ରହ୍ମାକୁମାରୀ ରାଜଯୋଗିନୀ ଡା କମଳେଶ ଦିଦିଙ୍କ ପରଲୋକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଯୋଗିନୀ ଡା କମଳେଶ ଦିଦିଜୀ ଆଜି ପୂର୍ବାହ୍ନ ୧୦ଟା ୪୦ ମିନିଟରେ ଦେହତ୍ୟାଗ କରି ଦିବ୍ୟଲୋକକୁ ପ୍ରସ୍ଥାନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ଗତ କିଛି ଦିନ ହେବ ବ୍ରହ୍ମାକୁମାରୀ କମଳେଶ ଦିଦି ବାର୍ଦ୍ଧକ୍ୟଜନିତ



ରୋଗରେ ପୀଡ଼ିତ ଥିଲେ। ତାଙ୍କର ପରଲୋକରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

ଡା କମଳେଶ ଦିଦିଜୀଙ୍କୁ ତାଙ୍କ ଅସାମାନ୍ୟ ଆଧ୍ୟାତ୍ମିକ ସେବା, ସାମାଜିକ ଉନ୍ନତି, ଶାନ୍ତି, ନାରୀ ସଶକ୍ତିକରଣ ଓ ମୂଲ୍ୟଭିତ୍ତିକ ଜୀବନ ପ୍ରଚାର ପାଇଁ ଡକ୍ଟରେଟ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ସରଳତା, ମାଧୁର୍ଯ୍ୟ ଓ ସମର୍ପିତ ସେବା ଓଡ଼ିଶାରେ ଲକ୍ଷାଧିକ ଲୋକଙ୍କୁ ପ୍ରଭାବିତ କରିଛି। ତାଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱ ତଳେ ବ୍ରହ୍ମକୁମାରୀ ପରିବାର ଓଡ଼ିଶାରେ ବିସ୍ତାରିତ ଓ ସୁଦୃଢ଼ ହୋଇଛି। ଅନେକ ଧ୍ୟାନକେନ୍ଦ୍ର ସ୍ଥାପନ ଓ ସାମାଜିକ-ଆଧ୍ୟାତ୍ମିକ ଜାଗୃକତା ସୃଷ୍ଟିରେ ତାଙ୍କ ଅବଦାନ ଅତୁଳନୀୟ। ଡା କମଳେଶ ଦିଦିଙ୍କ ପ୍ରମୁଖ ଅବଦାନଗୁଡ଼ିକ ହେଲା – ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶକୁ ଶକ୍ତିଶାଳୀ କରିବା, ନାରୀମାନଙ୍କୁ ଆତ୍ମବଳ ଓ ସଶକ୍ତିକରଣ ଦେବା, ଯୁବପିଢ଼ିଙ୍କୁ ସଂସ୍କାର ଓ ମୂଲ୍ୟଭିତ୍ତିକ ଜୀବନରେ ପ୍ରେରିତ କରିବା, ଶାନ୍ତି, ପରିବେଶ ସୁରକ୍ଷା ଓ ଆନ୍ତରିକ ଶକ୍ତିବର୍ଦ୍ଧନ ପାଇଁ ବ୍ୟାପକ ସଚେତନତା ପ୍ରସାର କରିବା, ତାଙ୍କ ପବିତ୍ର ଜୀବନ ଓ ନେତୃତ୍ୱ ଓଡ଼ିଶା ପାଇଁ ଅମର ସଂପଦ ହୋଇ ରହିବ ଇତ୍ୟାଦି। ଦିଦିଜୀଙ୍କର ଶେଷକୃତ୍ୟ କଟକର ନିଆଳି ସ୍ଥିତ ବିଶ୍ୱଶାନ୍ତି ସରବରଠାରେ ଆସନ୍ତା ୨୪ ତାରିଖରେ ସଂପନ୍ନ ହେବ ବୋଲି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଓସିପିଏଲ ଓ ଓପିଜିସି ମିଶ୍ରଣ ନିଷ୍ପତ୍ତି ବେଆଇନ: କେନ୍ଦ୍ର ସରକାର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ନିଷ୍ପତ୍ତିକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷ ପ୍ରତ୍ୟାଖାନ କରି ଦେଇଛନ୍ତି। ଫଳରେ ଓଡିଶା ସରକାରଙ୍କ ଯୋଜନା ବିଫଳ ହେବାସହ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡିଶା ସରକାର ୮.୧୦.୨୦୨୫ରେ ନୀତିଗତ ନିଷ୍ପତ୍ତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାପାଇଁ ୧.୧୧.୨୦୨୫ରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କଲେ। ଓସିପିଏଲର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ୨୦.୧୧.୨୦୨୫ରେ ଏକ ପତ୍ର ମାଧ୍ୟମରେ ଓଡିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖାନ କରିଛନ୍ତି। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତିଯେ ମନୋହରପୁର କୋଇଲାଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡିହି ଉତ୍ତର କୋଇଲାଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ସେହିପରି ତୃତୀୟରେ କହିଛନ୍ତିଯେ ଟାଙ୍ଗରଡିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ ଅଟେ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡିଶା ସରକାର

### ଶକ୍ତି ସମୀକ୍ଷକଙ୍କ ସ୍ୱାଗତ

ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ବରଖାସ୍ତ କରିଦେଇଛନ୍ତି।

ତେବେ କଥାଟି ହେଉଛି ଏହିପରି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଗତ ୦୮.୧୦.୨୦୨୫ରେ ଏକ ନୋଟିସ ମାଧ୍ୟମରେ ଶକ୍ତି ବିଭାଗକୁ ସୂଚିତ କରି କହିଥିଲେ ଯେ ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ପାଇଁ ନୀତିଗତ ନିଷ୍ପତି ଗ୍ରହଣ କରିଛନ୍ତି। ଫଳରେ ଓସିପିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ ଆଉ ଆବଶ୍ୟକ ନାହିଁ ବୋଲି ଶକ୍ତି ବିଭାଗକୁ ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତି ବିରୁଦ୍ଧରେ ସେତେବେଳେ ପ୍ରବଳ ସ୍ୱର ଉତ୍ତୋଳନ ହୋଇଥିଲା ଯାହାକୁ ଏହି ଖବରକାଗଜ ୧୧.୧୦.୨୦୨୫ ଓ ୧୨.୧୦.୨୦୨୫ରେ ପ୍ରକାଶ କରିଥିଲା। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ୩ଟି କାରଣ ଦର୍ଶାଇ ରାଜ୍ୟ ସରକାରଙ୍କ ନିଷ୍ପତିକୁ ବିରୋଧ କରିଥିଲେ। ସେ କହିଥିଲେ ଯେ ମିଶ୍ରଣ ନିଷ୍ପତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି ଯେ ମିଶ୍ରଣ ହୋଇଗଲେ ଜିଏସଟି କ୍ଷତିପୂରଣ ସେସ ବାବଦକୁ ଟନପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହିଁ, ଫଳରେ ବିଦ୍ୟୁତ ମୂଲ୍ୟ କମିଯିବ। ଶ୍ରୀ ମହାପାତ୍ର ଏହାକୁ ବିରୋଧ କରି କହିଥିଲେ ଯେ କେନ୍ଦ୍ର ଜିଏସଟି କାଉନସିଲ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସଟି କ୍ଷତିପୂରଣ ସେସ ଟନ ପିଛା ୪୦୦ ଟଙ୍କା ୨୨.୦୯.୨୦୨୫ରୁ ବନ୍ଦ କରିଦେଇଛନ୍ତି। ତେଣୁ ଓପିଜିସିକୁ ଆଉ ୪୦୦ ଟଙ୍କା ସେସ ଦେଉନାହିଁ। ଦ୍ୱିତୀୟରେ କହିଥିଲେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୨୨.୦୮.୨୦୨୫ରେ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲା ଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବ୍ୟାଜ୍ୟାପ୍ତି ହେବାସହ ରାଜ୍ୟର ପ୍ରବଳ ବ୍ୟବସାୟୀକ ଓ ଅର୍ଥନୈତିକ କ୍ଷତି ହେବ। ସେହିପରି ତୃତୀୟ କାରଣ ଦର୍ଶାଇ କହିଥିଲେ ଯେ ଦକ୍ଷତା ବୃଦ୍ଧିପାଇଁ ଏନଟିପିସି ଏକ ନୂତନ କୋଇଲା କମ୍ପାନୀ ଏନଏମଏଲ (ଏନଟିପିସି ମାଇନିଙ୍ଗ ଲିମିଟେଡ) ଗଠନ କରିଥିବାବେଳେ ଓଡିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ। ତେବେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟଙ୍କ ଚିଠି, ବିଚାର ଓ ନିଷ୍ପତି ଉପରେ ଶ୍ରୀ ମହାପାତ୍ର ଖୁସି ବ୍ୟକ୍ତକରି ସ୍ୱାଗତ କରିଛନ୍ତି।

## କେନ୍ଦ୍ର ସରକାରଙ୍କ ଶ୍ରମ୍ କୋଡକୁ ସିଆଇଟିୟୁର ବିରୋଧ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ କଚେରୀ ବଜାରସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ସିଆଇଟିୟୁ ତରଫରୁ କେନ୍ଦ୍ରର ସରକାର୍ ଶ୍ରମିକ ବିରୋଧି ଚାରିଟି ଶ୍ରମ କୋଡ ଗତକାଲି ସାରା ଦେଶରେ ଚାଲୁ କରିବାକୁ ଘୋଷଣା କରିବାରୁ ତାର ପ୍ରତିବାଦ କରି ଆଜି ଶ୍ରମିକ ନେତା ଦିବ୍ୟ ସିଂହ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଆୟୋଜନ କରା ଯାଇଥିଲା। ସଭାରେ ପ୍ରଥମେ ସରକାରୀ ଗେଜେଟକୁ ପୋଡ଼ା ଯାଇଥିଲା। ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ରଶେଖର ନାୟକ, ମହିଳା ନେତ୍ରୀ ସୂରଜିତା ନାୟକ, ବିନୋଦ ସାହୁ, ଗିରିଧାରୀ ନାଥ, ଜେନୁଲ ଅବେଦ୍ଦିନ, ସେକ୍ କମର୍, ସଉରୁଦିନ, ବିପ୍ଲବ ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ ଡବଲ ଇଞ୍ଜିନ ସରକାରଙ୍କ ଶ୍ରମିକମାନଙ୍କୁ ଆଠ ଘଣ୍ଟା ପରିବର୍ତ୍ତେ ଦିନକୁ ଦଶ ଘଣ୍ଟା ଖଟାଇବେ ଓ ଶ୍ରମିମାନଙ୍କ ସାମାଜିକ ସୁରକ୍ଷାକୁ ଲୁଣ୍ଠନ କରି ସେମାନଙ୍କୁ ଦାସ ଭାବେ ଖଟାଇବା ପାଇଁ ଶ୍ରମ କୋଡ ଆଣି ଥିବାରୁ ଏହି କୋଡକୁ ରଦ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି। ସବାକା ସାଥ ସବ କା ବିକାଶ ନାଁରେ ଖାଦ୍ୟ ସୁରକ୍ଷା ଯୋଜନାରେ କୋଟି କୋଟି ଲୋକଙ୍କୁ ବାଦ ଦେଉଛନ୍ତି। ୩ଶହ ୟୁନିଟ ବିଦ୍ୟୁତ୍ ମାଗଣାପ୍ରହସନରେ ପରିଣତ ହୋଇଛି, ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ଉପରେ ଆକ୍ରମଣ କରାଯିବ, ଶିଳ୍ପ ବିବାଦ ଆଇନରେ ଥିବା ମୂଳ ଚାଲ ଅଧିକାର ଉପରେ ଆକ୍ରମଣ, ପେନସନ ବ୍ୟବସ୍ଥା ଉପରେ ଆକ୍ରମଣ କରାଯିବା ଫଳରେ ଶ୍ରମିକ ଶ୍ରେଣୀ ସାମାଜିକ ନ୍ୟାୟ ପାଇବାରୁ ବଞ୍ଚିତ ହେବେ। ତେଣୁ ଶ୍ରମ କୋଡଗୁଡ଼ିକୁ ବାତିଲ କରିବାକୁ ଦାବିକରି ପ୍ରତିବାଦ ସଭା ଆୟୋଜନ କରା ଯାଇଥିଲା। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଶ୍ରମିକ ନେତା ସାଥୀ ପୂର୍ଣ୍ଣଚନ୍ଦ୍ର ଦାସ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ: ସୁଆଙ୍ଗ ଓ ମେଣ୍ଟାଶାଳ ବିଜୟୀ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ସୁଆଙ୍ଗ ଦଳ କାଇପଦରକୁ ୯ ୱିକେଟରେ ପରାସ୍ତ କରିଛି। କାଇପଦର ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଆଙ୍ଗ ପକ୍ଷରୁ ନିର୍ମଳ ମାର୍ଥା ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ନିର୍ମଳ ମାର୍ଥାଙ୍କୁ ସମାଜସେବୀ ଅବନୀକାନ୍ତ ସାମନ୍ତରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍‌ରେ ବିଜୟ ଲାଭ କରି ମେଣ୍ଟାଶାଳ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା ପ୍ରଥମେ ବ୍ୟାଟିଂ କରି



ଭାଳିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୪ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଟାଶାଳ ଦଳ ନିର୍ଦ୍ଧାରିତ ୧୯ ଓଭରରେ ୪ ୱିକେଟ ହରାଇ ୧୯୬ରନ କରି ବିଜୟ ହାସଲ କରି ନେଇଥିଲେ। ଦଳ ପକ୍ଷରୁ ଆଇଏସ ଗିରି ୯୫ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସରୋଜ ବରାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ୨୫ ରବିବାର ପ୍ରଥମ ମ୍ୟାଚ୍ ବାଙ୍କୁଆଳ ବନାମ ଯାଆଁଳା ଏବଂ ଦ୍ୱିତୀୟ ମ୍ୟାଚ କଟକ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

## ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକ ଉତ୍ସବ ବର୍ଷବ୍ୟାପୀ ପାଳନ କରାଯିବ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶା ଗଠନର ପ୍ରକୃତ ବିନ୍ଧାଣୀ ପ୍ରଜ୍ଞାପୁରୁଷ ଡଃ. ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ବର୍ଷବ୍ୟାପୀ ପାଳନ କରାଯିବ। ଏ ନେଇ ଆଜି ଏକ ପ୍ରସ୍ତୁତି କମିଟି ବୈଠକ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବ ପ୍ରଶାସକ ନୀଳମାଧବ ମହାନ୍ତି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀମୟ କର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶତବାର୍ଷିକ କମିଟିର ମୁଖ୍ୟ ସଂଯୋଜକ ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ନିରଞ୍ଜନ ପଟ୍ଟନାୟକ ଜାନକୀ ବଲ୍ଲଭଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ କରାଯାଇଥିବା ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ତାଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଆସନ୍ତା ଜାନୁଆରି ୩, ୨୦୨୬ଠାରୁ ଜାନୁଆରି ୩, ୨୦୨୭ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପୀ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିବାକୁ ଉପସ୍ଥିତ ଅତିଥିମାନଙ୍କୁ ସେ ଅନୁରୋଧ କରିଥିଲେ।

ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ସାଂସଦ ଭୂପିନ୍ଦର ସିଂହ, ଡ. ବିମଳେନ୍ଦୁ ମହାନ୍ତି, ପୂର୍ବତନ ପ୍ରଶାସକ ରବିନାରାୟଣ ସେନାପତି, ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ଜାନକୀବଲ୍ଲଭଙ୍କ ସମସ୍ତ ରଚନାକୁ ଏକ ଗ୍ରନ୍ଥ ଆକାରରେ ପ୍ରକାଶ କରି ଓଡ଼ିଶାର ସମସ୍ତ ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ରଖିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାହିତ୍ୟିକ ଦାଶ ବେନହୁର, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଜେଡି ବିଧାୟକ ଗଣେଶ୍ୱର ବେହେରା, ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ, ସ୍ୱସ୍ତି ଅଧ୍ୟକ୍ଷ ଜେକେ ମହାନ୍ତି ତାଙ୍କ ପ୍ରସ୍ତାବରେ ଜାନକୀଙ୍କ ସମୟରେ ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମ୍‌କୁ ତାଙ୍କ ନାମରେ ନାମିତ କରିବା ସହିତ ଷ୍ଟାଡିୟମ୍ ପରିସରରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ଡିଜି ଅମୀୟ ଭୂଷଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଭାରତର ରାଜଧାନୀ ଦିଲ୍ଲୀଠାରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶରତ ଚନ୍ଦ୍ର ଭଦ୍ର, ପୂର୍ବତନ ବିଚାରପତି ମନୋରଂଜନ ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ସାହିତ୍ୟିକ ଗୌରହରି ଦାସ, ଅସିତ ମହାନ୍ତି, ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ପିଲାଙ୍କ ଜାଣିବା ପାଇଁ ଶହେ ପୃଷ୍ଠାର ଏକ ପୁସ୍ତକ ପ୍ରକାଶ କରି ରାଜ୍ୟର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ରାଜନେତା ପ୍ରସାଦ ହରିଚନ୍ଦନ, ପୂର୍ବତନ ଏଜି ଅଶୋକ ପରିଜା, ଆଡ଼ଭୋକେଟ ଧରଣୀଧର ନାୟକ, ଶକ୍ତି ଦାସ, ବିଜୟ ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଜାନକୀ ବଲ୍ଲଭ ଚେୟାର୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସାମ୍ବାଦିକ ରବି ଦାସ, ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ପ୍ରଦୋଷ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ମହମ୍ମଦ ମୁକିମ୍, ଡ. ଗୋବିନ୍ଦ ଭୂୟାଁ, ପୂର୍ବ ଜିଲ୍ଲା ଜଜ ରତିକାନ୍ତ ମହାପାତ୍ର, ସରୋଜ କାନ୍ତ ସିଂହ, ମହମ୍ମଦ ସକିଲ୍, ଇଂ ପ୍ରଭାକର ସ୍ୱାଇଁ, ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ବାବାଜୀ ପଟ୍ଟନାୟକ, ବିଜୟାନନ୍ଦ ସିଂହ, ଶିଶିର କୁମାର ନାୟକ ପ୍ରମୁଖ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ କର୍ମକ୍ଷେତ୍ର କଟକ ସହରରେ ଉତ୍ସବକୁ ବ୍ୟାପକଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ।




ଅନ୍ୟମାନଙ୍କ ମଧ୍ୟରେ ବନବିହାରୀ ମହାନ୍ତି, ସୀତା ବଲ୍ଲଭ ମହାପାତ୍ର, ପୁଷ୍ପରାଜ ପ୍ରଧାନ, କିଶୋର ଜେନା, ଗିରିବାଳା ବେହେରା,, ବନ୍ଦିତା ପରିଡ଼ା, ଓକିଲ ଶିବାନନ୍ଦ ରାୟ ପ୍ରମୁଖ ଜାନକୀ ବଲ୍ଲଭ ସ୍ମାରକୀ ଫାଉଣ୍ଡେସନ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ଶେଷରେ ପଦ୍ମାକର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ନବଜ୍ୟୋତି ପଟ୍ଟନାୟକ, ସଂଜୟ ପଟ୍ଟନାୟକ, ବିଶ୍ୱଜିତ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ(କନିଷ୍ଠ), ରଜନୀ କୁମାର ମହାନ୍ତି, ସାମ୍ବାଦିକ ରାଜେଶ ନାୟକ, ଆଲୋକ ମହାନ୍ତି, ସୁବ୍ରତ ମହାପାତ୍ର, ଦୀପକ ମହାପାତ୍ର, ଯୋଗୀନାଥ ବାହୁବଳେନ୍ଦ୍ର, ଅଜୟ ମହାପାତ୍ର, ମିହିର ଆଚାର୍ଯ୍ୟ, ଅଜୟ ସାମଲ, ବରୁନ ରାଜ ପ୍ରମୁଖ ପରିଚାଳନା କରିଥିଲେ।

## ଅସ୍ତରଙ୍ଗରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ କୋରଣା ପଂଚାୟତର ଜନତା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ଆରତୀ ନାଏକ, ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା କମଳା ରାଉତ, ସରପଞ୍ଚ ମଧୁସ୍ମିତା କାଣ୍ଡି ଓ ଅନ୍ୟ ଅଧିକାରୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ନେଇ ଆସିଥିବାରୁ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥ ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇ ପ୍ରକଳ୍ପରେ ଭାଗନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଅଗ୍ରଗତି ସମ୍ପର୍କରେ ଦିଗଦର୍ଶନ ଦେଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବ୍ଲକରୁ ମୋଟ ୧୨୦ଟି ବିଦ୍ୟାଳୟର ପ୍ରକଳ୍ପ ଭାଗନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ ପ୍ରକଳ୍ପ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲେ। ଆଜିର ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ଶିକ୍ଷାଧିକାରୀ ଭବମ୍ ପ୍ରଧାନ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପରିଡା, ମଣ୍ଡଳ ସହ ସହଶିକ୍ଷା ଅଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ଜିଲ୍ଲା ପଞ୍ଚସଖା ଶିକ୍ଷା ସେତୁ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଓ ବିଜ୍ଞାନ ପର୍ଯ୍ୟବେକ୍ଷକ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକୁମାର ଆଚାର୍ଯ୍ୟ, ସାଙ୍ଗଠନିକ ସମ୍ପାଦକ ବ୍ଲକ୍ ବିଜ୍ଞାନ କମିଟି ତଥା ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପରିଡା ଯୋଗଦେଇଥିବା ବେଳେ ତରୁଣ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

## ବଲ୍ଲଭଭାଇଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା

**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଦେବଗଡ଼ ଜିଲ୍ଲାର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଭାରତର ଏକତାର ପ୍ରତୀକ, ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ଭବ୍ୟ “ଏକତା ପଦଯାତ୍ରା” ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାଟି ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ମୁଖ୍ୟ ଅତିଥି ମନ୍ତ୍ରୀ ରବି ନାରାୟଣ ନାୟକ ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପଦଯାତ୍ରାରେ ସାମିଲ ହୋଇଥିବା ଜନ ସାଧାରଣଙ୍କୁ ଶପଥ ପାଠ କରାଇ ଏକତା ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଏକତା ପଦଯାତ୍ରାର ସ୍ଥାନୀୟ ଜନସାଧାରଣ, ସାମ୍ବାଦିକ, ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ପୋଲିସ ବିଭାଗ, କ୍ରୀଡାବିତ୍, ମାରୁଆଡି ଯୁବ ମଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ବିଭିନ୍ନ ସଂଗଠନ ଦଳ ପ୍ରଚୁର ଉତ୍ସାହ ସହ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ପୂର୍ବତନ ବିଧାୟକ ସୁବାଷ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇଥିଲେ। ପରେ ପରେ ପୂର୍ବରୁ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଜଣା ଅଜଣା, ପୋଷ୍ଟର, ସ୍ଲୋଗାନ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ସହ ମୁଖ୍ୟ ଅତିଥି ଓ ବରୋଣ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 23rd November, 2025 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଭୁଲ ଧାରଣା

ହେଲ୍‌ଥ ଟନିକ୍



ଜଣେ ଯୁବତୀ ବାବାଙ୍କ ଆଶ୍ରମକୁ ଯାଇ ବାବାଙ୍କୁ କହିଲା- ବାବା, ଥରେ ଆପଣ ପ୍ରବଚନ ଦେଲା ବେଳେ କହିଥିଲେ- ଅହଂକାର ପ୍ରଦର୍ଶନ ପାପ। ତେଣୁ ମନରେ କେବେ ବି ଅହଂକାର ଭାବ ଆଣିବନି। କିନ୍ତୁ ମୁଁ ଯେତେବେଳେ ଦର୍ପଣ ସାମ୍ନାରେ ଠିଆ ହୋଇ ନିଜକୁ ଦେଖେ ସେତେବେଳେ ମୋ ମନରେ ଅହଂକାର ଜାଗ୍ରତ ହୁଏ। ମୁଁ ଏତେ ସୁନ୍ଦର ଦେଖିବାକୁ ! ବାବା, ଏମିତି ଭାବିବା କ'ଣ ପାପ ?

ବାବା ଯୁବତୀର କଥା ଶୁଣି କହିଲେ- ବାଳିକେ, ଏହା ଆଦୌ ପାପ ନୁହେଁ। କାରଣ ଏହା ତୁମର ଏକ ଭୁଲ ଧାରଣା। ଭୁଲ ଧାରଣା ଆଦୌ ପାପ ନୁହେଁ।

# ଦ୍ୱିତୀୟ ଟେଷ୍ଟ: ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

**ଗୌହାଟୀ,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଠାରୁ ଆରମ୍ଭ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ। ସେହିପରି ଟେଷ୍ଟ ଇତିହାସରେ କେବେ ଦେଖା ଯାଇ ନଥିବା ଘଟଣା ମଧ୍ୟ ଗୌହାଟୀରେ ଦେଖାଯାଇଛି। ଟେଷ୍ଟ ଇତିହାସରେ ପ୍ରଥମଥର ପାଇଁ କୌଣସି ଦଳର ଟପ୍ ୪ ବ୍ୟାଟର ୩୫ କିମ୍ବା ତା' ଠାରୁ ଅଧିକ ରନ କରିଥିଲେ ହେଁ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି।

ଦକ୍ଷିଣ ଆଫ୍ରିକାର ଟପ ୪ ବ୍ୟାଟର ଏଡେନ ମାର୍କରମ ୩୮ ରନ, ରିୟାନ ରିକେଲଟନ ୩୫ ରନ, ଟ୍ରିଷ୍ଟାନ ଷ୍ଟବ୍ସ ୪୯ ରନ ଓ ଅଧିନାୟକ ତେମ୍ବା ବଭୁମା ୪୧ ରନ କରିଛନ୍ତି। ହେଲେ ଅର୍ଦ୍ଧଶତକ ହାସଲ କରିବା ପୂର୍ବରୁ ସମସ୍ତେ ପ୍ୟାଭିଲିୟନ ଫେରି ଯାଇଛନ୍ତି। ଗୁହାଟୀରେ ଖେଳା ଯାଉଥିବା ଏହି ଟେଷ୍ଟର ପ୍ରଥମ ଦିନରେ ଦୁଇ ଦଳ ମଧ୍ୟରେ ଦେଖିବାକୁ ମିଳିଛି କଡା ଟକ୍କର। ପ୍ରଥମ କିଛି ଘଣ୍ଟା ଦକ୍ଷିଣ ଆଫ୍ରିକା ନାଁରେ ରହିଥିବା ବେଳେ ପରେ ଭାରତ କମବ୍ୟାକ କରିଥିଲା। ଏହାପରେ ପୁଣି କିଛି ଘଣ୍ଟା ଦକ୍ଷିଣ ଆଫ୍ରିକା ବ୍ୟାଟର ନିଜର ଦବଦବା ଦେଖାଇଥିଲେ। ଶେଷ ଆଡକୁ ଭାରତୀୟ ବୋଲର କମାଲ କରିବା ସହ ୪ ୱିକେଟ ଦଖଲ କରିଥିଲେ।

ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୬ ୱିକେଟ ହରାଇ ୨୪୭ ରନ କରି ନେଇଛି। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଖାତାକୁ ମଧ୍ୟ ଗୋଟିଏ ସଫଳତା ଯାଇଛି।

ଭାରତୀୟ ବୋଲର ଆଜି ୮୧.୫ ଓଭର ବୋଲିଂ କରିଛନ୍ତି। ଖରାପ ଆଲୁଅ ଯୋଗୁ ପ୍ରଥମ ଦିନର ଖେଳକୁ ଅମ୍ପାୟାର ଆଗୁଆ ଶେଷ କରି ଦେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରାନ ମୁଥୁସାମୀ ୨୫ ଓ କାୟେଲ ଭେରେୟନ୍‌ନେ ୧ ରନ କରି ଅପରାଜିତ ରହିଛନ୍ତି।

ନିୟମିତ ଅଧିନାୟକ ଶୁବମନ ଗିଲଙ୍କ ବିନା ଗୌହାଟୀରେ ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଭାରତ ଟସ୍ ହାରି ଯାଇଥିଲା। ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଟସ୍ ଜିତି ଋଷଭ ପନ୍ତଙ୍କ ଦଳକୁ ପ୍ରଥମେ ବୋଲିଂ କରିବାକୁ କହିଥିଲେ। ଏହାକୁ ଠିକ ସାବ୍ୟସ୍ତ କରି ଦଳର ଦୁଇ ଓପନର ଏଡେନ ମାର୍କରମ ଓ ରିୟାନ ରିକେଲଟନ ଦମଦାର ବ୍ୟାଟିଂ କରିଥିଲେ।



ଉଭୟ ୨୭ତମ ଓଭର ଯାଏ ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୮୨ ରନରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ଏହି ସମୟରେ ଯଶପ୍ରୀତ ବୁମ୍ରା ୩୮ ରନ କରିଥିବା ମାର୍କରମଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଝଟକା ଦେଇଥିଲେ।

ଏହାପରେ ଚା' ପାନ ବିରତି ହୋଇଥିଲା। ଉତ୍ତରପୂର୍ବ ଭାରତରେ ଆଗୁଆ ସୂର୍ଯ୍ୟୋଦୟ କାରଣରୁ ଏହି ଟେଷ୍ଟ ମ୍ୟାଚ୍ ପାରମ୍ପରିକ ସମୟଠାରୁ ଭିନ୍ନ ଢଙ୍ଗରେ ଖେଳା ଯାଉଛି। ପ୍ରତ୍ୟେକ ଦିନ ଖେଳ ଅଧଘଣ୍ଟା ଆଗରୁ ଆରମ୍ଭ ହେବ। ଅର୍ଥାତ ଆଜି ସକାଳ ସକାଳ ୯ରୁ ମ୍ୟାଚ୍ ଆରମ୍ଭ ହୋଇଥିଲା। ଦିନ ୧୧ଟା ଯାଏ ପ୍ରଥମ ଅଧିବେଶନ ଚାଲିଥିଲା। ଏହାପରେ ପାରମ୍ପରିକ ଢଙ୍ଗରେ ମଧ୍ୟାହ୍ନ ଭୋଜନ ବିରତି ବଦଳରେ ୨୦ ମିନିଟ ପାଇଁ ଚା'ପାନ ବ୍ରେକ ହୋଇଥିଲା। ଦ୍ୱିତୀୟ ଅଧିବେଶନର ଖେଳ ୧୧.୨୦ ମିନିଟ୍‌ରୁ ୧.୨୦ ମିନିଟ ଯାଏ ଚାଲିଥିଲା। ମଧ୍ୟାହ୍ନ ଭୋଜନ ବ୍ରେକ ଅପରାହ୍ଣ ୧.୨୦ରୁ ୨.୦୦ ପର୍ଯ୍ୟନ୍ତ ହୋଇଥିଲା।

ଚା' ପାନ ବ୍ରେକରୁ ଫେରିବା ପରେ କୁଲଦୀପ ଯାଦବ ୩୫ ରନ କରିଥିବା ରିକେଲଟନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଏତିକି ବେଳେ ଷ୍ଟବ୍ସ ଓ ବଭୁମା ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଉଭୟ ଧୀମା ଗତିରେ ରନ ସଂଗ୍ରହ କରିଥିଲେ ହେଁ ୱିକେଟ ଖସିବାକୁ ଦେଇ ନଥିଲେ। ଅଧିନାୟକ ପନ୍ତ ବାରମ୍ବାର ବୋଲିଂରେ ପରିବର୍ତ୍ତନ କରିଥିଲେ ହେଁ କିଛି ବି କାମ ଦେଇ ନଥିଲା। ଉଭୟ ଦଳୀୟ ସ୍କୋରକୁ ୮୨ରୁ ନେଇ ୧୬୬ ରନରେ ପହଞ୍ଚାଇ ଦେଇଥିଲେ।

ଏତିକି ବେଳେ ଘଟିଥିଲା ବିପର୍ଯ୍ୟୟ। ଅଭିଜ୍ଞ ରବୀନ୍ଦ୍ର ଜାଡେଜା ପ୍ରଥମେ ସେଟ ବଭୁମା(୪୧)ଙ୍କୁ ଯଶସ୍ୱୀ ଜୈସୱାଲଙ୍କ ହାତରେ କ୍ୟାଚ ଆଉଟ କରିଥିଲେ। ଏହାପରେ କୁଲଦୀପ ଯାଦବ ପ୍ରଥମେ ଷ୍ଟବ୍ସ ଓ ପରେ ୧୩ ରନ କରିଥିବା ୱିଆନ ମୁଲଡେରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ଦକ୍ଷିଣ ଆଫ୍ରିକା ୨୦୧ ରନରେ ୫ ୱିକେଟ ହରାଇଥିଲା।

୬ଷ୍ଠ ୱିକେଟ ପାଇଁ ଟୋନୀ ଡେ ଜୋର୍ଜୀ ଓ ମୁଥୁସାମୀ ୪୫ ରନ ଯୋଡିଥିଲେ। ଇତି ମଧ୍ୟରେ ଭାରତ ନୂଆ ବଲ ମଧ୍ୟ ୮୦.୨ ଓଭର ପରେ ନେଇଯାଇଥିଲା। ନୂଆ ବଲରେ କମାଲ କରିଥିଲେ ମହମ୍ମଦ ସିରାଜ। ବେଶ ସତର୍କତାର ସହ ଖେଳୁଥିବା ଜୋର୍ଜୀଙ୍କୁ ସେ ୮୨ତମ ଓଭରରେ ପ୍ୟାଭିଲିୟନ ପଠାଇ ଦେଇଥିଲେ। ସେ ଆଉଟ ହେବାର ଆଉ ୪ଟି ବଲ ପରେ ଦିନର ଖେଳକୁ ଖରାପ ଆଲୁଅ ପାଇଁ ଅମ୍ପାୟାର ବନ୍ଦ କରି ଦେଇଥିଲେ। ତେଣୁ ଭଲ ଲୟରେ ଥିବା ଜୋର୍ଜୀ ୨୮ ରନ କରି ନିରାଶ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ପ୍ରଥମ ଦିନରେ ୬ ୱିକେଟ ହରାଇ ୨୪୭ ରନ କରିଥିବା ଦକ୍ଷିଣ ଆଫ୍ରିକା ଆସନ୍ତାକାଲି ଏହାକୁ ବଡ ସ୍କୋରରେ ପରିଣତ କରିବା ଲକ୍ଷ୍ୟରେ ରହିବ। ସେହିପରି ଭାରତ ଯଥାଶୀଘ୍ର ଦକ୍ଷିଣ ଆଫ୍ରିକା ଇନଂସରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଚେଷ୍ଟା କରିବ।

# ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓଦମନ ସରିବ



**ଫୁଲବାଣୀ,୨୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନକ୍ସଲ ମୂଳପୋଛ ନେଇ ଓଡିଶା ପୁଲିସର ବଡ ପଦକ୍ଷେପ। କନ୍ଧମାଳରେ ପୁଲିସ ମହାନିର୍ଦ୍ଦେଶକ ବଡ ସମୀକ୍ଷା କରି କହିଛନ୍ତି ଯେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓଦମନ ଶେଷ ହେବ। ମାଓବାଦୀ ମୂଳପୋଛ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶ ରହିଛି।

ଡିଜିପି କହିଛନ୍ତି ଯେ ଅସ୍ତ୍ର ଛାଡି ମୁଖ୍ୟ ରାସ୍ତାରେ ସାମିଲ ହେବାକୁ ରାଜ୍ୟ ସରକାରଙ୍କ ଆହ୍ୱାନ ରହିଛି। ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ସ୍ୱତନ୍ତ୍ର ପଲିସି କରାଯାଇଛି। ଯିଏବି ଆତ୍ମ ସମର୍ପଣ କରିବାକୁ ଚାହୁଁଛନ୍ତି ଆଗକୁ ଆସନ୍ତୁ ପଲିସି ଅନୁସାରେ ସୁବିଧା ପାଇବେ। ଗତବର୍ଷ ରାଜ୍ୟର ୫ଟି ଜିଲାରେ ଗଞ୍ଜେଇ ଚାଷ ନଷ୍ଟ କରିବାରେ ସଫଳତା ମିଳିଥିଲା। ବୌଦ୍ଧ, କନ୍ଧମାଳ, ରାୟଗଡା, ମାଲକାନଗିରି, କୋରାପୁଟରେ ସଫଳ ହୋଇଛୁ। ଚଳିତ ବର୍ଷ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ଡିଜିପି କହିଛନ୍ତି। ଫୁଲବାଣୀ ଜିଲା ମୁଖ୍ୟାଳୟରେ ସମୀକ୍ଷା ବୈଠକରେ ଏଡିଜି ଅପରେସନ ସଞ୍ଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂହ, ଦକ୍ଷିଣାଞ୍ଚଳ ଆଇଜି ଓ କନ୍ଧମାଳ ଏସପି ଉପସ୍ଥିତ ରହିଥିଲେ।

# ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେବେ ?

**ଭୁବନେଶ୍ୱର,୨୨।୧୧: ତଥ୍ୟ**

ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି କେଲେଙ୍କାରୀ ଘେନି ଗୋଟିଏ ପଟେ ସିବିଆଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଅନ୍ୟପଟେ ରାଜ୍ୟ ସରକାର ପୁଲିସ ସମେତ ଅନ୍ୟ ୟୁନିଫର୍ମ ସେବା ଲାଗି ସ୍ୱତନ୍ତ୍ର ସିଲେକ୍ସନ୍ କମିଶନ ଗଠନ କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଏହି ପରୀକ୍ଷା କେବେ ହେବ ସେଥିଘେନି ବର୍ଷବର୍ଷ ଧରି ପ୍ରସ୍ତୁତି କରିଥିବା ପ୍ରାର୍ଥୀମାନେ ଉଦ୍‌ବେଗର ସହ ଅପେକ୍ଷା କରିଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ପୂର୍ବରୁ ଷ୍ଟାଫ୍ ସିଲେକ୍ସନ କମିଶନ ମାଧ୍ୟମରେ ପୁଲିସ ଏସ୍‌ଆଇ ନିଯୁକ୍ତି ଲାଗି ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଉଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଷ୍ଟାଫ ସିଲେକ୍ସନ କମିଶନଙ୍କ ଠାରୁ ଏହି ଦାୟିତ୍ୱ କାଢ଼ି ଆଣି ନବଗଠିତ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଉପରେ ଦାୟିତ୍ୱ ଦେଇଥିଲେ। ପୁଲିସ ନିଯୁକ୍ତି ବୋର୍ଡ ଏଥିଲାଗି ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ବିଜ୍ଞାପନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରିଥିଲେ। ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ବୋର୍ଡ ଅନ୍ୟ ସଂସ୍ଥାଙ୍କ ହାତରେ ଟେକି ଦେଇଥିଲା। ଯେଉଁ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଥିଲା ସେହି ସଂସ୍ଥା ମଧ୍ୟ ସବ୍ କଣ୍ଟ୍ରାକ୍ଟ ଭଳି ଅନ୍ୟ ଘରୋଇ ସଂସ୍ଥାକୁ ଅନଧିକୃତ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲା।



ଏହି ଭିତ୍ତିଭୂମିରେ ପୁଲିସ ଏସ୍‌ଆଇ ନିଯୁକ୍ତିରେ କେଲେଙ୍କାରୀ ଘେନି ଗୁରୁତର ଅଭିଯୋଗ ଆସିବା ପରେ ଆନ୍ଧ୍ର ନିଆଯାଉଥିବା କିଛି ପ୍ରାର୍ଥୀଙ୍କୁ ପୁଲିସ ଗିରଫ କରିଥିଲା। ଏହାଛଡ଼ା ବିଭିନ୍ନ ସଂସ୍ଥା ଓ କୋଚିଙ୍ଗ ସେଣ୍ଟର ଉପରେ ମଧ୍ୟ ଚଢ଼ଉ କରି ଆଉ କେତେଜଣଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ ଗିରଫ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଅଧିକାଂଶ ଜାମିନ ପାଇସାରିଛନ୍ତି।

ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ଦାୟିତ୍ୱ ପ୍ରଥମେ କ୍ରାଇମବ୍ରାଞ୍ଚକୁ ଓ ପରେ ସିବିଆଇକୁ ହସ୍ତାନ୍ତର କରିଥିଲେ। ଏହି ମାମଲା ବ୍ରହ୍ମପୁର କୋର୍ଟରେ ଚାଲିଥିବାବେଳେ ତାହାକୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ପଠାଇବା ପାଇଁ ଇତିମଧ୍ୟରେ ସିବିଆଇ ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯାଇଛି।

ରାଜ୍ୟ ସରକାର ଗତ ୨୧ ତାରିଖ କ୍ୟାବିନେଟ୍‌ରେ ପୁଲିସ ନିଯୁକ୍ତି ପାଇଁ ନୂଆ ଆୟୋଗ ଗଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହୋଇପାରିବ ବୋଲି କୁହାଯାଉଛି। କ୍ୟାବିନେଟ୍ ନିଷ୍ପତ୍ତି ମୁତାବକ ରାଜ୍ୟ ସରକାର ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ୍ ସିଲେକ୍ସନ୍ କମିଶନ ଗଠନ କରିବେ। ପୁଲିସ ଏସ୍‌ଆଇ ସହିତ ଅଗ୍ନିଶମ, ଅବକାରୀ, ଜେଲ୍, ବନ ବିଭାଗ, ପରିବହନ ବିଭାଗ ଆଦିର ୟୁନିଫର୍ମଡ୍ ସେବା ପାଇଁ ଆବଶ୍ୟକ ହେଉଥିବା କର୍ମଚାରୀଙ୍କୁ ଏହି ଆୟୋଗ ଚୟନ କରିବ।

ପୂର୍ବ ବିଜ୍ଞାପନ ଅନୁଯାୟୀ ଯେଉଁମାନେ ସବ୍ ଇନ୍ସପେକ୍ଟର ଚାକିରି ଲାଗି ଆବେଦନ କରିଥିଲେ ଇତିମଧ୍ୟରେ ସେମାନଙ୍କ ଭିତରୁ କେତେକଙ୍କର ବୟସ ଅତିକ୍ରମ କରିବାକୁ ଯାଉଛି। ଏହାଛଡ଼ା ଖାଲି ପଡିଥିବା ପୁଲିସ ଏସ୍‌ଆଇ ପଦବୀ ସଂଖ୍ୟା ମଧ୍ୟ ଇତିମଧ୍ୟରେ ଢେର ବଢ଼ିଛି। ତେଣୁ ପୁରୁଣା ବିଜ୍ଞାପନ ଆଧାରରେ ଆବେଦନ କରିଥିବା ପ୍ରାର୍ଥୀମାନଙ୍କୁ ନେଇ ଚୟନ ପ୍ରକ୍ରିୟା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ କରିବ କି ନିଷ୍ପତ୍ତି ନିଆଯାଇଥିବା ନୂଆ କମିଶନ କରିବ ସେଥିଘେନି ଦ୍ୱନ୍ଦ୍ୱ ଉପୁଜିଛି। ଏଣେ ପର୍ଯ୍ୟାପ୍ତ ସଂଖ୍ୟକ ସବ୍ ଇନ୍ସପେକ୍ଟର ନଥିବାରୁ ଥାନା, ଫାଣ୍ଡିରେ ଚାପ ବଢୁଛି।

ଏ ପରିପ୍ରେକ୍ଷୀରେ ସିବିଆଇ ତତ୍ତ୍ୱାବଧାନରେ ପୂର୍ବ ବିଜ୍ଞପ୍ତି ମୁତାବକ ତୁରନ୍ତ ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ କୌଣସି ବେସରକାରୀ ସଂସ୍ଥା କିମ୍ବା ତୃତୀୟପକ୍ଷଙ୍କୁ ସାମିଲ ନକରି ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ବହୁ ପ୍ରାର୍ଥୀ ନିବେଦନ କରୁଛନ୍ତି। କେବଳ ସେତିକି ନୁହେଁ, ସମସ୍ତ ସରକାରୀ ନିଯୁକ୍ତି ଓ ପରୀକ୍ଷାରେ ଦୁର୍ନୀତି ଏଡ଼ାଇବା ପାଇଁ ବେସରକାରୀ ସଂସ୍ଥାମାନଙ୍କୁ ବାଦ୍ ଦେବାକୁ ବୁଦ୍ଧିଜୀବୀମାନେ ମଧ୍ୟ ମତ ପୋଷଣ କରୁଛନ୍ତି। ତେବେ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ସରକାରୀଙ୍କ ଉପରେ ନିର୍ଭର କରେ।

# ନୂଆପଡା ଉପନିର୍ବାଚନ ବିଫଳତାର ତର୍ଜମା

**ଭୁବନେଶ୍ୱର,୨୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନରେ ଶୋଚନୀୟ ପରାଜୟ ପରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଛି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବୈଠକ ବସିଛି। ଏହି ସମୟରେ ଉପନିର୍ବାଚନରେ ବିଫଳତା ଉପରେ ଦଳ ତର୍ଜମା କରାଯାଇଛି। ବୈଠକରେ ସଂତୃପ୍ତ ମିଶ୍ର, ଟୁକୁନି ସାହୁ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସୁଦାମ ମାରାଣ୍ଡି, ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ। ନୂଆପଡ଼ା ଉପନିର୍ବାଚନ ଫଳାଫଳ ସମେତ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଆଜିର ବୈଠକରେ ଆଲୋଚନା ହୋଇଛି।



ବୈଠକ ପରେ ପ୍ରମିଳା ମଲ୍ଲିକ ସାମ୍ବାଦିକ ସହ ଆଲୋଚନା ବେଳେ ବିଜେପି ସରକାର ଉପରେ ବର୍ଷିଛନ୍ତି। ୬୩ଟି ବୁଥରେ ବିଜେଡ଼ି ଭୋଟକୁ ବିଜେପି ଜବରଦସ୍ତି ନେଇଛନ୍ତି। ଆମକୁ ଭୋଟର ଭୋଟ ଦେଲା ପରେ ସେ ଭୋଟ କୁଆଡେ ଗଲା। ତାକୁ ଦଳ ଅନୁଧ୍ୟାନ କରାଯିବ। ନବୀନ ବାବୁ ଆଜି ପିଏସି ସଦସ୍ୟଙ୍କ ସହିତ ସେ ନେଇ ଆଲୋଚନା କରିଛନ୍ତି। ତର୍ଜମା ପରେ ନିର୍ବାଚନ ଆୟୋଗଙ୍କ ପାଖକୁ ଯିବୁ। ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ବୁଥ୍ ୱାରି ତର୍ଜମା କରାଯିବ ବୋଲି ପ୍ରମିଳା କହିଛନ୍ତି।

ସୂଚନାଯୋଗ୍ୟ, ନୂଆପଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ଜିତିଛନ୍ତି। ୨୪ ବର୍ଷ ଧରି କ୍ଷମତାସୀନ ଥିବା ବିଜେଡି ଏହି ନିର୍ବାଚନରେ ତୃତୀୟ ସ୍ଥାନକୁ ଖସି ଆସିଛି। ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ୩୮ ହଜାର ୪୦୮ ଖଣ୍ଡ ଭୋଟ୍ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଖାତାକୁ ୪୦ ହଜାର ୧୨୧ ଭୋଟ୍ ଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ବଢ଼ିବ ଧାନ...

ଖାଇଥାନ୍ତି। ଏଥିପାଇଁ ଏଫ୍‌ସିଆଇ ଓଡିଶାରୁ ବଳକା ଉଷୁନା ଚାଉଳକୁ ଉଠାଉନାହିଁ। ତେବେ ଉଷୁନା ଚାଉଳ ବଦଳରେ ଅରୁଆ ଚାଉଳ ଉତ୍ପାଦନ ପାଇଁ ଏଫସିଆଇ ଦୀର୍ଘଦିନ ଧରି ଓଡିଶାକୁ କହି ଆସୁଥିବାବେଳେ କୌଣସି କାରଣରୁ ସରକାର ଏ ନେଇ ମିଲରମାନଙ୍କୁ ନିର୍ଦ୍ଦେଶ ଦେଉନାହାନ୍ତି ।

ରାଜ୍ୟ ସରକାର ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଧାନ ଦର କୁଇଣ୍ଟାଲ ପିଛା ୮୦୦ ଟଙ୍କା ବଢାଇ ତାହାକୁ ୩୧୦୦ ଟଙ୍କା କରିବାପରେ ଏବେ ଚାଷୀମାନେ ଅଧିକରୁ ଅଧିକ ପରିମାଣରେ ଧାନ ଚାଷ କରୁଛନ୍ତି। ତେଣୁ ଚଳିତ ଖରିଫ ଋତୁରେ ପୂର୍ବାପେକ୍ଷା ଢେର ଅଧିକ ପରିମାଣରେ ଧାନ ସଂଗ୍ରହ ହେବାନେଇ ଆକଳନ କରାଯାଉଛି । ସେହି ଅନୁଯାୟୀ ଉଷୁନାଚାଉଳ ପରିମାଣ ମଧ୍ୟ ବଢିବ । ଏହି ବିପୁଳ ପରିମାଣର ଚାଉଳକୁ କ'ଣ କରାଯିବ ତାହାକୁ ନେଇ ଏବେଠାରୁ ଚିନ୍ତା ବଢିଲାଣି ।

ଅନ୍ୟପକ୍ଷରେ ଓଡିଶାରେ ବର୍ଷକୁ ହାରାହାରି ୭୫ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକ ଥିବାବେଳେ ଖାଉଟିମାନଙ୍କୁ ସାଧାରଣ ବଣ୍ଟନ ଯୋଜନାରେ ପ୍ରାୟ ସାଢେ ୪ଲକ୍ଷ କୁଇଣ୍ଟାଲ ଅରୁଆ ଚାଉଳ ଯୋଗାଇ ଦିଆଯାଉଛି । ଏହାବାଦ୍ ଓଡିଶାର ଖାଉଟିଙ୍କ ଚାହିଦା ମେଣ୍ଟାଇବାପାଇଁ ଅନ୍ୟ ରାଜ୍ୟ ବିଶେଷକରି ଆନ୍ଧ୍ରପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଆଦିରୁ ଦୈନିକ ଶହ ଶହ ଟ୍ରକ ସରୁ ଅରୁଆ ଚାଉଳ ଓଡିଶାକୁ ଆସୁଛି । ଚାହିଦା ମୁତାବକ ଅରୁଆ ଚାଉଳ ଉତ୍ପାଦନ ରାଜ୍ୟ ଭିତରେ ହୋଇପାରିଲେ ଅନେକ ପରିମାଣରେ ଚାଉଳ ସମସ୍ୟା ସମାଧାନ ହେବା ସହିତ ରାଜ୍ୟର ଖାଉଟିମାନଙ୍କ ପଇସା ରହିଯାଆନ୍ତା । ତେବେ ଏ ଦିଗରେ କୃଷି ବିଭାଗ ସମେତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି ।

### ଜନସଂଖ୍ୟାକୁ ବଳିଗଲା...

ତୁଳନା କରାଯାଏ ତେବେ ଡ୍ରାଫ୍ଟ ଭୋଟର ତାଲିକାରେ ପୁରୁଷ ଏବଂ ମହିଳା ଭୋଟରଙ୍କ ସଂଖ୍ୟାରେ ଥିବା ତାଳମେଳ ମଧ୍ୟ ଆଶ୍ଚର୍ଯ୍ୟଜନକ। ଏହା ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ପୌର ନିଗମ ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ୩୮ ୱାର୍ଡ ମଧ୍ୟରୁ ୩୦ ୱାର୍ଡରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। କେବଳ ୮ ୱାର୍ଡରେ ପୁରୁଷ ଭୋଟରଙ୍କ ସଂଖ୍ୟା ମହିଳା ଭୋଟରଙ୍କ ସଂଖ୍ୟା ଅପେକ୍ଷା ଅଧିକ ରହିଛି।

କିଛି ରାଜନୈତିକ ଦଳର କର୍ମୀଙ୍କ ମତରେ, ଯଦି ଡ୍ରାଫ୍ଟ ଭୋଟର ତାଲିକା ଆଧାରରେ ଡିଭିଜନରେ ସଂରକ୍ଷଣ ସ୍ଥିର କରାଯାଇଥାନ୍ତା, ତେବେ ଅନେକ ଡିଭିଜନରେ ସମୀକରଣ ବଦଳି ଯାଇଥାନ୍ତା। ଯଦି ଡ୍ରାଫ୍ଟ ଭୋଟର ତାଲିକା ବିନା ବିଧାନସଭା ନିର୍ବାଚନ ପାଇଁ ଡିଭିଜନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରାଯାଉଥାନ୍ତା, ତେବେ ଏହି କାମ ପୂର୍ବରୁ କରାଯାଇପାରିଥାନ୍ତା, କିନ୍ତୁ ପ୍ରଥମେ ସଂରକ୍ଷଣ ନିର୍ଣ୍ଣୟ କରାଯାଇଥିଲା।

### ବାଂଲାଦେଶୀଙ୍କୁ ଆଶ୍ରୟ...

ଚଢ଼ଉ ସମୟରେ ସିକନ୍ଦର ଓ ତା'ଭାଇ ମୋତିଲାଫ୍ ପୁଲିସକୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଦୁଇ ଭଉଣୀଙ୍କୁ ପୁଲିସ ଗିରଫ କରିଥିଲା। ସେହିପରି ବାଂଲାଦେଶୀଙ୍କୁ ଆଶ୍ରୟ ଦେବା, ଗୋଡି ଖଟାଇବା ଆଦି ଦଫାରେ ମାମଲା ରୁଜୁ ହୋଇଥିଲା। ଦୁଇଟି ସ୍ୱତନ୍ତ୍ର ଟିମ୍ ସିକନ୍ଦରକୁ ଖୋଜୁଥିଲେ।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ବେହେରାମପୁରରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଖବର ପାଇ ଚଢ଼ଉ କରିଥିଲା ପୁଲିସ। ଅତିରିକ୍ତ ଏସ୍‌ପି, ତରିକୁନ୍ଦ ବିଟ୍ ହାଉସ୍ ଅଧିକାରୀ ଓ ମହିଳା କନେଷ୍ଟବଳଙ୍କ ସମେତ ୫ ଜଣ ସାମିଲ ହୋଇଥିଲେ। ଚଢ଼ଉ କରିବା ମାତ୍ରେ ସିକନ୍ଦରର ଦୁଇ ଭଉଣୀ ପୁଲିସକୁ ଆକ୍ରମଣ କରିଥିଲେ। ଏହାର ସୁଯୋଗ ନେଇ ସିକନ୍ଦର ଓ ତା ଭାଇ ମୋତାଲିଫ୍ ଫେରାର ହୋଇ ଯାଇଥିଲେ। ଗଲା ବେଳେ ସିକନ୍ଦର ସାଙ୍ଗରେ ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ନେଇ ପଳାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେବାରୁ ଅଧିକ ଫୋର୍ସ ମଗାଯାଇଥିଲା ଓ ଅଧିକାରୀମାନେ ପହଞ୍ଚିଥିଲେ। ସେତେବେଳକୁ ପ୍ରାୟ ଘଣ୍ଟାଏରୁ ଦେଢ଼ ଘଣ୍ଟା ହୋଇ ଯାଇଥିଲା। ତୁରନ୍ତ ସିକନ୍ଦର ପିଛା କରାଯାଇ ପାରି ନ ଥିଲା।

### ୨୮ରେ ଭୀଷଣ...

ବର୍ତ୍ତମାନ ପ୍ରାରମ୍ଭିକ ଅବସ୍ଥାରେ ରହିଛି। ଲ୍ୟାଣ୍ଡଫଲ୍ ପାଇଁ ଆହୁରି ସପ୍ତାହେ ସମୟ ରହିଥିବାରୁ ଆକଳନ ଠିକ୍ ଭାବେ ହୋଇ ପାରୁନାହିଁ। ସମ୍ଭାବ୍ୟ ବାତ୍ୟା ଯେଉଁଠାରେ ଲ୍ୟାଣ୍ଡଫଲ୍ କଲେ ମଧ୍ୟ ବର୍ଷାର ସମ୍ଭାବନା ରହିଥିବା ନେଇ ସେ ଆକଳନ କହିଛନ୍ତି। ଆଇଏମଡି ଅନୁଯାୟୀ, ନଭେମ୍ବର ୨୪ ସୁଦ୍ଧା ଏହି ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ଅଛି। ଏହି ପ୍ରଣାଳୀ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ, ଓଡ଼ିଶାରେ ଚାରି ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଏବଂ ଦକ୍ଷିଣ ଅଞ୍ଚଳରେ ସର୍ବାଧିକ ବର୍ଷା ହେବ ବୋଲି ଆଶା କରାଯାଉଛି। ତେବେ ଏଯାଏ ଚାଷୀମାନଙ୍କ ଲାଗି ପାଣିପାଗର କୌଣସି ସତର୍କ ସୂଚନା କୃଷି ବିଭାଗ ପକ୍ଷରୁ ଦିଆଯାଇନାହିଁ।

### ଗୁହାରି ଶୁଣିଲେ...

ଦେଖି ପ୍ରକାଶ ତାଙ୍କ ପୁଅକୁ ଧରି ଆଜି ପୁଣି ସିଂହଦ୍ୱାରରେ ପହଞ୍ଚିଥିବା ଜଣାଯାଇଛି। ମହାପ୍ରଭୁ ପୁଅକୁ ଠିଆ କରିଦିଅନ୍ତୁ ବୋଲି କହି ସେ ମହାବାହୁଙ୍କୁ ଆକୁଳ ନିବେଦନ କରିଛନ୍ତି।

# ସମୁଦ୍ର କୂଳରେ ବୁଲୁଛନ୍ତି କୁମ୍ଭୀର: ଧରିବା ପାଇଁ ୮ ଟିମ୍ ଗଠନ

**ଅସ୍ତରଙ୍ଗ,୨୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ-ଚନ୍ଦ୍ରଭଗା ଠାରୁ ଅସ୍ତରଙ୍ଗ ଜାହାନିଆ ସମୁଦ୍ରରେ ବିଭିନ୍ନ ସ୍ଥାନରେ ଏବେ କୁମ୍ଭୀରମାନଙ୍କ ଆତଙ୍କ ଦେଖିବାକୁ ମିଳୁଛି, ଯାହାକୁ ନେଇ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମୁଦ୍ରକୂଳରେ ବୁଲିବା ଓ ସମୁଦ୍ର ମଧ୍ୟରେ ଗାଧୋଇବାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଏବେ ପୁଣି ଅସ୍ତରଙ୍ଗ ଜାହାନିଆ ସମୁଦ୍ରକୂଳରେ ଏକ କୁମ୍ଭୀର ଦେଖା ଦେବାକୁ ନେଇ ସାଧାରଣରେ ଚିନ୍ତାପ୍ରକାଶ ପାଇଛି। ଏନେଇ ବନ ବିଭାଗ ପକ୍ଷରୁ ପର୍ଯ୍ୟଟନ ଋତୁ ଓ କୋଣାର୍କ ଉତ୍ସବକୁ ନଜରରେ ରଖି କୁମ୍ଭୀରକୁ ଧରିବା ପାଇଁ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନେତୃତ୍ୱରେ ରାମଚଣ୍ଡୀ ମୁହାଁଣ ସମୁଦ୍ରକୂଳ ଠାରୁ କୋଣାର୍କ ଚନ୍ଦ୍ରଭଗା ଦେଇ ଅସ୍ତରଙ୍ଗର ଜାହାନିଆ ଓ ଦେବୀ ମୁହାଁଣ ସମୁଦ୍ରକୂଳ ପର୍ଯ୍ୟନ୍ତ ୮ଟି ଟିମି ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏଁ ବନପାଳଙ୍କ ନେତୃତ୍ୱରେ ୫ ଜଣ ବନ କର୍ମଚାରୀଙ୍କୁ ନେଇ ସମୁଦ୍ର କୂଳେ କୂଳେକୂଳେ ଚାଲିଚାଲି ପାଟ୍ରୋଲିଂ କରାଯିବା ସହ ପର୍ଯ୍ୟଟକମାନଙ୍କୁ ସମୁଦ୍ରକୂଳରେ କୁମ୍ଭୀରକୁ ନେଇ ସତର୍କ ରହିବାକୁ ସଚେତନା କରାଯାଉଛି। ଏନେଇ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକ ଚଳାଚଳ କରୁଥିବା ରାମଚଣ୍ଡୀ ମୁହାଁଣ, ଚନ୍ଦ୍ରଭାଗା ଓ ଜାହାନିଆ ସମୁଦ୍ରକୂଳରେ କୁମ୍ଭୀର ପ୍ରତି ସତର୍କ ରହିବା ବ୍ୟାନର ଲଗାଇ ସଚେତନା କରିଛନ୍ତି। ସୂଚନା ଥାଉକି ଗତ ନଭେମ୍ବର ୧୩ ତାରିଖ ପୂର୍ବାହ୍ନରେ ଚନ୍ଦ୍ରଭାଗା ସମୁଦ୍ରକୂଳରେ କେତେକ ପର୍ଯ୍ୟଟକ ଗାଧୋଉଥିଲା ବେଳେ ଅଚନାକ ଏକ ବଉଳା ପ୍ରଜାତିର କୁମ୍ଭୀର ସମୁଦ୍ର ପାଣି ମଧ୍ୟରୁ ଆସି ପର୍ଯ୍ୟଟକଙ୍କ ଗୋଡକୁ ଧରି କାମୁଡିବା ସମୟରେ ପର୍ଯ୍ୟଟକ ଭୟଭୀତ ହୋଇ ହୋହଲ୍ଲା କରିବାରୁ ଖବର ପାଇ ବନବିଭାଗ ପକ୍ଷରୁ ତାକୁ ଉଦ୍ଧାର କରି ନେଇ ଯାଇଥିଲେ। ଏଇ ଘଟଣାକୁ ନେଇ ଚନ୍ଦ୍ରଭଗା ସମୁଦ୍ରରେ ଏହି ମା' କୁମ୍ଭୀରଟି ଶତାଧିକ ଛୁଆ ଜନ୍ମ ଦେଇଥିବା ଆଶଙ୍କା କରାଯାଉଛି।

# ଓଷ୍ଟା ମହିଳା କର୍ମକର୍ତ୍ତାଙ୍କ ଦୁଇ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା

**କଟକ,୨୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ମହିଳା କର୍ମକର୍ତ୍ତାଙ୍କ ରାଜ୍ୟସ୍ତରୀୟ ଦୁଇ ଦିନିଆ କର୍ମଶାଳା ଓଷ୍ଟା ପରିସରସ୍ଥ କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଉଦ୍‌ଘାଟିତ ହୋଇଯାଇଛି। ଓଷ୍ଟା ଭଳି ଏକ ଦୃଢ଼ ଐତିହ୍ୟ ସଂପନ୍ନ ସଂଗଠନର ନେତୃତ୍ୱ ନେବା ମହିଳା ଶିକ୍ଷକମାନଙ୍କର କର୍ତ୍ତବ୍ୟ ଓ ଅଧିକାର ବୋଲି ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି।

ପ୍ରକାଶଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତା'ର ରାଜ୍ୟ କାର୍ଯ୍ୟାଳୟ ନୟାସଡ଼କ, କଟକଠାରେ ମହିଳା କର୍ମକର୍ତ୍ତାଙ୍କ କର୍ମଶାଳାରେ 'ନୂତନ ଶିକ୍ଷାନୀତି ଓ ନାରୀନେତ୍ରୀ' ଶୀର୍ଷକ ଆଲୋଚନା ଚକ୍ରର ଆୟୋଜନ କରିଛି। ଏହି ଦୁଇଦିନିଆ କର୍ମଶାଳାରେ କଟକ ମହାନଗର ନିଗମର ନଗରପାଳ ସୁବାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ପିଲାମାନଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ଶିକ୍ଷୟିତ୍ରୀମାନଙ୍କ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ବୋଲି କହିବା ସହ ପିଲାଙ୍କୁ ଗଢ଼ିବା ଓ ବଢ଼ିବା ପାଇଁ ସୁଯୋଗ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଓଷ୍ଟାର ଏଭଳି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ମାଧ୍ୟମିକ ଶିକ୍ଷାର ପ୍ରାକ୍ତନ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶିକା ତଥା ଅଧୁନା ରାଜ୍ୟ ବିଜେପି ସମ୍ପାଦିକା ଶ୍ରୀମତୀ ପ୍ରୀତି ପ୍ରତିଭା ଭୋଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀମାନଙ୍କୁ ମାତା ଲକ୍ଷ୍ମୀଙ୍କ ସହ ତୁଳନା କରି ନିଜ ସଂକଳ୍ପ ଓ ଦାୟିତ୍ୱକୁ ଭଲ ଭାବରେ ତୁଲାଇବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ରାଜନୀତି ବିଜ୍ଞାନୀ ଓ ସମାଜସେବୀ ବିଜୟ ବହିଦାର ଯୋଗଦେଇ କହିଥିଲେ ଶିକ୍ଷାକ୍ଷେତ୍ର ହେଉଛି ଜ୍ଞାନର କ୍ଷେତ୍ର। ନାରୀମାନେ ଆତ୍ମଚେତନାର ବିକାଶ ଘଟାଇବା ସହ ବ୍ୟାପକ ଭାବରେ ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱର ଅଧିକାରୀ ହେବାର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲାର ପ୍ରାକ୍ତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାପ୍ରସାଦ ବିଶ୍ୱାଳ ଯୋଗଦେଇ ନାରୀମାନଙ୍କ ଭିତରେ ତିନୋଟି ଶକ୍ତି ନିହିତ ଥିବା କଥା ବ୍ୟକ୍ତ କରିଥିଲେ। ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କର୍ମଶାଳାର ଉଦ୍ଦେଶ୍ୟଜ୍ଞାପନ କରିବା ପୂର୍ବକ 'ଓଷ୍ଟା ସଂଗଠନରେ ଶିକ୍ଷୟିତ୍ରୀମାନଙ୍କର ଭୂମିକା' ଓ 'ଶିକ୍ଷା ସମସ୍ୟା ଓ ଏହାର ସମାଧାନରେ ମହିଳାମାନଙ୍କର ଭୂମିକା' ସମ୍ପର୍କରେ ଅଭିମତ ଉପସ୍ଥାପନ କରିଥିଲେ। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର 'ଆମ ସଙ୍ଗଠନର ଇତିହାସ ଓ ବ୍ୟବସ୍ଥାରେ ମହିଳାମାନଙ୍କର ଭୂମିକା', କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ 'ଆମେ ଓ ଆମ ସମ୍ବିଧାନ', ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ 'ସଂଗଠନ ଅଭିବୃଦ୍ଧିରେ ମହିଳା କର୍ମକର୍ତ୍ତାମାନଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତ୍ୱ', କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର 'ସଂଗଠନର ବିତ୍ତ ଓ ବିକାଶରେ ମହିଳାମାନଙ୍କର ଭୂମିକା', ଶିକ୍ଷାପ୍ରଦୀପର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି 'ଆମ ମୁଖପତ୍ର ଓ ନାରୀ ସଶକ୍ତିକରଣ', ଉପସଭାପତି ରାଜଲକ୍ଷ୍ମୀ ବେହେରା 'ନୂତନ ଶିକ୍ଷାନୀତି ଓ ନାରୀନେତ୍ରୀ' ଓ ଆନ୍ଦୋଳନ ସଂପାଦକ ରମାକାନ୍ତ ମହାପାତ୍ର 'ଆନ୍ଦୋଳନରେ ମହିଳା କର୍ମକର୍ତ୍ତାଙ୍କର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଓଷ୍ଟାର ପଦାଧିକାରୀ, ବ୍ଲକ, ଜିଲ୍ଲା ଓ ରାଜ୍ୟନେତୃତ୍ୱଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା ମହିଳା କର୍ମକର୍ତ୍ତାଗଣ ସାମିଲ୍ ହୋଇଥିଲେ। ରାଜ୍ୟ ଓଷ୍ଟାର ସମ୍ପାଦିକା ରଞ୍ଜିତା ମିଶ୍ର ମଞ୍ଚାସୀନ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ